# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 23/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 326 | ମୂଲ୍ୟ ₹୭/-







# ୨୬ ଦୋକାନ, ୫ ଗୋଦାମ ଜଳିଗଲା



ୟୁନିଟ-୧ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୨।୧୦(ସତ୍ୟଜିତ ରାଉତ)

ଭୁବନଶ୍ୱର ୟୁନିଟ-୧ ପରିବା ମାର୍କେଟରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁରେ ୨୬ ଦୋକାନ ଓ ପ୍ରାୟ ୫ଟି ପରିବା ଗୋଦାମ ଜଳିଯାଇଛି। ଆଉ କିଛି ଦୋକାନ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଏଥିରେ କ୍ଷୟକ୍ଷତି ଆକଳନ କରାଯାଇ ନ ଥିଲେ ମଧ୍ୟ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ପ୍ରାଥମିକ ଅନୁସନ୍ଧାନରୁ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସୌଭାଗ୍ୟବଶତଃ ଏହି ଅଘଟଣରେ କୌଣସି ଦୋକାନୀ କିମ୍ବା ଗ୍ରାହକ ଆହତ ହୋଇନାହାନ୍ତି। ଏହି ଭୟଙ୍କର ଅଗ୍ନିକାଣ୍ଡର ଶିକାର ହୋଇଥିବା ହୋଲସେଲ୍ ଓ ରିଟେଲର୍ ବ୍ୟବସାୟୀମାନେ ବହୁ କ୍ଷତି ସହିଛନ୍ତି। ☞ପୃଷ୍ଠା-୪

# 'ବିକ୍ରମ, ପିଣ୍ଟୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ'

ପୀତବାସ ପଣ୍ଡା ହତ୍ୟା ମାମଲା

- ଷଡ଼ଯନ୍ତ୍ରକାରୀ, ମଧ୍ୟସ୍ଥଙ୍କ ସମେତ ୧୨ ଜେଲ ଗଲେ
- ରାଜନୈତିକ, ବ୍ୟବସାୟିକ, ବ୍ୟକ୍ତିଗତ ଶତ୍ରୁତା କାରଣ

ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣା ପଛରେ ରହିଛି ବଡ଼ ଷଡ଼ଯନ୍ତ୍ର। ୧୫ଦିନର ଖୋଳତାଡ଼ ପରେ ପୋଲିସ ବୁଧବାର ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର ଶିବ ଶଙ୍କର ଦାଶ(ପିଣ୍ଟୁ)ଙ୍କ ସମେତ ୧୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ପୀତବାସଙ୍କୁ ହତ୍ୟା କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ବିଏମ୍‌ସିର ଜଣେ କର୍ପୋରେଟର, ଜଣେ ଆଇନଜୀବୀଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ହତ୍ୟା ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଇଥିଲେ। ହତ୍ୟାକାଣ୍ଡ ପାଇଁ ଦୁଇ ନେତା ମଧ୍ୟସ୍ଥଙ୍କ ଜରିଆରେ ୫୦ଲକ୍ଷ ଟଙ୍କାର ଡିଲ୍ କରିଥିଲେ। ଶୁଟରମାନେ ଆଗୁଆ ୧୦ଲକ୍ଷ ଟଙ୍କା ନେଇଥିଲେ। ଅକ୍ଟୋବର ୬ ଘଟଣାଦିନ ଗୁଳିମାଡ଼ କରିଥିବା ଜଣେ ଶୁଟର ଓ ଅନ୍ୟ ୨ଜଣଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ। ସେମାନଙ୍କୁ ଗିରଫ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିଥିବା ଏସ୍‌ପି କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ପୂର୍ବତନ ବିଧାୟକ ବିକ୍ରମଙ୍କୁ ଗିରଫ କରାଯାଇଛି ବୋଲି ବିଜେଡି କହିଛି। ବିଜେଡିର ଅଭିଯୋଗକୁ ଖଣ୍ଡନ କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପୂର୍ବତନ ବିଧାୟକଙ୍କ ଘଟଣାରେ ସମ୍ପୃକ୍ତି ନ ଥିଲେ ତାଙ୍କୁ ସଙ୍ଗେ ସଙ୍ଗେ ଜାମିନ ମିଳିଯିବ।



ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା



ପୂର୍ବତନ ମେୟର ଶିବଶଙ୍କର ଦାଶ(ପିଣ୍ଟୁ)

ବ୍ରହ୍ମପୁର,୨୨।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗତ ୬ତାରିଖ ରାତିରେ ଗୁଳି କରି ହତ୍ୟା କରାଯାଇଥିଲା। ମୋଟର ସାଇକେଲ୍‌ରେ ଆସିଥିବା ୨ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଅତି ନିକଟରୁ ପୀତବାସଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏମ୍‌କେସିଜି ହସ୍ପିଟାଲ୍‌କୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଜଣେ ବରିଷ୍ଠ ଆଇନଜୀବୀଙ୍କୁ ହତ୍ୟା କରାଯିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। କୁମାରପୂର୍ଣ୍ଣିମା ରାତିରେ ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ଥିବା ସତ୍ତ୍ୱେ ଜଣେ ଆଇନଜୀବୀଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣା ସହରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୧୫ଦିନର ଖୋଳତାଡ଼ ମଧ୍ୟରେ ପୋଲିସ ପ୍ରାୟ ୧୦୦ଜଣଙ୍କୁ ପଚରାଉଚରା ☞ପୃଷ୍ଠା-୪

# ଏସ୍‌ଆଇ ନିଯୁକ୍ତି ଦୁର୍ନୀତିର ହେବ ସିବିଆଇ ତଦନ୍ତ: ମୁଖ୍ୟମନ୍ତ୍ରୀ

- ଆନ୍ତଃରାଜ୍ୟ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ସନ୍ଦେହ
- ପୋଲିସ, ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ଲାଗି ପ୍ରତିଷ୍ଠା ହେବ ଆୟୋଗ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ବହୁଚର୍ଚ୍ଚିତ ପୋଲିସ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅନୁସନ୍ଧାନରୁ ଜଣାଯାଇଛି, ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଥାଇପାରେ। ଏହାସହିତ ଦୁର୍ନୀତିରେ ଆନ୍ତଃରାଜ୍ୟ ସଙ୍ଗଠିତ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଏହି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ କରିବା ପାଇଁ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ଲାଗିଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର ☞ପୃଷ୍ଠା-୪

# ବାତ୍ୟାର କୌଣସି ସୂଚନା ନାହିଁ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ନିମନ୍ତେ କୃଷି ବିଭାଗର ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକସେନା, ଭାରତୀୟ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି, ଓୟୁଏଟି ଡିନ୍ ପ୍ରସନ୍ନଜିତ୍ ମିଶ୍ର ମଧ୍ୟ ଯୋଗ ଦେଇଛନ୍ତି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏଯାବତ୍ ରାଜ୍ୟରେ ସମ୍ଭାବ୍ୟ ବାତ୍ୟାର କୌଣସି ସୂଚନା ନାହିଁ। କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ କିଛି ସ୍ଥାନରେ ବଜ୍ରପାତ ହୋଇପାରେ। ତଦନୁଯାୟୀ ଚାଷୀମାନଙ୍କୁ ପାଣିପାଗ ବିଭାଗର ପରାମର୍ଶ ଅନୁପାଳନ କରିବା ପାଇଁ କୃଷି ସଚିବ ଅରବିନ୍ଦ ପାଢ଼ୀ ଅନୁରୋଧ କରିଛନ୍ତି। ଚଳିତ ଖରିଫ୍ ଋତୁରେ (ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ) ରାଜ୍ୟରେ ୧୦୦% ବର୍ଷା ସାଧାରଣ ଭାବେ ହୋଇଛି। ଏହି କାରଣରୁ ଭଲ ଫସଲ ଅମଳ ଆଶା କରାଯାଉଛି। ଚାଷୀ ଭଉଣୀଭାଇମାନେ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ଶୁଣି ଭୟଭୀତ ନ ହେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଚାଷୀମାନେ ୧୫୫୩୩୩ ନମ୍ବରରେ କିମ୍ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର/କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ବୈଠକରେ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆପଡ଼ା: ୧୪ ଜଣଙ୍କ ନାମାଙ୍କନ କାଏମ, ୫ ନାକଚ

ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ଶେଷ

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବୁଧବାର ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଯାଞ୍ଚ ଶେଷ ହୋଇଛି। ଦାଖଲ ହୋଇଥିବା ୧୯ ନାମାଙ୍କନ ପତ୍ର ମଧ୍ୟରୁ ୧୪ଜଣଙ୍କ ନାମାଙ୍କନ କାଏମ ରହିଥିବାବେଳେ ୫ଜଣଙ୍କ ନାକଚ ହୋଇଯାଇଛି। ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଭାବେ ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝୀଙ୍କ ନାମାଙ୍କନ କାଏମ ରହିଛି। ସେହିପରି ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳର ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ: ହିନ୍ଦୁ ମନ୍ଦିରର କ୍ରମବିକାଶ







## ଦିଲ୍ଲୀରେ ଆଜି




ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତି ଖରାପ ସ୍ତରରେ ପହଞ୍ଚିଛି। ଦିଲ୍ଲୀର ସାଉଥ୍ ବ୍ଲକ, ନର୍ଥ ବ୍ଲକ ଓ ରାଷ୍ଟ୍ରପତି ଭବନ ଆକାଶରେ ବୁଧବାର ଧୂଆଁର ଘନ ଆସ୍ତରଣ। (ଫଟୋ- ଚମନ ଗୌତମ)

# କାନାଡାରେ ପଞ୍ଜାବୀ ଗାୟକଙ୍କୁ ରୋହିତ ଗୋଦାରା ଗ୍ୟାଙ୍ଗ୍‌ର ଗୁଳିମାଡ଼

ଓଟ୍ଟାୱା, ୨୨।୧୦

କାନାଡାରେ ପଞ୍ଜାବୀ ଗାୟକ ତେଜି କହଲୋଁଙ୍କ ଉପରକୁ ଗୁଳିମାଡ଼ ହୋଇଥିବାର ମାମଲା ସାମ୍ନାକୁ ଆସିଛି। ଏହି ଫାୟାରିଂ ନେଇ ରୋହିତ ଗୋଦାରା ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଏନେଇ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ଫେସ୍‌ବୁକରେ ସୂଚନା ଦେଇଛନ୍ତି। ସେ ଏକ ପୋଷ୍ଟକରି ଲେଖିଛନ୍ତି, "କାନାଡାରେ ତେଜି କହଲୋଁଙ୍କ ଉପରକୁ ହୋଇଥିବା ଗୁଳିମାଡ଼ ଆମେ କରାଇଛୁ। ତାଙ୍କ ଉପରେ ୩ ରାଉଣ୍ଡର ଫାୟାରିଂ ହୋଇଛି। ତେଜିଙ୍କ ପେଟରେ ଗୁଳି ଲାଗିଛି। ଏହାର ସନ୍ଦେଶ ଯଦି ସେ ବୁଝିପାରିଥିବେ ତ ଠିକ୍, ନଚେତ ପରବର୍ତ୍ତୀ ଥର ତାଙ୍କୁ ହତ୍ୟା କରିବୁ। ତେଜି ଆମର ଶତ୍ରୁମାନଙ୍କୁ ଅସ୍ତ୍ର ଯୋଗାଇବା ସହ ସେମାନଙ୍କୁ ଆର୍ଥିକ ସହାୟତା କରୁଥିଲେ। ସେ କାନାଡାରେ ରୋହିତ ଗୋଦାରା ଗ୍ୟାଙ୍ଗ୍‌ର ସୂଚନା ରଖିବା ସହ ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ଆକ୍ରମଣର ଯୋଜନା କରୁଥିଲେ। ଆଗାମୀ ଥର ଏପରି କୌଣସି ସୂଚନା ମିଳିଲେ ତେଜି ଓ ତାଙ୍କ ପରିବାରକୁ ଛଡ଼ାଯିବ ନାହିଁ।" ସୋସିଆଲ ମିଡିଆରେ ଉକ୍ତ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ତେବେ ତେଜିଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସୂଚନା ମିଳିପାରି ନାହିଁ। ୨୦୧୯ରେ ପଞ୍ଜାବୀ ଗୀତ 'ମିଠି ଜେଲ୍' ତେଜିଙ୍କୁ ଲୋକପ୍ରିୟ କରାଇଥିଲା। ତାଙ୍କର ହିଟ୍ ହୋଇଥିବା ପଞ୍ଜାବୀ ଗୀତଗୁଡ଼ିକ ମଧ୍ୟରେ 'ଝୁମର', '୮ କିତିୟାଁ', 'ଦୋ କିଲ୍ଲେ', 'ଟାଇମ ଚକ୍ ଦେ', 'ଜିନ୍ନା ଚିର୍', 'ନିତ୍ ଦା ଶରାବୀ' ଆଦି ରହିଛି।


ତେଜି କହଲୋଁ

# ଡିପ୍‌ଫେକ୍‌ରେ ଲାଗିବ ଅଙ୍କୁଶ

**ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)-ଜେନେରେଟେଡ୍ ଡିପ୍‌ଫେକ୍ ଓ ସିନ୍ଥେଟିକ୍ କଣ୍ଟେଣ୍ଟରେ ଅଙ୍କୁଶ ଲଗାଇବା ପାଇଁ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଆଇଟି ନିୟମରେ ସଂଶୋଧନ ଆଣିବାକୁ ଯାଉଛି। ତଦନୁସାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ୟୁଜର୍ସ ଥିବା ସୋସିଆଲ ମିଡିଆ ଜାଏଣ୍ଟଗୁଡ଼ିକୁ ଆର୍ଟିଫିସିଆଲ କଣ୍ଟେଣ୍ଟ ଚିହ୍ନଟ ସହ ଲେବେଲ କରିବାକୁ ପଡ଼ିବ, ଯଦ୍ୱାରା ୟୁଜର୍ସ ବାସ୍ତବ କଣ୍ଟେଣ୍ଟ ଓ ଏହା ମଧ୍ୟରେ ଥିବା ପ୍ରଭେଦକୁ ଜାଣିପାରିବେ। କୃତ୍ରିମ ବୁଦ୍ଧିମତ୍ତାର ଦୁରୁପଯୋଗକୁ ନେଇ ଚିନ୍ତା ବଢ଼ୁଥିବାବେଳେ ଏହି ପଦକ୍ଷେପ ଉତ୍ତରଦାୟିତ୍ୱ ସ୍ଥିର ସହ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।**

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୨୨।୧୦(ରଏଟର୍ସ/ଏଜେନ୍ସି)

### ଫୋକସ୍‌ରେ ଏଆଇ: ଆଇଟି ନିୟମରେ ସଂଶୋଧନ ପାଇଁ କେନ୍ଦ୍ରର ପ୍ରସ୍ତାବ



କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଆଇଟି ନିୟମରେ ପରିବର୍ତ୍ତନ ପାଇଁ ଏକ ପ୍ରସ୍ତାବ ଅଣାଯାଇଛି। ଡିପ୍‌ଫେକ୍ ସମେତ ଏଆଇ-ଜେନେରେଟେଡ୍ କଣ୍ଟେଣ୍ଟରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ଦିଷ୍ଟ ଏହି ପ୍ରସ୍ତାବ ଉପରେ ନଭେମ୍ବର ୬ ସୁଦ୍ଧା ଜନମତ ଲୋଡ଼ାଯାଇଛି। ଚିଠା ପ୍ରସ୍ତାବରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଅଧିକ ଉତ୍ତରଦାୟୀ କରିବାକୁ ସ୍ଥିର ହୋଇଛି। ତଦନୁସାରେ ୟୁଜର୍ସ କିପରି ବାସ୍ତବ ସୂଚନା ପାଇପାରିବେ, ତାହା ସମ୍ପୃକ୍ତ ପ୍ଲାଟ୍‌ଫର୍ମଗୁଡ଼ିକ ସୁନିଶ୍ଚିତ କରିବେ। କୃତ୍ରିମ ଭାବେ ଜେନେରେଟ୍ ହୋଇଥିବା ସୂଚନାକୁ ଏଥିରେ କଣ୍ଟେଣ୍ଟ କ୍ରିଏଟେଡ୍, ଅଲ୍‌ଟର୍ଡ କିମ୍ବା ମୋଡିଫାଏଡ୍ ବାଇ କମ୍ପ୍ୟୁଟର ଟୁଲ୍ସ ରୂପେ ବର୍ଗୀକୃତ କରାଯାଇଛି। ନୂଆ ନିୟମ ଅନୁସାରେ ୫୦ ଲକ୍ଷରୁ ଅଧିକ ୟୁଜର୍ସ ଥିବା ବଡ଼ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ୟୁଜର୍ସଙ୍କୁ ପ୍ରଶ୍ନ କରିବେ ଯେ ସେମାନେ ଅପ୍‌ଲୋଡ୍ କରୁଥିବା କଣ୍ଟେଣ୍ଟ ସିନ୍ଥେଟିକ୍ କି? ଏହା ପରେ ପ୍ଲାଟ୍‌ଫର୍ମ ଏହି ଦାବିକୁ ଯାଞ୍ଚ କରିବା ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ନେବ। କଣ୍ଟେଣ୍ଟକୁ ଚିହ୍ନଟ କରି ସେଥିରେ 'ସିନ୍ଥେଟିକ୍ କଣ୍ଟେଣ୍ଟ' ଲେବେଲ୍ ଲଗାଇବେ। ଏହା ଦେଖିବା ପରେ ଅନ୍ୟ ୟୁଜର୍ସ ତାକୁ ଅଥେଣ୍ଟିକ୍ ନୁହେଁ ବୋଲି ଜାଣିପାରିବେ। ଲେବେଲ କିମ୍ବା ମାର୍କର ସମ୍ପୂର୍ଣ୍ଣ ଭାବେ ସ୍ୱଷ୍ଟ ଉଲ୍ଲେଖ ରହିବ, ଯେପରି କି ଭିଡିଓର ଅନ୍ୟୁନ ୧୦% ସ୍କ୍ରିନ୍‌ରେ ତାହା ଦୃଶ୍ୟମାନ ହେବ। ସେହିପରି ଅଡିଓ କ୍ଲିପ୍ ହୋଇଥିଲେ ତାହାର ପ୍ରଥମ ୧୦% ଭଏସ୍‌ରେ ଏହା ସିନ୍ଥେଟିକ୍ ବୋଲି କୁହାଯିବ। ଏହି ମାର୍କରକୁ ପ୍ଲାଟ୍‌ଫର୍ମଗୁଡ଼ିକ ହଟାଇ କିମ୍ବା ବଦଳାଇ ପାରିବେ ନାହିଁ। ତେବେ ପ୍ରସ୍ତାବିତ ନିୟମରେ ପ୍ଲାଟ୍‌ଫର୍ମଗୁଡ଼ିକୁ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି। ଅଭିଯୋଗ ଆସିଲେ ସେମାନେ ତାର ତର୍ଜମା କରି ସମ୍ପୃକ୍ତ ପୋଷ୍ଟକୁ ହଟାଇପାରିବେ କିମ୍ବା ବ୍ଲକ୍ କରିପାରିବେ।

# ୧୬% ପର୍ଯ୍ୟନ୍ତ କମିପାରେ ଟ୍ରମ୍ପ୍ ଟାରିଫ୍

**ଭାରତ ଓ ଆମେରିକା ଏକ ବହୁପ୍ରତୀକ୍ଷିତ ବାଣିଜ୍ୟିକ ଚୁକ୍ତି ଚୂଡ଼ାନ୍ତ କରିବାକୁ ଯାଉଛନ୍ତି। ଭାରତରୁ ସାମଗ୍ରୀ ଆମଦାନୀ ଉପରେ ଆମେରିକା ବର୍ତ୍ତମାନ ୫୦% ଟାରିଫ୍ କଷୁଥିବାବେଳେ ଏହାକୁ ୧୫%ରୁ ୧୬% ପର୍ଯ୍ୟନ୍ତ ହ୍ରାସ କରିପାରେ ବୋଲି କୁହାଯାଉଛି। ପ୍ରସ୍ତାବିତ ଚୁକ୍ତିରେ ବିଶେଷକରି ଶକ୍ତି ଓ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିବା ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକାଧିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ଦୀପାବଳି ଶୁଭେଚ୍ଛା ଜଣାଇବା ସହ ବାଣିଜ୍ୟିକ ଆଲୋଚନା କରିଥିବା ସୂଚନା ଦେଇଛନ୍ତି। ତେଣୁ ଆମେରିକା ଆମଦାନୀ ଶୁଳ୍କ ହ୍ରାସ କରିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି।**

ନୂଆଦିଲ୍ଲୀ/ୱାଶିଂଟନ୍, ୨୨।୧୦


ହ୍ୱାଇଟ୍ ହାଉସ୍ ଓଭାଲ୍ ଅଫିସରେ ଦୀପାବଳି ପାଳନ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

### ମୋଦିଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇଲେ ଟ୍ରମ୍ପ୍

### ଉଭୟଙ୍କ ମଧ୍ୟରେ ବାଣିଜ୍ୟିକ ଆଲୋଚନା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅଗଷ୍ଟରେ ୨ଟି ପର୍ଯ୍ୟାୟରେ ଭାରତୀୟ ସାମଗ୍ରୀ ଉପରେ ୫୦% ଆମଦାନୀ ଶୁଳ୍କ କଷିଥିଲେ। ସେଥିରୁ ୨୫% ଟାରିଫ୍ ହୋଇଥିବାବେଳେ ଅତିରିକ୍ତ ୨୫% ହେଉଛି ରୁଷୀୟ ତୈଳ କ୍ରୟ ବାବଦକୁ ଜରିମାନା। ଏହି ଉଚ୍ଚ ଟାରିଫ୍ ଯୋଗୁ ନୂଆଦିଲ୍ଲୀ-ୱାଶିଂଟନ୍ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ଭାରତରୁ ଆମେରିକାକୁ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି। ଫଳରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ଇତିମଧ୍ୟରେ ଭାରତ ରୁଷୀୟ ତୈଳ କ୍ରୟ ବନ୍ଦ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶ୍ୱାସନା ଦେଇଥିବା ବିଷୟ ଟ୍ରମ୍ପ୍ କହିଥିଲେ, ଯାହାକୁ ନୂଆଦିଲ୍ଲୀ ଖଣ୍ଡନ କରିଥିଲା। ଏହି ପରିପ୍ରେକ୍ଷୀରେ ଦୁଇଦେଶ ଟ୍ରେଡ୍ ଉପରେ ଆଲୋଚନା ଜାରି ରଖିଛନ୍ତି। ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହେଉଛି ଭାରତ କ୍ରମଶଃ ରୁଷୀୟ କ୍ରୁଡ୍ ଅଏଲ୍ ଆମଦାନୀ ହ୍ରାସ କରିବ। ରୁଷୀୟ ଶକ୍ତି ଯୋଗାଣ ଉପରେ ବୈଶ୍ୱିକ ନିର୍ଭରଶୀଳତାକୁ ସୀମିତ କରିବା ପାଇଁ ୱାଶିଂଟନ୍‌ର ଉଦ୍ୟମ କ୍ରମେ ନୂଆଦିଲ୍ଲୀ ଏଭଳି ପଦକ୍ଷେପ ନେଇପାରେ।

ଆମେରିକା ସହ ଚାଲିଥିବା ଆଲୋଚନା ସମ୍ପର୍କରେ ଅବଗତ ଥିବା ଅଧିକାରୀମାନେ କହିଛନ୍ତି, ଚଳିତ ମାସରେ ହେବାକୁ ଥିବା ଏସିଆନ୍ ସମିଟ୍ ପୂର୍ବରୁ ଡିଲ୍ ଚୂଡ଼ାନ୍ତ କରିବା ପାଇଁ ଉଭୟ ପକ୍ଷ ଆଲୋଚନା ଜାରି ରଖିଛନ୍ତି। ଉକ୍ତ ସମ୍ମିଳନୀରେ ଏନେଇ ଚୂଡ଼ାନ୍ତ ଘୋଷଣା କରାଯାଇପାରେ। ତେବେ ଏହା ଉପରେ ଭାରତର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏବଂ ହ୍ୱାଇଟ୍‌ହାଉସ୍ ପକ୍ଷରୁ ତତ୍କାଳ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ଦିଗରେ ଅନ୍ୟ ଏକ ଘଟଣାକ୍ରମ ହେଲା ଟ୍ରମ୍ପ୍-ମୋଦିଙ୍କ ସଦ୍ୟ ଆଲୋଚନା। ଟ୍ରମ୍ପ୍ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରି ଦୀପାବଳି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଦୁଇନେତାଙ୍କ ମଧ୍ୟରେ ଆଲୋଚନାବେଳେ ଫୋକସ୍‌ରେ ମୁଖ୍ୟତଃ ଟ୍ରେଡ୍ ରହିଥିଲା। ଟ୍ରମ୍ପ୍ କହିଛନ୍ତି, ଏନର୍ଜି ସେକ୍ଟର ଉପରେ ମଧ୍ୟ ମୋଦିଙ୍କ ସହ ଆଲୋଚନା ହୋଇଛି। ରୁଷିଆଠାରୁ ତୈଳ କିଣିବା ସୀମିତ କରାଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ପୁଣି ଥରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ଟ୍ରମ୍ପଙ୍କ ସହ ଆଲୋଚନା ହୋଇଥିବା କହିଛନ୍ତି, କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ ବିଷୟରେ କଥା ହୋଇଛନ୍ତି ତାହାର ସବିଶେଷ ବିବରଣୀ ଦେଇନାହାନ୍ତି। ଆଲୋକର ପର୍ବ ଦୀପାବଳିରେ ଆମ ଦୁଇ ମହାନ୍ ଗଣତନ୍ତ୍ର ବିଶ୍ୱକୁ ଆଲୋକିତ କରୁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଓ ଆମେରିକା ଏକଜୁଟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ 'X'ରେ ଉଲ୍ଲେଖ କରିବା ସହ ଟ୍ରମ୍ପଙ୍କୁ ଫୋନ୍ କଲ୍ ଓ ଦୀପାବଳି ଅଭିନନ୍ଦନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ପ୍ରକାଶ ଯେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ପୂର୍ବରୁ ନିଜ ଚାହିଦା ପୂରଣ ପାଇଁ ମଧ୍ୟପ୍ରାଚ୍ୟ ତୈଳ ଉପରେ ନିର୍ଭରଶୀଳ ରହିଆସିଥିଲା। ତେବେ ୨୦୨୨ ଫେବୃଆରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠାରୁ ମସ୍କୋଠାରୁ ରିହାତି ମୂଲ୍ୟରେ ଭାରତର ତୈଳ କ୍ରୟ ପରିମାଣ ଅହେତୁକ ବୃଦ୍ଧି ପାଇଛି। ପୂର୍ବରୁ ଭାରତ ରୁଷିଆଠାରୁ ୧% କ୍ରୁଡ୍ ଅଏଲ୍ କିଣୁଥିବାବେଳେ ଏଥିରେ ହଠାତ୍ ପ୍ରାୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି। ଟ୍ରମ୍ପ୍ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରଠୁ ଯୁଦ୍ଧ ବନ୍ଦ ଦିଗରେ ପଦକ୍ଷେପ ନେବା ସହ ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ରୂପକ ତୈଳ ନ କିଣିବାକୁ ଭାରତକୁ ପରାମର୍ଶ ଦେଇଆସିଛନ୍ତି। କିନ୍ତୁ ନୂଆଦିଲ୍ଲୀ ଦେଶର ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମସ୍କୋଠାରୁ ତୈଳ କିଣିବା ଜାରି ରଖିଥିବାରୁ ଟ୍ରମ୍ପ୍ ଭାରତ ଉପରେ ଉଚ୍ଚ ଟାରିଫ୍ କଷିଥିଲେ। ଟ୍ରମ୍ପ୍ ଏହି ଟାରିଫ୍‌କୁ ୧୫-୧୬%ରେ ସୀମିତ ରଖିଲେ ଆମେରିକା ବଜାରକୁ ଭାରତୀୟ ସାମଗ୍ରୀଗୁଡ଼ିକର ପ୍ରବେଶ ସୁଗମ ହେବ ବୋଲି ଆଶା କରାଯାଉଛି।

# ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଆକ୍ରମଣ, ବଳାତ୍କାର ଧମକ

କୋଲ୍‌କାତା, ୨୨।୧୦

### ୩ ଗିରଫ

ପଶ୍ଚିମବଙ୍ଗର ହାଓଡ଼ା ଜିଲା ଉଲୁବେରିଆସ୍ଥିତ ଏକ ସରକାରୀ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଆକ୍ରମଣ କରାଯିବା ସହ ବଳାତ୍କାର ଧମକ ଦିଆଯାଇଥିବାର ମାମଲା ସାମ୍ନାକୁ ଆସିଛି। ଘଟଣାକୁ ନେଇ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସୋମବାର ଏହି ଘଟଣା ଘଟିଛି। ଅଭିଯୁକ୍ତମାନେ ଜଣେ ରୋଗୀଙ୍କ ସମ୍ପର୍କୀୟ ହୋଇଥିବା ଜଣାପଡ଼ିଛି। ସୋମବାର ଦ୍ୱିପ୍ରହର ସମୟରେ ଜଣେ ମହିଳା ଡାକ୍ତରଙ୍କ ସହ ସେମାନଙ୍କର ଝଗଡ଼ା ହୋଇଥିଲା। ଝଗଡ଼ା ବଢ଼ିବାରୁ ସେମାନେ ଉତ୍ତେଜିତ ହୋଇ ମହିଳା ଡାକ୍ତରଙ୍କୁ ମାଡ଼ ମାରିବା ସହ ତାଙ୍କୁ ବଳାତ୍କାର କରିବା ପାଇଁ ଧମକ ଦେଇଥିଲେ। ମହିଳା ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ବୁଧବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରେ ଟ୍ରାଫିକ ପୋଲିସ ଭାବେ କାର୍ଯ୍ୟରତ ହୋମଗାର୍ଡ ଶେଖ୍ ହସିବୁଲ୍ ରହିଛନ୍ତି। ୨ ଅନ୍ୟ ଅଭିଯୁକ୍ତ ହେଉଛନ୍ତି ଶେଖ୍ ସମ୍ରାଟ ଏବଂ ଶେଖ ବାବୁଲାଲ୍। କୋଲକାତାର ଆର. ଜି. କର୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ନିର୍ମମ ହତ୍ୟାର ବର୍ଷେ ପରେ ଏହି ଘଟଣା ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ମହିଳା ଡାକ୍ତର ସୁରକ୍ଷିତ ନାହାନ୍ତି ବୋଲି ବିରୋଧୀ ଭାଜପା କହିଛି।

# ହେଲିପ୍ୟାଡ୍‌ରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର

ଥିରୁଭାନନ୍ତପୁରମ, ୨୨।୧୦



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁରକ୍ଷାରେ ବଡ଼ ଅବହେଳା ହୋଇଥିବାର ମାମଲା ସାମ୍ନାକୁ ଆସିଛି। ରାଷ୍ଟ୍ରପତି ମୁର୍ମୁଙ୍କୁ କେରଳର ସାବରିମାଳା ମନ୍ଦିର ଗସ୍ତରେ ନେଇ ଯାଉଥିବା ହେଲିକପ୍ଟରଟି ବୁଧବାର ପଥାନାମଥିଟ୍ଟାସ୍ଥିତ ପ୍ରମଦମ ଷ୍ଟାଡିୟମରେ ନିର୍ମିତ ଏକ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଫସିଯାଇଥିଲା। ହେଲିପ୍ୟାଡ୍‌ଟି ହେଲିକପ୍ଟରର ଓଜନ ସହ୍ୟ କରିପାରି ନ ଥିଲା। ଫଳରେ ହେଲିକପ୍ଟରର ଏକ ଅଂଶ ହେଲିପ୍ୟାଡ୍‌ର ଓଦା କଂକ୍ରିଟରେ ଫସି ଯାଇଥିଲା। ହେଲିକପ୍ଟର ମଧ୍ୟରୁ ରାଷ୍ଟ୍ରପତି ମୁର୍ମୁ ଓ ଅନ୍ୟ ଅଧିକାରୀ ସୁରକ୍ଷିତ ଓହ୍ଲାଇ ସଡ଼କ ମାର୍ଗରେ ସାବରିମାଳା ମନ୍ଦିର ଗସ୍ତ କରିଥିଲେ। ପରେ ଘଟଣାସ୍ଥଳରେ ନିୟୋଜିତ ପୋଲିସ ଏବଂ ଅଗ୍ନିଶମବିଭାଗର କର୍ମୀମାନେ ହେଲିକପ୍ଟରକୁ ଠେଲି ଫସି ରହିଥିବା ସ୍ଥାନରୁ ବାହାର କରିଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଖରାପ ପାଗ ଯୋଗୁ ଶେଷ ମୁହୂର୍ତ୍ତରେ ରାଷ୍ଟ୍ରପତିଙ୍କ ହେଲିକପ୍ଟରର ଲ୍ୟାଣ୍ଡିଂ ପାଇଁ ପ୍ରମଦମ ଷ୍ଟାଡିୟମରେ ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଥିଲା। ମଙ୍ଗଳବାର ରାତିରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ତେଣୁ ହେଲିପ୍ୟାଡ୍‌ର କଂକ୍ରିଟ୍ ସମ୍ପୂର୍ଣ୍ଣ ଭାବେ ଟାଣ ହୋଇ ନ ଥିଲା ଏବଂ ଅବତରଣ ସମୟରେ ଏହା ହେଲିକପ୍ଟରର ଓଜନକୁ ସହ୍ୟ କରିପାରି ନ ଥିଲା।

## ଫୁରସତ୍

# ଚାଟ୍‌ଜିପିଟି ଜିତାଇଲା ୮୮ ଲକ୍ଷର ଲଟେରି

ୱାଶିଂଟନ

ଆମେରିକାର ମିଶିଗାନ୍ ନିବାସୀ ଟାମି କାର୍ଭେ (୪୫) ଏଆଇ ପ୍ଲାଟ୍‌ଫର୍ମ ଚାଟ୍‌ଜିପିଟିର ସାହାଯ୍ୟ ନେଇ ୧ ଲକ୍ଷ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)ର ଲଟେରି ଜିତିଛନ୍ତି।

କାର୍ଭେ କହିଛନ୍ତି, ଗତ ସେପ୍ଟେମ୍ବରରେ ସେ ଅନ୍‌ଲାଇନରେ ପାୱାରବଲ୍ ଲଟେରି ଟିକେଟ୍ କିଣିଥିଲେ। ତାଙ୍କ ପାଇଁ ପାୱାରବଲ୍ ଲଟେରି ନମ୍ବର ବାଛିବା ପାଇଁ ସେ ଚାଟ୍‌ଜିପିଟିକୁ କହିଥିଲେ। ଚାଟ୍‌ଜିପିଟି ତୁରନ୍ତ କିଛି ର୍‍ୟାଣ୍ଡମ ନମ୍ବର ଜେନେରେଟ କରିଥିଲା। ଚାଟ୍‌ଜିପିଟି ଚୟନ କରିଥିବା ନମ୍ବରଗୁଡ଼ିକୁ ନେଇ କାର୍ଭେ ଲଟେରି ଖେଳିଥିଲେ। କାର୍ଭେଙ୍କ ପାଇଁ ଚାଟ୍‌ଜିପିଟି ହ୍ୱାଇଟ ବଲ୍ ଶ୍ରେଣୀରେ ୧୧,୨୩,୪୪,୬୧ ଏବଂ ୬୨ ଏବଂ ରେଡ ପାୱାରବଲ୍ ଶ୍ରେଣୀରେ ୧୭ ନମ୍ବରକୁ ବାଛିଥିଲା। ଗତ ସେପ୍ଟେମ୍ବର ୬ରେ ହୋଇଥିବା ଡ୍ରରେ, କାର୍ଭେଙ୍କ ୪ଟି ହ୍ୱାଇଟ ବଲ୍ ମେଳ ଖାଇଥିଲା, ଯାହା ତାଙ୍କୁ ୫୦ ହଜାର ଡଲାର (ପ୍ରାୟ ୪୪ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ଜିତାଥିଲା। ତେବେ ପାୱାର ପ୍ଲେ ବିକଳ୍ପ ବାଛିଥିବା ଯୋଗୁ ତାଙ୍କ ବିଜୟ ମୂଲ୍ୟ ୨ ଗୁଣା ହୋଇ ୧ ଲକ୍ଷ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)କୁ ବୃଦ୍ଧି ପାଇଥିଲା।




୧ ଲକ୍ଷ ଡଲାର ଚେକ୍ ସହ ଟାମି କାର୍ଭେ (ଡାହାଣ)।

# ସ୍ୱାଧୀନତା ସଂଗ୍ରାମୀ ପ୍ରଭାସ

ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ପ୍ରଭାସ ଆଗାମୀ ଚଳଚ୍ଚିତ୍ର 'ଦି ରାଜା ସାବ'କୁ ନେଇ ଚର୍ଚ୍ଚାରେ। ତାଙ୍କର ଆଉ ଏକ ଫିଲ୍ମ ସମ୍ପର୍କରେ ବୁଧବାର ସୂଚନା ମିଳିଛି। ମାଇଥ୍ରୀ ମୁଭି ମେକର୍ସ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟର ଶେୟାର କରାଯାଇଛି, ଯେଉଁଥିରେ ପ୍ରଭାସ୍‌ଙ୍କୁ ଟ୍ୟାଗ୍ କରାଯାଇଛି। ଏଥିରେ ପ୍ରଭାସଙ୍କ ସମ୍ପୂର୍ଣ୍ଣ ଲୁକ୍‌କୁ ପ୍ରକାଶ କରାଯାଇନାହିଁ। ପୋଷ୍ଟରରେ ଗ୍ରେଟ୍ ବ୍ରିଟେନ୍‌ର ପତାକା ଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, '୧୯୩୨ ମସିହାରୁ ମୋଷ୍ଟ ୱାଣ୍ଟେଡ୍।' ଏହି ଫିଲ୍ମ ଭାରତରେ ବ୍ରିଟିଶ୍ ଶାସନକୁ ନେଇ ଆଧାରିତ। ଏଥିରେ ପ୍ରଭାସଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଗୁରୁବାର ପ୍ରଭାସଙ୍କ ୪୬ତମ ଜନ୍ମଦିନ ଅବସରରେ ଏହି ଫିଲ୍ମର ଟାଇଟଲ ଘୋଷଣା ହେବ। ଫିଲ୍ମରେ ଅଭିନେତା ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର୍, ଅଭିନେତ୍ରୀ ଜୟା ପ୍ରଦାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ଆସନ୍ତା ବର୍ଷ ଅଗଷ୍ଟରେ ଏହି ଫିଲ୍ମ ରିଲିଜ୍ ହେବ।


ପ୍ରଭାସ

## ଡ୍ୟାମ୍ ସୁରକ୍ଷା କମିଟି ପୁନର୍ଗଠିତ

ଭୁବନେଶ୍ୱର(ରବିନାରାୟଣ ଜେନା): ରାଜ୍ୟରେ ଥିବା ବିଭିନ୍ନ ନଦୀବନ୍ଧର ସୁରକ୍ଷା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ଡ୍ୟାମ୍ ସୁରକ୍ଷା କମିଟିର ପୁନର୍ଗଠନ କରାଯାଇଛି। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ସରକାରଙ୍କ ଡ୍ୟାମ୍ ସୁରକ୍ଷା ଆଇନ-୨୦୨୧ ଅନୁସାରେ ପୂର୍ବ କମିଟିର ଅବଧି ଶେଷ ହୋଇଛି ଏବଂ ନୂତନ କମିଟି ପୁନର୍ଗଠନ ହୋଇଛି। ଏହି ୧୫ ଜଣିଆ କମିଟିରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ ମୁଖ୍ୟଯନ୍ତ୍ରୀ(ଡ୍ୟାମ୍ ସେଫ୍ଟି) ଆବାହକ ରହିଛନ୍ତି। ଏହାବାଦ୍ ୧୩ ଜଣ ସଦସ୍ୟ ଏହି ପୁନର୍ଗଠିତ କମିଟିରେ ସ୍ଥାନ ପାଇଛନ୍ତି।




# ଯୁକ୍ତ୨ ନାମଲେଖା ପାଇଁ ତୃତୀୟ ପର୍ଯ୍ୟାୟ ମେଧାତାଲିକା

## ୧୦୫୭୬ ଜଣ ଛାତ୍ରୀଛାତ୍ର ଚୟନ, ୮୫୮୭ଜଣ ନୂଆ ଆବେଦନକାରୀ

**ଭୁବନେଶ୍ୱର,୨୨।୧୦(ସୁଚିସ୍ମିତା ସାହୁ)**

ଯୁକ୍ତ୨ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୧୦୫୭୬ ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ଏଥିମଧ୍ୟରେ ନୂତନ ଭାବେ ଆବେଦନ କରିଥିବା ୮୫୮୭ଜଣ ଛାତ୍ରୀଛାତ୍ର ଚୟନ ହୋଇଥିବାବେଳେ ଅବଶିଷ୍ଟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ହୋଇ ନାମଲେଖାଇ ନ ଥିବା ଛାତ୍ରୀଛାତ୍ର ରହିଛନ୍ତି। କଳାରେ ନାମ ଲେଖାଇବା ପାଇଁ ସର୍ବାଧିକ ୬୫୮୪ଜଣ ପିଲା ମନୋନୀତ ହୋଇଥିବାବେଳେ ବିଜ୍ଞାନରେ ୨୪୩୯, ସଂସ୍କୃତରେ ୯୪୬, ବାଣିଜ୍ୟରେ ୪୧୬ ଓ ଧନ୍ଦାମୂଳକ ଶିକ୍ଷାରେ ୧୯୧ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୫୩୬୯ ଜଣ ଛାତ୍ର ଥିବାବେଳେ ୫୨୦୭ ଜଣ ଛାତ୍ରୀ ରହିଛନ୍ତି। ଆସନ୍ତା ୨୩ରୁ ୨୮ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ସମ୍ପୃକ୍ତ ଛାତ୍ରୀଛାତ୍ର ନାମଲେଖାଇପାରିବେ। ୨୯ ତାରିଖରେ ୱେଟିଂରେ ଥିବା ଛାତ୍ରୀଛାତ୍ର ପଞ୍ଜୀକରଣ କରିବାକୁ ଥିବାବେଳେ ୩୦ତାରିଖରେ ୱେଟିଂ ଲିଷ୍ଟ ମେଧା ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ର ୩୧ତାରିଖରେ ନାମଲେଖାଇବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ନଭେମ୍ବର ୩କୁ ଘୁଞ୍ଚିଲା

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

**କଟକ,୨୨।୧୦(କାର୍ତ୍ତିକ ସାହୁ)**

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ହାଇକୋର୍ଟରେ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ବିଚାରପତି ଗୌରୀଶଙ୍କର ଶତପଥୀ ବୁଧବାର ମାମଲାର ଶୁଣାଣି କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଅଦାଲତରେ କେସ ଡାଏରୀ ଦାଖଲ କରାଯାଇଥିଲା। ନଭେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜୀତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକ ଏକତ୍ର ଶୁଣାଣି ହୋଇଥିଲା।

ସୂଚନାଯୋଗ୍ୟ ଯେ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜୀତନ ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଜେଏସ୍‌ପିଏଲ୍ ରୋଇଡ଼ା ଖଣିର କାର୍ଯ୍ୟାଦେଶ ପ୍ରତ୍ୟାହାର

- ଜଙ୍ଗଲ ନିୟମ ଉଲ୍ଲଂଘନ
- ୨ ଗାଡ଼ି ଜବତ, ମାମଲା ରୁଜୁ

**ଯୋଡ଼ା/କେନ୍ଦୁଝର,୨୨।୧୦ (ମାନସ ମହାନ୍ତି/ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣି ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) କମ୍ପାନୀର ଖଣି କାର୍ଯ୍ୟାଦେଶକୁ ବନ ବିଭାଗ ଦ୍ୱାରା ପ୍ରତ୍ୟାହୃତ କରାଯାଇଛି। ଏଥିସହ ଏକ ମାମଲା ରୁଜୁହୋଇ ୨ ଗାଡ଼ି ଜବତ କରାଯାଇଥିବା କେନ୍ଦୁଝର ଜିଲା ବନ ଅଧିକାରୀ ଏଚ୍‌ଡି ଧନ୍‌ରାଜ କହିଛନ୍ତି।


କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଜଙ୍ଗଲ ରାସ୍ତା ତଦାରଖ କରୁଛନ୍ତି।

ସୂଚନା ଅନୁଯାୟୀ, ୨୦୨୫ରେ ନିଲାମ ପ୍ରକ୍ରିୟାରେ ରୋଇଡ଼ା-୧ ଲୁହାପଥର ଖଣି ଜେଏସ୍‌ପିଏଲ୍‌କୁ ହାତକୁ ଯାଇଥିଲା। ପ୍ରକ୍ରିୟା ଅନୁଯାୟୀ ପୂର୍ବ ଲିଜ୍‌ଧାରୀଙ୍କ ଦ୍ୱାରା ଧାରଣ ସମସ୍ତ ଅଧିକାର ଏବଂ ବୈଧାନିକ ମଞ୍ଜୁରୀ ଅନୁଯାୟୀ କାର୍ଯ୍ୟ ଜାରି ରଖିବା ପାଇଁ ଜେଏସ୍‌ପିଏଲ୍‌କୁ ଅନୁମିତ ଦିଆଯାଇଥିଲା। ୨୦୨୫ ନିଲାମ ପ୍ରକ୍ରିୟା ପୂର୍ବରୁ ଏହି ଖଣି ବଡ଼ବିଲସ୍ଥିତ ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଅଧୀନରେ ଥିଲା। ଏହି କମ୍ପାନୀ ମଧ୍ୟ ସେତେବେଳେ ବୈଧାନିକ ସରକାରୀ ଅନୁମୋଦନରେ କିଛି ସର୍ତ୍ତକୁ ଖିଲାପ କରିଥିଲା। ଏଥିସହ ଏହି କମ୍ପାନୀ ସେତେବେଳେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତା ବ୍ୟବହାର କରୁଥିଲା। ଜେଏସ୍‌ପିଏଲ୍ ନିଲାମରେ ଖଣି ପାଇବା ପରେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ସେହି ରାସ୍ତା ବ୍ୟବହାର କରୁଛି। ଯଦିଓ ପୂର୍ବରୁ ଏହା ଅଣ ଜଙ୍ଗଲରେ ରୂପାନ୍ତରିତ ପାଇଁ ଡାଇଭର୍ସନ ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରେ ସର୍ତ୍ତାବଳୀ ପାଳନ ହୋଇ ନ ଥିବାରୁ ଜଙ୍ଗଲ ଅନୁମୋଦନ ମିଳି ନ ଥିଲା। କିନ୍ତୁ ଜେଏସ୍‌ପିଏଲ୍ ରୋଇଡ଼ା ଜଙ୍ଗଲ ଜମି ଡାଇଭର୍ସନ ଲାଗି ପୂର୍ବ ଅନୁମୋଦନ ନ ନେଇ ଖଣିଜ ପରିବହନ ପାଇଁ ଉକ୍ତ ରାସ୍ତାକୁ ବ୍ୟବହାରକରି ଆସୁଥିଲା। ଯାହା ଆବଶ୍ୟକ ଅନୁମତି ବିନା ରାସ୍ତା ବ୍ୟବହାର ଜଙ୍ଗଲ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ଜଙ୍ଗଲ ଆଇନର ସ୍ପଷ୍ଟ ଉଲ୍ଲଂଘନ। ଏ ନେଇ ବନ ବିଭାଗ ପକ୍ଷରୁ ଜେଏସ୍‌ପିଏଲ୍ ରୋଇଡ଼ାର ଅଧିକାରୀ ପ୍ରମୋଦ ପାତ୍ରଙ୍କ ବିରୋଧରେ ୨୦୨୫-୨୬ ଜଙ୍ଗଲ ମାମଲା ନଂ.୫ ବିଏଲ୍ ପଞ୍ଜୀକୃତ କରାଯାଇଛି। ଏଥିସହ ସିଦ୍ଧମଠ ରିଜର୍ଭ ଜଙ୍ଗଲ ମଧ୍ୟରୁ ୨ଟି ଗାଡ଼ିକୁ ବନ ବିଭାଗ ଜବତ କରିଛି। ବନ ସଂରକ୍ଷଣ ଅଧିନିୟମ ୨୦୨୩ ଏବଂ ଓଡ଼ିଶା ବନ ଆଇନ୍‌ର କ୍ରମାଗତ ଉଲ୍ଲଂଘନ ଯୋଗୁ (ଆଦେଶ ନଂ. ୩୦୫, ୩୦ ଜୁଲାଇ ୨୦୨୫ରେ) ପ୍ରଦାନ କରାଯାଇଥିବା କାର୍ଯ୍ୟ ଅନୁମତିକୁ ପ୍ରତ୍ୟାହାର କରାଯାଇଛି। ୧୯୮୦ ପୂର୍ବରୁ ୨୩ ହେକ୍ଟର ବ୍ରୋକେନ୍ ଲ୍ୟାଣ୍ଡରେ ହୋଇଥିବା ଅନିୟମିତତା ପାଇଁ ଏହା ଜଙ୍ଗଲ ଆଇନ୍‌ର ସମ୍ପୂର୍ଣ୍ଣ ଅବମାନନା ବୋଲି ଦର୍ଶାଯାଇଛି। ସେହିପରି ଜେଏସ୍‌ପିଏଲ୍ କମ୍ପାନୀର ଦେଓଝର ପିଲେଟ ପ୍ଲାଣ୍ଟକୁ ମଧ୍ୟ ବାରମ୍ବାର ବନ ବିଭାଗର ଚିଠି ସତ୍ତ୍ୱେ କମ୍ପାନୀ ଜଙ୍ଗଲ ଜମି ୨୦୧୫ର ଡାଇଭର୍ସନ କାର୍ଯ୍ୟ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ତଥ୍ୟ ପ୍ରଦାଦ କରିନାହିଁ। ଏହି ବନ ଆଇନ ଉଲ୍ଲଂଘନର ସମସ୍ତ ତଥ୍ୟ ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ, ଖଣି ନିର୍ଦ୍ଦେଶକ, ପିସିସିଏଫ୍(ପ୍ରଧାନ ମୁଖ୍ୟ ବନ ସଂରକ୍ଷକ), କେନ୍ଦୁଝର ଜିଲାପାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ବନ ବିଭାଗ ପଠାଇଥିବା ଡିଏଫ୍‌ଓ ଧନ୍‌ରାଜ କହିଛନ୍ତି।

# ମଳଦ୍ୱାରରେ ଭାକ୍ୟୁମ୍ କ୍ଲିନର ମେଶିନ ଲାଗି ଯୁବକଙ୍କ ମୃତ୍ୟୁ

## କାଳହେଲା ଥଟ୍ଟାମଜା

**ଯାଜପୁର,୨୨।୧୦ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତେନ୍ତୁଲିଖୁଣ୍ଟା ନିକଟରେ ଥିବା ହୁଣ୍ଡାଇ କାର ଶୋ'ରୁମରେ ଏକ ଅଭାବନୀୟ ଘଟଣା ଘଟିଛି। ଶୋ' ରୁମ୍‌ର କାର୍ ୱାଶିଂ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଥଟ୍ଟାମଜା ଯୋଗୁ ଭାକ୍ୟୁମ କ୍ଲିନର ମେଶିନ ଲାଗି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜେନାପୁର ହୋତାସାହି ଗ୍ରାମର ସିପୁନ ବେହେରା(୨୩)।

ମଙ୍ଗଳବାର ସନ୍ଧ୍ୟାରେ ସିପୁନ ଓ ତାଙ୍କ କେତେଜଣ ସାଙ୍ଗ ଭ୍ୟାକ୍ୟୁମ କ୍ଲିନର ମେଶିନ ଧରି ଥଟ୍ଟାମଜା ହେଉଥିଲେ। ଏହି ସମୟରେ ଜଣେ ସାଙ୍ଗ ସିପୁନଙ୍କ ମଳଦ୍ୱାରରେ ଭାକ୍ୟୁମ କ୍ଲିନର ମେଶିନ ପାଇପ ଲଗାଇ ମେଶିନ ଚଲାଇ ଦେଇଥିଲେ। ଫଳରେ ସିପୁନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ତୁରନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଆହୁରି ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟା୩୦ରେ ତାଙ୍କର ମୃତ୍ୟୁ ଘଟିଛି। ସିପୁନଙ୍କ ବାପା ନ ଥିବାବେଳେ ସେ ଅତ୍ୟନ୍ତ ଗରିବ ଶ୍ରେଣୀର। ଶୋ'ରୁମ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୋରେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ରାକେଶ ତ୍ରିପାଠୀ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମୟ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ପକ୍ଷରୁ ରାଜ୍ୟସ୍ତରୀୟ ୬୪ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଭଗବତୀ ଚରଣ ପାଣିଗ୍ରାହୀ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ସନ୍ଧ୍ୟା ୫ଟା ୩୦ ।
- ନୃତ୍ୟାଞ୍ଜଳୀ ପକ୍ଷରୁ ୨୦ତମ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ଏକ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ, ବାଲେଶ୍ୱର, ସମୟ: ସକାଳ ୭ଟା ।
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ସୋହରିଆ ହାଇସ୍କୁଲ, ଭୋଗରାଇ, ସମୟ: ସକାଳ ୯ଟା ।
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ବାରବାଟିଆ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା ।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଚତୁର୍ଥ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା ।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା ।
- କାଳୀପୂଜା ତୃତୀୟ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା ।
- ଶ୍ରୀ ଜଗନ୍ନାଥ ପ୍ରଚାର ସମିତି ପକ୍ଷରୁ ମହା ସଂସ୍କୃତି ଜାଗରଣ ଉତ୍ସବ, ସ୍ଥାନ: ଚରମ୍ପା ରେଲୱେ ଷ୍ଟେଶନ ସମ୍ମୁଖ,ସମୟ: ଅପରାହ୍ନ ୫ଟା ।

## କେନ୍ଦୁଝର

- ଅଖିଳ ଭାରତୀୟ ହସ୍ତତନ୍ତ ଓ ହସ୍ତ ଶିଳ୍ପ ପ୍ରଦର୍ଶନୀ, ସ୍ଥାନ: କେନ୍ଦୁଝର ଜେଲ ରୋଡ, ସମୟ: ସନ୍ଧ୍ୟା ୭ ଟା ।

## ମୟୂରଭଞ୍ଜ

- ଓମ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଢ଼ୁମାପଦା କପ୍-୨୦୨୫, ସ୍ଥାନ:ଢ଼ୁମାପଦା, ବାରିପଦା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା ।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କ ସତସଙ୍ଗ ମହୋତ୍ସବ,ସ୍ଥାନ:ଉଦଳା ଅତୁଲ ବାବୁଙ୍କ ପଡ଼ିଆ,ସମୟ:ସନ୍ଧ୍ୟା ୬ଟା୩୦ ।

## ବ୍ରହ୍ମପୁର

- ଜିଲା ବିଜେଡିର ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା, ସ୍ଥାନ: ବ୍ରହ୍ମପୁର ହିଲପାଟଣା ଗଣେଶ ମନ୍ଦିର, ସମୟ: ଅପରାହ୍ନ ୩ ଟା ।
- ବୃନ୍ଦାବନ ନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ବ୍ରହ୍ମପୁର କମାପଲ୍ଲୀ, ସମୟ: ସକାଳ ୯ଟା ।

## ଗଞ୍ଜାମ

- ୨୨ତମ ଧର୍ମ ସମ୍ମିଳନୀ, ସ୍ଥାନ: ବାଲିପଦର ମକର ପଡିଆ, ସମୟ: ସନ୍ଧ୍ୟା ୬ ଟା ।

## ଅନୁଗୋଳ

- ଖୃଣ୍ଡା କାଳୀପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଖୃଣ୍ଡା, ସମୟ: ସନ୍ଧ୍ୟା ୬ ଘଟିକା ।

## ଜଗତ୍‌ସିଂହପୁର

- ଭାରତୀୟ ମଜଦୁର ୟୁନିୟନ ପକ୍ଷରୁ ଏକ କମ୍ପାନୀ ଫାଟକ ଆଗରେ ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଲକପଡା ପାଖ କମ୍ପାନୀ ଫାଟକ ଆଗ, ପାରାଦୀପ, ସମୟ: ସକାଳ ୮ ଟା ।

## କେନ୍ଦ୍ରାପଡ଼ା

- ମା' ଶ୍ୟାମାକାଳୀଙ୍କ ପୂଜାସୋବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତନ୍ତିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡା, ନୂଆପଡା, ଖରିଷଣ, ସଟଲା, ମଇଁଦିପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର

- ଆସ ସ୍କୁଲ ଯିବା ଅଭିଯାନରେ ଜିଲାସ୍ତରୀୟ ପଦଯାତ୍ରା, ସ୍ଥାନ: ଯାଜପୁର ଜିଲା ସ୍କୁଲ ଠାରୁ ସରକାରୀ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା ।
- ଯାଜପୁରରୋଡ୍ ପ୍ରେସ କ୍ଲବ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ : ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଅୟମାରମ୍ଭ, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସକାଳ ୬ଟା ।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନୂଆଗାଁ ବ୍ଲକ ବାହାଡାଖୋଲା ସରକାରୀ ଏମ୍‌ଇ ସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ଓଡଗାଁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ , ସ୍ଥାନ:ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ପୁରସ୍କାର ବିତରଣ ଓ ଉଦ୍‌ଯାପନ ଉତ୍ସବ, ସମୟ:ଅପରାହ୍ନ ୩ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ସେବା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଭାପୁର ବ୍ଲକ ବାଇଗୁଣିଆସ୍ଥିତ ପଠାଣୀ ସାମନ୍ତ ମହାବିଦ୍ୟାଳୟ ଖଣ୍ଡପଡା,ସମୟ:ଅପରାହ୍ନ ୧ଟା ୩୦ ।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା ।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଅୟମାରମ୍ଭ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଝୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସଂଧ୍ୟା ୬ଟା ।
- ଗିରି ଗୋବର୍ଦ୍ଧନ ପୂଜାର ୨ୟ ଦିବସରେ ବାଦୀ ପାଲା, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ:ସଂଧ୍ୟା ୭ଟା ।
- ଶ୍ୟାମାକାଳୀ ପୂଜାର ୫୨ ବର୍ଷ ପୂର୍ତ୍ତି ଅବସରରେ ଓଡିଶୀ ନୃତ୍ୟ ଓ ଡ୍ୟାନ୍ସ ଧମାକା, ସ୍ଥାନ: ନୟାଗଡ ବ୍ଲକ ଷଠିଆପଲ୍ଲୀ ଶ୍ୟାମାକାଳୀଙ୍କ ପୀଠ, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ସାଇବର ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ସମବାୟ କର୍ମଶାଳା, ସ୍ଥାନ: ଜୟପୁର ଗାନ୍ଧୀ ଛକସ୍ଥିତ ସନ୍ଧ୍ୟା ଫଙ୍କଶନ ହଲ, ସମୟ: ପୂର୍ବାହ୍ନ ୧୦ଟା ।

## ମାଲକାନଗିରି

- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: କୋରୁକୋଣ୍ଡା ସଦରରେ ଥିବା ନୋଡାଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ନୂତନ ଶିଶୁ ମିତ୍ର ଗୃହ ଉଦ୍‌ଘାଟନ, ସ୍ଥାନ: ଓର୍କେଲ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଚିତ୍ରଗୁପ୍ତ କଲ୍ୟାଣ ସଂଘ ଆୟୋଜନରେ ଚିତ୍ରଗୁପ୍ତ ଦେବଙ୍କ ପୂଜା, ସ୍ଥାନ : ମହାନ୍ତିପଡା ଛକ, ସମୟ : ସକାଳ ୮ଟା ।
- ସମ୍ବଲପୁର କରଣ ସମାଜ ଆୟୋଜନରେ ଚିତ୍ରଗୁପ୍ତ ପୂଜାର୍ଚ୍ଚନା, ସ୍ଥାନ : ଫ୍ରେଜର କ୍ଲବ, ସମୟ : ସକାଳ ୯ଟା୩୦ ।
- ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ।

## ରାଉରକେଲା

- ଛଟ୍ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଝିରପାଣି କୋଏଲନଦୀ ସେତୁ, ସମୟ: ପୂର୍ବାହ୍ନ ୧୧ଟା ।
- ଏକ ପେଡ୍ ମା' କେ ନାମ୍, ସ୍ଥାନ: ସେକ୍ଟର-୨୦, କୋଏଲ ବିଦ୍ୟାପୀଠ, ସମୟ: ଅପରାହ୍ନ ୩ଟା ।
- କାଳୀପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨ ଦ୍ୱିତାଲା ମାର୍କେଟ, ସମୟ: ସନ୍ଧ୍ୟା ୬ଟା ।

## ବରଗଡ଼

- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ:ସକାଳ ୬ଟା ।
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ:ଗୋବିନ୍ଦପାଲି, ବରଗଡ଼,ସମୟ:ସକାଳ ୭ଟା ।
- ୨୭ତମ ଲକ୍ଷ୍ମୀ ପୂଜା, ସ୍ଥାନ:ବଣିକ ସଂଘ, ଗାଇସିଲେଟ, ସମୟ:ପୂର୍ବାହ୍ନ ୮ଟା ।
- ଜିଲାସ୍ତରୀୟ 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ସକାଳ ୯ଟା ୩୦ ।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା ।

## ବୌଦ୍ଧ

- କୃଷି ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା ।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦ ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟସ୍ଥିତ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର

- ମା' ଶ୍ୟାମାକାଳୀ ପୂଜାର ଚତୁର୍ଥ ଦିବସରେ ରାମାୟଣ ପରାୟଣ, ସ୍ଥାନ: ବିନିକା ଗଡ଼ଭିତର, ସମୟ: ସକାଳ ୮ ଟା ।
- ବିନିକା-ଅରିଙ୍ଗା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ, କଂସ ମହାରାଜ ବରଣ, ସ୍ଥାନ: ଅରିଙ୍ଗା ଖେଳ ପଡିଆ, ସମୟ: ସକାଳ ୯ଟା ।
- ତରଭା ବ୍ଲକ ଭାଲୁଡୁଙ୍ଗୁରି ଗିରି ଗୋବର୍ଦ୍ଧନ ପୂଜାର ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ରବି ଓ ଚନ୍ଦ୍ରଙ୍କ ସ୍ଥିତି ପାରିବାରିକ ଖର୍ଚ୍ଚକୁ ବୃଦ୍ଧି କରିବା ସହ ସନ୍ତାନଙ୍କ ସମସ୍ୟା ବିଷୟରେ ଚିନ୍ତିତ କରାଇବ । ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ କରି ଖୁସି ହେବେ । ବନ୍ଧୁଙ୍କ ସହ ଆଲୋଚନା, ଯାନବାହନ, ପରିବହନ, ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ । ଅଶ୍ୱିନୀ ନକ୍ଷତ୍ର ଖଳଲୋକଙ୍କ କଥାକୁ ସତ୍ୟ ମଣି ଘର ଲୋକଙ୍କୁ ଭୁଲ୍ ବୁଝିବେ ।

**ବୃଷ** – ଆକସ୍ମିକ କୌଣସି ଜିନିଷ କିମ୍ବା ଖବର ପାଇ ବିଶେଷ ଖୁସି ଅନୁଭବ କରିବେ । ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ । ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବାରୁ ଆଶ୍ୱସ୍ତି ଲାଭ କରିବେ । ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ହଡ଼ବଡ଼େଇ ଯାଇପାରନ୍ତି ।

**ମିଥୁନ** – ଆଜି ପାରିବାରିକ ସ୍ଥିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ଦୂରଯାତ୍ରା ସାଙ୍ଗକୁ ବ୍ୟବସାୟ ଦିଗଟି ଭଲ ରହିବ । ଆର୍ଦ୍ରା ନକ୍ଷତ୍ର ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ତାହା ଅଚିରେ ସମାଧାନ ହେବ । ଦୀର୍ଘଦିନର ଆଶା ଫଳବତୀ ହେବାରେ ଅସୁବିଧା ରହିବ ନାହିଁ । କିନ୍ତୁ କେତେକ କ୍ଷେତ୍ରରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ ।

**କର୍କଟ** – ଆଜି ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନାହିଁ । ସାମାଜିକ ସ୍ତରରେ ପରିସ୍ଥିତି ବଦଳିଯିବାରୁ ଖୁସି ଅନୁଭବ କରିବେ । ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ । ଅଶ୍ଳେଷା ନକ୍ଷତ୍ର ଲେଖାପଢ଼ା,ଆଲୋଚନା,ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ ।

**ସିଂହ** – ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ । ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ । ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥକରି ସଫଳତା ହାସଲକରିବେ । ପରିବାରରେ ମଘା ନକ୍ଷତ୍ର ଅଭିମାନକରି ରାଗରେ ଜରଜର ହୋଇପାରନ୍ତି ।

**କନ୍ୟା** – ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶକରି ମନକୁ ଭାରାକ୍ରାନ୍ତ କରିପାରନ୍ତି । କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ୍ଚ ଓ ବିତର୍କ ଘଟିପାରେ । ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ । ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ତୁଳା** – ଆଜି ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ପର କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ । ବିଶାଖା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବିବା ଠିକ୍ ହେବନାହିଁ । ଆବଶ୍ୟକତା ପୂରଣ ସକାଶେ ପରପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ ।

**ବିଛା** – ପ୍ରତ୍ୟେକ କଥାରେ ଅତୀତକୁ ଖୋଜିବସିଲେ ଲାଭହେବନାହିଁ । ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିପାରନ୍ତି । ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ଯୋଗ ରହିଛି । ଅନୁରାଧା ନକ୍ଷତ୍ର ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାମ ହାସଲ କରିବେ ।

**ଧନୁ** – ପାରିବାରିକ କଳହ, ଟଙ୍କା ପଇସାର ଦେଣନେଣ, କଚେରି ମାମଲାର ଟେନ୍‌ସନ ରହିପାରେ । ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ ଯାହା ବନ୍ଧୁଙ୍କ ମନକୁ ପାଇବ । ପ୍ରକାଶନ, ଏଜେନ୍ସି, ଗଣମାଧ୍ୟମ, ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ । ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ରାସ୍ତାରେ ଅପରିଚିତ ବ୍ୟକ୍ତି ଚିନ୍ତାର କାରଣ ହେବେ ।

**ମକର** – ଅନୁକୂଳତା ପ୍ରାପ୍ତହୋଇ କାର୍ଯ୍ୟସିଦ୍ଧି ସାଙ୍ଗକୁ ସମସ୍ୟାର ଦୂରୀକରଣ ଦିଗରେ ଯତ୍ନବାନ୍ ହେବେ । ଅଭାବବୋଧ ପ୍ରଭୃତି ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ । ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ । ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ ।

**କୁମ୍ଭ** – ଆଜି ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇ କୃତକାର୍ଯ୍ୟ ହେବେ । ଶତଭିଷା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି । ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ । ବନ୍ଧୁଙ୍କ ସହ କଥା କଟାକଟି କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ିହେବ ନାହିଁ ।

**ମୀନ** – ପରିବାରରୁ ଶ୍ରଦ୍ଧା,ବନ୍ଧୁଙ୍କ ଆଦର, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲ ହେବେ । ହିତୈଷୀଙ୍କ ଜରିଆରେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସି ହେବେ । ଉତ୍ତରଭାଦ୍ରପଦ ନକ୍ଷତ୍ରର ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ । ଆନୁଷ୍ଠାନିକ କାମରେ ବ୍ୟସ୍ତ ସାଙ୍ଗକୁ ଆତ୍ମୀୟଙ୍କ ସହ କଳହ ସୃଷ୍ଟିହେବ ।

ଆଜି ଅକ୍ଟୋବର ୨୩ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଯମ ଦ୍ୱିତୀୟା ଗୁରୁବାର, ଶ୍ରୀମନ୍ଦିରରେ ଯମେଶ୍ୱରଙ୍କ ଦର୍ଶନ, ବନ୍ଦାପନାଦି ଅଙ୍ଗଯାତ୍ରା, ଚାତୁର୍ମାସ୍ୟା ଗୁରୁବାର ବ୍ରତ । ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫।୪୭ ଗତେ, ଘ. ୦୭।୧୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୧୨।୫୬ ଗତେ, ଘ.୦୨।୨୨ ମଧ୍ୟେ ରାହୁକାଳ ।

# ଲୋକପାଳଙ୍କୁ ଲୋଡ଼ା ୭ ବିଏମ୍‌ଡବ୍ଲ୍ୟୁ

**ନୂଆଦିଲ୍ଲୀ, ୨୨।୧୦**

ଦେଶର ଦୁର୍ନୀତି ବିରୋଧୀ ପ୍ରହରି ଲୋକପାଳ ଅଫ୍ ଇଣ୍ଡିଆ ନିଜର ପ୍ରଶାସନିକ ଏବଂ ଲଜିଷ୍ଟିକ୍ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ୭ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ କାର୍ କିଣିବାକୁ ନିଷ୍ପତ୍ତି ନେଇଛି । ଏଥିପାଇଁ ଲୋକପାଳଙ୍କ ପକ୍ଷରୁ ଗତ ୧୬ ତାରିଖରେ ସାର୍ବଜନୀନ ଭାବେ ଟେଣ୍ଡର ଜାରି କରାଯାଇଛି । ପ୍ରତି କାର୍‌ର ମୂଲ୍ୟ ୭୦ ଲକ୍ଷ ଟଙ୍କା ହୋଇଥିବା ବେଳେ ଲୋକପାଳଙ୍କ ପକ୍ଷରୁ ୫ କୋଟି ଟଙ୍କା ମୂଲ୍ୟର ଏହି ଟେଣ୍ଡର ଜାରି ହୋଇଛି । ଲୋକପାଳଙ୍କ ନୋଟିସ ଅନୁଯାୟୀ, ବିଡ୍ ଦାଖଲ ପ୍ରକ୍ରିୟା ଅକ୍ଟୋବର ୧୭ରୁ ଆରମ୍ଭହୋଇ ନଭେମ୍ବର ୬ ପର୍ଯ୍ୟନ୍ତ ଚାଲିବ । ବିଡ୍‌ର ବୈଷୟିକ ଯାଞ୍ଚ୍ ନଭେମ୍ବର ୭ରୁ ଆରମ୍ଭ ହେବ । କାର୍ ଡେଲିଭରି ହେବା ପରେ ଲୋକପାଳ କାର୍ଯ୍ୟାଳୟର ଡ୍ରାଇଭର ଏବଂ କର୍ମଚାରୀମାନଙ୍କୁ ସପ୍ତାହେ ବ୍ୟାପୀ ତାଲିମ ପ୍ରଦାନ କରିବାକୁ ବିଏମ୍‌ଡବ୍ଲ୍ୟୁ ଏହାର ବିଶେଷଜ୍ଞଙ୍କୁ ପଠାଇବ । ତେବେ ଲୋକପାଳ ଅଫ୍ ଇଣ୍ଡିଆର ଏହି ଟେଣ୍ଡରକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି । କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ କହିଛନ୍ତି, ୨୦୧୧ରେ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ ଆନ୍ଦୋଳନ ପରେ ଦୁର୍ନୀତି ବିରୋଧୀ ଲଢ଼େଇ ପାଇଁ ଲୋକପାଳଙ୍କୁ ନିଯୁକ୍ତ କରାଯାଇଥିଲା । ତତ୍କାଳୀନ କଂଗ୍ରେସ ସରକାରଙ୍କୁ ଭାଙ୍ଗିବା ପାଇଁ ଏହି ସଂସ୍ଥା ଗଠନ କରାଯାଇଥିଲା । ଏହି ସଂସ୍ଥା କେବଳ କାଗଜପତ୍ରରେ ରହି କରଦାତାଙ୍କ କଷ୍ଟାର୍ଜିତ ଅର୍ଥକୁ ନଷ୍ଟ କରୁଥିବା ସେ କହିଛନ୍ତି ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରୁଣ୍ଡୁଝୁଣ୍ଡୁ ହୋଇ ଯାଏ ଛଟକୀ**
**ଦେଖିଲା ବେଳକୁ ଖଣ୍ଡିଆ ନାକୀ ।**

ମହିଳାମାନେ ସାଧାରଣତଃ ଫେଶନ ପ୍ରିୟ ହୋଇଥାନ୍ତି । ନିଜ ରୂପ ବର୍ଣ୍ଣକୁ ଦେଖି ପ୍ରସାଧାନ ପ୍ରତି ମନ ବଳେଇଥାନ୍ତି । ତେବେ ଅସୁନ୍ଦରୀ ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୂଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ରଷି ଘରକୁ ମହାରଷି ଗଲେ**
**ଜିରା ଭିତରୁ ଶିରା କାଢ଼ିଲେ ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ହିଁ ଦେଖିଥାନ୍ତି । ଏହିପରି ଅନ୍ୟର ଦୋଷ ଯିଏ ଦେଖାଉଥାଏ ତା'ର ଦୋଷ ଦୁର୍ବଳତା ଦେଖାଇବାକୁ ମଧ୍ୟ କେହି ଜଣେ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରିଥିବା ମାନିଲେ ଦୀପକ

## ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ହତ୍ୟା ଘଟଣା

## ଜେଲରେ ଜେରା, ଅଧିକ ପ୍ରମାଣ ଖୋଜୁଛି ଖୁଣ୍ଟୁଣୀ ପୋଲିସ

**ଭୁବନେଶ୍ୱର,୨୨।୧୦**
**(ସତ୍ୟଜିତ ରାଉତ)**

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତଙ୍କ ଅପରାଧ ଇତିହାସକୁ ନେଇ ଖୋଳତାଡ଼ ଜାରି ରହିଛି । ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶନୀଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା, ଦୀପକ ହିଁ ତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି । କଟକ ଜିଲା ଖୁଣ୍ଟୁଣୀ ଥାନା ପୋଲିସ ଟିମ୍ ମଙ୍ଗଳବାର ଝାରପଡ଼ା ଜେଲରେ ପହଞ୍ଚି ଦୀପକଙ୍କୁ ଜେରା କରିଥିଲା । ପୋଲିସ ଟିମ୍ ଦୀପକଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିବା ସମୟରେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ସାଢ଼େ ୩ ବର୍ଷ ତଳେ ଦୀପକ ଦେଇଥିବା ବୟାନରେ ତାଳମେଳ ରହି ନ ଥିଲା । ଶେଷରେ ସେ ହତ୍ୟା କରିଥିବା ପୋଲିସ ଆଗରେ ମାନିଛନ୍ତି । ଏପରିକି ଅପର୍ଣ୍ଣାଙ୍କ ବ୍ୟବଚ୍ଛେଦ ରିପୋର୍ଟର ପୁନଃ ଯାଞ୍ଚରେ ବି ହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଖୁଣ୍ଟୁଣୀ ପୋଲିସ ଏହି ହତ୍ୟା ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଆଉ ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି । ଦୀପକଙ୍କ ବିରୋଧରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାରେ ପୋଲିସ ପ୍ରୟାସ କରୁଛି । ଅପରପକ୍ଷରେ କ୍ୟାପିଟାଲ ଥାନା ପୋଲିସ ଦୀପକଙ୍କ ହତ୍ୟାର ଶିକାର ହୋଇଥିବା ଦ୍ୱିତୀୟ ସ୍ତ୍ରୀ ଶୁଭମିତ୍ରାଙ୍କ ଶରୀରର ବିଭିନ୍ନ ନମୁନାକୁ ଡିଏନ୍‌ଏ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇ ରିପୋର୍ଟକୁ ଅପେକ୍ଷା କରିଛି । ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ କରୁଥିବା ଅପର୍ଣ୍ଣାଙ୍କୁ ୨୦୧୮ ଏପ୍ରିଲ ୨୫ରେ ଦୀପକ ବିବାହ କରିଥିଲେ । ମୃତ୍ୟୁ ସମୟରେ ସେ ୬ ମାସର ଗର୍ଭବତୀ ଥିଲେ । ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ପରିବାର ଲୋକଙ୍କୁ ଜଣାଇଥିଲେ । ସେତେବେଳେ ପୋଲିସ ଓ ପରିବାର ଲୋକେ ଦୀପକଙ୍କ କଥାକୁ ସତ ମାନିଯାଇଥିଲେ । ଏହାପରେ ଦୀପକ କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଶୁଭମିତ୍ରାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିବା ପରେ ତାଙ୍କୁ ହତ୍ୟା କରିଥିଲେ । ତେବେ ଶୁଭମିତ୍ରାଙ୍କ ହତ୍ୟା ଘଟଣାର ତଦନ୍ତବେଳେ ଦୀପକ ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ପଦାକୁ ଆସିଥିଲା ।

## ପ୍ରଥମ ପୃଷ୍ଠାରୁ...

### 'ବିକ୍ରମ, ପିଣ୍ଟୁ ମୁଖ୍ୟ ...

କରିଥିବାବେଳେ ୫୦୦ରୁ ଊର୍ଦ୍ଧ୍ୱ ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି । ଏହି ହତ୍ୟା ଘଟଣାରେ ରାଜନୈତିକ, ବ୍ୟବସାୟିକ ଏବଂ ବ୍ୟକ୍ତିଗତ ଶତ୍ରୁତା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏପରି କି ପୀତବାସଙ୍କୁ ହତ୍ୟା ପାଇଁ ମାସକରୁ ଊର୍ଦ୍ଧ୍ୱ ସମୟ ଧରି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା । ଏଥିପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ହୋଇଥିଲା । ଏହି ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ପୋଲିସ ସୂଚନା ଅନୁସାରେ, ଏହି ଘଟଣାରେ ବିଏମ୍‌ସିର ଜଣେ କର୍ପୋରେଟର, ଜଣେ ଆଇନଜୀବୀଙ୍କ ମଧ୍ୟ ସମ୍ପୃକ୍ତି ରହିଛି । ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ହତ୍ୟା ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଇଥିଲେ । ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ(୫୧), ପୂର୍ବତନ ମେୟର ପିଣ୍ଟୁ (୪୯)ଙ୍କ ସମେତ ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ (୫୮), ବିଜେଡି ନେତା ମଦନ ଦଳାଇ (୫୦), ଦିଗପହଣ୍ଡି ଥାନା ଅନ୍ତର୍ଗତ ବଛପଲିର ଛାତ୍ରନେତା ଯୋଗୀ ରାଉତ (୨୫), ବଛପଲିର କାଳୁଚରଣ ଭୂୟାଁ(୩୯), ଚିଣ୍ଟୁ ପ୍ରଧାନ (୨୫), ହିଞ୍ଜିଳିକାଟୁର ବିପିନ ସ୍ୱାଇଁ (୩୫), ବଡ଼ଗଡ଼ ଥାନା ଅନ୍ତର୍ଗତ ହରିପ୍ରିୟାପୁର ଖଦାଳ ସାହିର ସୀମାଞ୍ଚଳ ନାଇକ (୩୦), ନୟାଗଡ଼ ଜିଲା ଚାନ୍ଦପୁରର ରାଜେନ୍ଦ୍ର ସାହୁ(୨୩), ବିହାର ରାଜ୍ୟ ସିସିପାଲର କୁମାର ପାସୱାନ (୨୫) ଓ କୁନ୍ଦନ କୁମାର (୨୨)ଙ୍କୁ ଗିରଫ କରାଯାଇଛି । ବୈଦ୍ୟନାଥପୁର ଥାନା ମାମଲା ନଂ. ୫୧୮/୨୫ରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଏସ୍‌ପି କହିଛନ୍ତି । ପୋଲିସ ୨ଟି ବନ୍ଧୁକ, ୫ ମୋବାଇଲ ଫୋନ୍ ଜବତ କରିଛି । ଅଭିଯୁକ୍ତ ସୁଦର୍ଶନ ଜେନା, କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେ ବି ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି ।

### ୨୬ ଦୋକାନ, ୫ ...

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହାଟରେ ଥିବା ଏକ ହୋଟେଲରେ ପ୍ରଥମେ ନିଆଁ ଲାଗିଥିଲା । ଦିନ ପ୍ରାୟ ୨ଟା ୫ରେ କୌଣସି କାରଣରୁ ହଠାତ୍ ହୋଲେଟର ଏକ ପାର୍ଶ୍ୱରୁ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା । ହୁତୁହୁତୁ ହୋଇ ନିଆଁ ଜଳିଉଠିବା ସହ ହୋଟେଲର ଛପର ସହ ଅନ୍ୟ ଦୋକାନ ଓ ପରିବାର ମାର୍କେଟକୁ ବ୍ୟାପିଯାଇଥିଲା । ଦୋକାନୀମାନେ ପାଣି ପକାଇ ନିଆଁ ଆୟତ୍ତ କରିବାକୁ ଲାଗିପଡ଼ିଥିଲେ । ହେଲେ ନିଆଁ ଆୟତ୍ତ ନ ହେବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ବିଭିନ୍ନ ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ପହଞ୍ଚି ଦିନ ପ୍ରାୟ ୨ଟା ୪୦ରୁ ନିଆଁ ଲିଭାରେ ଲାଗି ପଡିଥିଲେ । ଅଗ୍ନିଶମ ବିଭାଗର ୧୬ ଦମକଳ ଗାଡି ଓ ପ୍ରାୟ ୧୪୦ କର୍ମଚାରୀ ନିୟୋଜିତ ହୋଇଥିଲେ । ୩ଟା ୪୫ ପର୍ଯ୍ୟନ୍ତ ଅଗ୍ନିଶମ ଟିମ୍‌ଗୁଡିକର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ହେଲେ ସେତେବେଳକୁ ଦୋକାନ ଓ ଗୋଦାମରେ ଥିବା ବିଭିନ୍ନ ତେଜରାତି ସାମଗ୍ରୀ ଓ ପରିବା ନଷ୍ଟ ହୋଇଯାଇଥିଲା । ବଡ଼ କଥା ହେଉଛି, ନିଆଁ ଲିଭା ସମୟରେ ହାଟ ଆସୋସିଏଶନର ଦୁଇ ଗୋଷ୍ଠୀ ହାତାହାତି ହୋଇଥିଲେ । ଅଗ୍ନିକାଣ୍ଡକୁ ନେଇ ଆରୋପ ପ୍ରତ୍ୟାରୋପରୁ ଉଭୟ ଗୋଷ୍ଠୀ ଘଟଣାସ୍ଥଳରେ ଚେୟାର ଫିଙ୍ଗାଫୋପଡ଼ା ହୋଇଥିଲା । ପୋଲିସ ଉପସ୍ଥିତିରେ ହିଁ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା । ସ୍ଥିତିକୁ ଦେଖି କ୍ୟାପିଟାଲ ଥାନା ପକ୍ଷରୁ ପ୍ରଥମେ ଗୋଟିଏ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା । ପରେ ଉତ୍ତେଜନା ପରିସ୍ଥିତିକୁ ଦେଖି ଅନ୍ୟ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା । ପୋଲିସ ଟିମ୍‌ର ଉଦ୍ୟମ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଘଟଣାସ୍ଥଳକୁ ଯାଇ ତଦାରଖ କରିଥିଲେ । ମେୟର ସୁଲୋଚନା ଦାସ ଓ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ । ତେବେ ଭୁଲ ବୁଝାବଣାରୁ ଛୋଟ ଧରଣର ଝଗଡା ହୋଇଥିବା ବେଳେ ଆପୋସ ସମାଧାନ ହୋଇଥିବା ନେଇ ଡିସିପି କହିଛନ୍ତି । ଖବର ପ୍ରସ୍ତୁତ ହେବା ଯାଏ ଏନେଇ ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି ।

### ଏସ୍‌ଆଇ ନିଯୁକ୍ତି ଦୁର୍ନୀତିର ...

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେବା ପାଇଁ ନିର୍ଣ୍ଣୟ କରିଛନ୍ତି । ଏହାଛଡ଼ା ପୋଲିସ ଏବଂ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି ।

### ନୂଆପଡ଼ା: ୧୪ ଜଣଙ୍କ...

ଶୁକଧର ଦଣ୍ଡସେନାଙ୍କ ସମେତ ୮ଜଣ ସ୍ୱାଧୀନ ଭାବେ ନାମାଙ୍କନ ଭରିଥିବା ବ୍ୟକ୍ତିଙ୍କ ପ୍ରାର୍ଥିପତ୍ର କାଏମ ରହିଛି । ଅନ୍ୟପଟେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା, ୩ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଳ କୁମାର ଛତ୍ରିଆ ଓ ଭୁଜବଳ ଆଡ଼ବଙ୍ଗଙ୍କ ନାମାଙ୍କନ ନାକଚ ହୋଇଛି । ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ରିଟର୍ଣ୍ଣିଂ ଅଫିସର୍ ସୁର୍ମି ସୋରେନ ଉପସ୍ଥିତ ଥିଲେ ।

# ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷ ଡିଲ୍



**ବ୍ରହ୍ମପୁର,୨୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ତଦନ୍ତ ବେଳେ ପୋଲିସ ପ୍ରଥମେ ବିହାରର ୨ ଯୁବକ କୁମାର ପାସୱାନ ଓ କୁନ୍ଦନଙ୍କୁ ଧରିଥିଲା। ପୀତବାସଙ୍କୁ ଗୁଳି କରିବା ପାଇଁ ଉମା ବିଷୋୟୀ ସେମାନଙ୍କୁ ବ୍ରହ୍ମପୁର ଡାକି ଅଳକାପୁରୀ ଅଞ୍ଚଳରେ ଏକ ଭଡ଼ାଘରେ ରଖିଥିଲେ। କର୍ପୋରେଟର ମଳୟଙ୍କ ସହଯୋଗରେ ଉଭୟେ ସେଠାରେ ରହି ହତ୍ୟା ପାଇଁ ଦୁଇ ଦିନ ରେକି କରିଥିଲେ। ତେବେ ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ଲୁଚି ପଳାଇଥିଲେ ବୋଲି ବିହାରୀ ଯୁବକଦ୍ୱୟ ପୋଲିସ ନିକଟରେ କହିଥିଲେ। ଏହାପରେ କର୍ପୋରେଟର ମଳୟଙ୍କୁ ଜେରା କରାଯିବାରେ ଘଟଣାର ମୋଡ଼ ବଦଳି ଯାଇଥିଲା। ହତ୍ୟାକାଣ୍ଡ ପାଇଁ ଦୁଇ ନେତା ବିକ୍ରମ ଏବଂ ପିଣ୍ଟୁ ମଧ୍ୟସ୍ଥଙ୍କ ଜରିଆରେ ୫୦ଲକ୍ଷ ଟଙ୍କାର ଡିଲ୍ କରିଥିଲେ। ଶୁଟରଙ୍କ ଦ୍ୱାରା ପୀତବାସଙ୍କୁ ହତ୍ୟା ପାଇଁ ବାଲିପଡାରେ ରହୁଥିବା ଉମା ୧୧ ଲକ୍ଷ ଟଙ୍କା ନେଇଥିବାରୁ ବିହାରୀ ଯୁବକ ଫେରିଯିବା ପରେ ହଡ଼ବଡ଼େଇ ଯାଇଥିଲେ। ସେ ପୁଣି ହତ୍ୟାକାଣ୍ଡ ପାଇଁ ବନ୍ଧପଲିର କୁରୁପତି ଓ ଟିଣ୍ଟୁଙ୍କୁ ନିୟୋଜିତ କରିଥିଲେ। ସେମାନଙ୍କୁ ଘଟଣାର ୫ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ମିଟର ଦୂରରେ ଏକ ଘର ଭଡ଼ା ନେଇ ରଖାଯାଇଥିଲା। ଗତ ୬ ତାରିଖ ରାତି ୧୦ଟାରେ ପୀତବାସ ନିଜ ଚ୍ୟାମ୍ବରରୁ ଘରକୁ ଫେରୁଥିଲେ। ଘର ନିକଟରେ ପୂର୍ବରୁ ଜଗି ରହିଥିବା କୁରୁପତି ଓ ଟିଣ୍ଟୁ ତାଙ୍କ ଗାଡ଼ି ପାଖକୁ ଆସି ପଣ୍ଡାବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ସେ କିଛି କହିବା ପୂର୍ବରୁ କୁରୁପତି ବନ୍ଧୁକ କାଢ଼ି ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିଥିଲେ। ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତଦ୍ୱୟ ବାଇକ୍‌ରେ ସେଠାରୁ ଲୋଚାପଡ଼ା ଗୁରୁଣ୍ଡି ହୋଇ ଶିକୁଳାପଲି କେନାଲ ନିକଟକୁ ଯାଇଥିଲେ। ସେଠାରେ ସେମାନେ ପିନ୍ଧିଥିବା ପୋଷାକ, ହେଲ୍‌ମେଟ, ୨ଟି ବନ୍ଧୁକ ଏକ ବୁଦାମୂଳେ ଲୁଚାଇ ପୁରୁଷୋତ୍ତମପୁର, ହୁମ୍ମା ଦେଇ ୧୬ ନଂ ଜାତୀୟ ରାଜପଥରେ ଟାଙ୍ଗୀ-ଚାନ୍ଦପୁର ଚାଲିଯାଇଥିଲେ। ସେଠାରେ ବାଇକକୁ ରାସ୍ତା କଡ଼ରେ ରଖି ବସ ଯୋଗେ ଭୁବନେଶ୍ୱର ଓ ପରେ ପୁରୀ ଯାଇଥିଲେ। ଉମା ପୁରୀରେ ଏକ ଲଜ୍‌ରେ ରହିଥିବାରୁ ସେଠାରେ ସମସ୍ତେ ଦେଖା ହୋଇଥିଲେ। ପରେ ଟିଣ୍ଟୁ ଟ୍ରେନରେ ଖୋର୍ଦ୍ଧା ଆସି ବେଙ୍ଗାଲୁରୁ ଚାଲିଯାଇଥିଲେ। ଅନ୍ୟପଟେ ଶୁଟର କୁରୁପତି ଓ ଅଭିଯୁକ୍ତ ଉମା କୋରାପୁଟ ଜିଲା ଜୟପୁର ଯାଇ ଏକ ଫାର୍ମ ହାଉସରେ ରହିଥିଲେ। ଉକ୍ତ ଫାର୍ମ ହାଉସ ମାଲିକଙ୍କ ସହ ବିକ୍ରମ ଓ ମଳୟଙ୍କ ଭଲ ସମ୍ପର୍କ ରହିଛି ବୋଲି ଅଭିଯୁକ୍ତ ଉମା ଓ କୁରୁପତି ଜେରା ବେଳେ କହିଥିଲେ। ପରେ କୁରୁପତି ଓ ଉମା ସେଠାରୁ ରାଞ୍ଚି ପଳାଇଥିଲେ। ଉଭୟଙ୍କ ମୋବାଇଲ ସୁଇଚ ଅଫ ରହିଥିଲା। ବେଙ୍ଗାଲୁରୁରୁ ଟିଣ୍ଟୁଙ୍କୁ ପୋଲିସ ଗିରଫ କରି ଜେରା କରି ଘଟଣାର ତଦନ୍ତ ଆଗକୁ ବଢ଼ାଇଥିଲା।

## ନିର୍ବାଚନ ପରାଜୟ ଥିଲା ଅନ୍ୟତମ କାରଣ

ପୀତବାସଙ୍କୁ ହତ୍ୟା କରାଯିବା ପଛରେ ବିକ୍ରମଙ୍କ ନିର୍ବାଚନ ପରାଜୟ ଅନ୍ୟତମ କାରଣ ବୋଲି ତଦନ୍ତରୁ ଜଣାପଡ଼ିଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ବେଳେ ପୀତବାସଙ୍କ ଯୋଗୁ ଗୋପାଳପୁର ନିର୍ବାଚନମଣ୍ଡଳୀରୁ ବିକ୍ରମ ହାରିଥିବା ସେ ଅନୁଭବ କରିଥିଲେ। ସେହିପରି ବ୍ରହ୍ମପୁରର ବର୍ତ୍ତମାନ ବିଧାୟକ କେ. ଅନିଲ କୁମାର ଭୁଲ ସତ୍ୟପାଠ ଦେଇଥିଲେ ବୋଲି ହାଇକୋର୍ଟରେ ଏକ ପିଟିଶନ ହୋଇଥିଲା। ଏ ବାବଦ ଖର୍ଚ୍ଚ ହେଉଥିବା ସମସ୍ତ ଟଙ୍କା ଉଭୟ ବିକ୍ରମ ଓ ପିଣ୍ଟୁ ବହନ କରୁଥିଲେ। ପିଟିଶନକୁ କୋର୍ଟ ଗ୍ରହଣ କରି ଯଦି ବ୍ରହ୍ମପୁର ବିଧାନସଭା ପାଇଁ ଉପନିର୍ବାଚନ ନିର୍ଦ୍ଦେଶ ଦେବେ, ତାହେଲେ ବିକ୍ରମ ବିଧାୟକ ଓ ପିଣ୍ଟୁ ମେୟର ହେବାକୁ ଆଶା ରଖିଥିଲେ। ସେହିପରି ପୀତବାସ ହତ୍ୟା ପାଇଁ ଦିଆଯାଇଥିବା ୧୧ଲକ୍ଷ ଟଙ୍କା ଉଭୟ ଖର୍ଚ୍ଚ କରିଥିବା ପ୍ରମାଣ ରହିଛି ବୋଲି ଏସ୍‌ପି କହିଛନ୍ତି।



## ପୀତବାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ବିକ୍ରମ

ପୀତବାସଙ୍କୁ ହତ୍ୟା ପରେ ତାଙ୍କ ଘରକୁ ଯାଇ ବିକ୍ରମ ସମବେଦନା ଜଣାଇଥିଲେ। ଶ୍ରଦ୍ଧାଞ୍ଜଳି ବି ଦେଇଥିଲେ। ଜଣେ ନେତାଙ୍କୁ ଏଭଳି ମାରିବା ଘଟଣା ନିନ୍ଦନୀୟ। ଯେଉଁମାନେ ମାରିଛନ୍ତି ସେମାନେ ଦଣ୍ଡ ପାଇବା ଉଚିତ ବୋଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ ଯେ, ଛାତ୍ର ଜୀବନରୁ ପୀତବାସ ତାଙ୍କର ବନ୍ଧୁ ଥିଲେ। କଂଗ୍ରେସରେ ଥିଲା ବେଳେ ବି ବନ୍ଧୁଥିଲେ। ଭାଜପା ସରକାରଙ୍କ ପକ୍ଷରୁ ଯେଉଁମାନେ ବେନିୟମ କାମ କରୁଛନ୍ତି, ସେମାନଙ୍କୁ ସୁରକ୍ଷା ଦେବା ଯୋଗୁ ଏଭଳି ଘଟଣା ଘଟିଲା ବୋଲି କହିଥିଲେ। ହେଲେ ଏବେ ପୀତବାସଙ୍କ ହତ୍ୟା ଘଟଣାରେ ବିକ୍ରମଙ୍କୁ ମୁଖ୍ୟ ଷଡଯନ୍ତ୍ରକାରୀଭାବେ ପୋଲିସ ଗିରଫ କରିବା ପରେ ଘଟଣା ନୂଆ ମୋଡ଼ ନେଇଛି।

## ରାଜନୈତିକ ଉଦ୍ଦେଶ୍ୟରୁ ବିକ୍ରମଙ୍କୁ ଗିରଫ କରାଯାଇଛି: ପ୍ରମିଳା

### ପ୍ରମାଣ ନ ଥିଲେ କୋର୍ଟରେ ସଙ୍ଗେସଙ୍ଗେ ବେଲ୍ ମିଳିଯିବ: ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)**


ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲା ସଭାପତି ବିକ୍ରମ ପଣ୍ଡାଙ୍କୁ ବୁଧବାର ଗିରଫ କରିଛି। ବିକ୍ରମ ପଣ୍ଡାଙ୍କ ଗିରଫ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଦଳର ଉପସଭାପତି ପ୍ରମିଳା ମଲିକ କହିଛନ୍ତି, ଏହି ଘଟଣାରେ ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ହେଲେ ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ବିକ୍ରମ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି। ବିକ୍ରମଙ୍କ ସମ୍ପୃକ୍ତି ନେଇ ଗୁଡ଼ିଏ ଗପ ପୋଲିସ ଶୁଣାଇଛି, କିନ୍ତୁ ତାଙ୍କ ବିରୋଧରେ ତିଳେମାତ୍ର ପ୍ରମାଣ ଦେଇପାରି ନାହିଁ। ଗତ ୧୬ ମାସର ଭାଜପା ଶାସନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗଞ୍ଜାମ ଜିଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲାରେ ୧୫୨ଟି ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଭାଜପା ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଭାଜପାର ପୂର୍ବତନ ଜିଲା ପରିଷଦ ସଦସ୍ୟ ଏନ୍. ଡମ୍ବରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ବିଭୂତି ଜେନାଙ୍କ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହିତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଥିଲେ। ଏହା ଭାଜପା ପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ଯାଉଥିବାରୁ, ଏଭଳି ନାଟକୀୟ ଢଙ୍ଗରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ଏସ୍‌ପି ଶ୍ରବଣା ବିବେକ ଖବରଦାତା ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ରଖି ନାହାନ୍ତି। କେବଳ କିଛି କାହାଣୀ କହିଛନ୍ତି।




ନୂଆପଡ଼ା ଉପନିର୍ବାଚନକୁ ଆଖିଆଗରେ ରଖି ବିକ୍ରମଙ୍କୁ ଫସାଯାଇଛି। ଭାଜପା ଇଙ୍ଗିତରେ ବିଜେଡି ଜିଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି। ରାଜ୍ୟରେ ଭାଜପାର ସ୍ୱାର୍ଥରକ୍ଷା ପାଇଁ ପୋଲିସ କାର୍ଯ୍ୟ କରୁଛି। ଏହାକୁ ବିରୋଧ କରି ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରମିଳା କହିଛନ୍ତି। ଏହି ଅବସରରେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏବଂ ମୁଖପାତ୍ର ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ।

ଅନ୍ୟପଟେ ବିଜେଡି ଅଭିଯୋଗକୁ ଖଣ୍ଡନ କରି ଭାଜପାର ବରିଷ୍ଠ ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସତ୍ୟର ଆଳାପ, ଅପରାଧକୁ ଉସୁକାଉଛି ବିଜେଡି। ଯଦି ପ୍ରମାଣ ନ ଥିବ ତେବେ କୋର୍ଟରେ ବେଲ୍ ସଙ୍ଗେ ସଙ୍ଗେ ମିଳିଯିବ। ହତ୍ୟା ପାଇଁ ବାହାରୁ ପେସାଦାର ଅପରାଧୀଙ୍କୁ ଡକାଯାଇଥିବା ଜାଣି ଚକିତ ଲାଗୁଛି। ଯଦି ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରିବାର ଥାଆନ୍ତା ତେବେ ଘଟଣାର ପରଦିନ କରାଯାଇଥାଆନ୍ତା। ଏତେଦିନ କାହିଁକି ଲାଗିଥାଆନ୍ତା ବୋଲି ସେ କହିଛନ୍ତି।

## ଏସ୍‌ପିଙ୍କୁ ଭେଟିଲେ ଜିଲା ବିଜେଡି ନେତା



ବ୍ରହ୍ମପୁର ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି ଗଞ୍ଜାମ ଜିଲା ବିଜେଡିର ନେତାମାନେ।

**ବ୍ରହ୍ମପୁର,୨୨।୧୦(ଅଶୋକ କୁମାର ସାହୁ/ ସୁବାସ ଚନ୍ଦ୍ର ପାଢ଼ୀ)**

ପୀତବାସ ପଣ୍ଡାଙ୍କୁ ଗତ ୬ ତାରିଖରେ କୁମାର ପୂର୍ଣ୍ଣିମା ରାତିରେ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ୨ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ବୁଧବାର ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୨ଜଣଙ୍କୁ ଗିରଫ କରି ଜେଲ ପଠାଇଛି। ବିକ୍ରମଙ୍କ ଗିରଫଦାରୀକୁ ବିଜେଡି ନେତାମାନେ ବିରୋଧ କରିବା ସହ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ତଦନ୍ତ ଠିକ ଭାବେ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। ବ୍ରହ୍ମପୁରର ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ବେହେରା, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ବିଜେଡି ନେତା ବିପ୍ଳବ ପାତ୍ର, ଚିନ୍ମୟ କୁମାର ସ୍ୱରୂପ ଦେଓ, ନେତ୍ରୀ ରିତା ସାହୁ ଏସ୍‌ପି ଡା.ସର୍ବଣା ବିବେକ ଏମ୍.ଙ୍କୁ ଭେଟିଥିଲେ। ସେହି ସମୟରେ ବିଜେଡିର ଶତାଧିକ କର୍ମୀ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ। ଏସ୍‌ପିଙ୍କୁ ଭେଟି ଆଲୋଚନା କରି ଫେରିବା ପରେ ପୂର୍ବତନ ଏମ୍‌ପି ସାହୁ କହିଥିଲେ ଯେ, ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତିର କୌଣସି ଠିକ ପ୍ରମାଣ ନାହିଁ। ତାଙ୍କୁ ଆକ୍ରୋଶମୂଳକ ଭାବେ ଯେଭଳି ଗିରଫ କରାଗଲା ତାହା ଠିକ ନୁହେଁ। ଏଭଳି ତଦନ୍ତରେ ବିଜେଡି ସନ୍ତୁଷ୍ଟ ନୁହେଁ। ବିଜେଡି ମୁଖ୍ୟଙ୍କ ସହ ଆଲୋଚନା ହୋଇଛି। ତଦନ୍ତକୁ ବାଟବଣା କରିବା ଉଦ୍ଦେଶ୍ୟରେ ପୋଲିସ ଏଭଳି କରିଛି। ଏହାର ପ୍ରତିବାଦରେ ବିଜେଡି ରାସ୍ତାକୁ ଓହ୍ଲାଇବ। ଆଇନର ଶୀର୍ଷକୁ ଯିବ। ନୂଆପଡା ଉପନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ନେତାଙ୍କ ପ୍ରତିଛବି ମଳିନ କରିବା ଓ ନୂଆପଡା ଉପନିର୍ବାଚନରେ ବିକ୍ରମଙ୍କ ଯେଉଁ ଦାୟିତ୍ୱ ରହିଛି ତାହାକୁ ଖରାପ କରିବାକୁ ଏହା ଏକ ଚକ୍ରାନ୍ତ। ଭାଜପାର ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଉକ୍ତ ଘଟଣାରେ ଲିଙ୍କ ରହୁଛି। ତେଣୁ ତଦନ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପୂର୍ବତନ ଏମ୍‌ପି ସାହୁ କହିଛନ୍ତି। ଆମେ ସମସ୍ତ ପ୍ରକାର ତଦନ୍ତକୁ ସାମନା କରିବୁ। ଆଗାମୀ ଦିନରେ ଆଉ ଏକ ପ୍ରେସମିଟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

**ବାହାରେ ଧାରଣା ଦେଲେ ଶତାଧିକ କର୍ମୀ**



ବ୍ରହ୍ମପୁର ଏସ୍‌ପି କାର୍ଯ୍ୟାଳୟ ଆଗରେ ବିଜେଡି କର୍ମୀମାନେ ଧାରଣା ଦେଉଛନ୍ତି।

## ହେଡ୍ ଲାଇଟରେ ହୋଇଥିଲା ପୋଷ୍ଟମର୍ଟମ

ପୀତବାସଙ୍କ ଗୁଳିମାଡ଼ ପରେ ତୁରନ୍ତ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପୀତବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶରେ ହେଡଲାଇଟରେ ପୋଷ୍ଟମର୍ଟମ କରାଯାଇଥିଲା। ପରେ ତାଙ୍କ ଛାତିକୁ ଗୁଳି ବାଜିଥିବା ଓ ଡାହାଣ ଛାତି ନଷ୍ଟ ହୋଇଯାଇଥିବା ସ୍ପଷ୍ଟ ହୋଇଥିଲା।

## ଅପରାଧୀଙ୍କୁ ଧରିବା ପାଇଁ ୬ ଟିମ୍

ପୀତବାସ ମୃତ୍ୟୁ ମାମଲାରେ ଅପରାଧୀଙ୍କୁ ଧରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୋଲିସ ତତ୍ପର ହୋଇଥିଲା। ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ଓ ବୈଦ୍ୟନାଥପୁର ଆଇଆଇସି ନିଜ କାର୍ଯ୍ୟରେ ଯୋଗଦେଇ ଅପରାଧୀଙ୍କୁ ଧରିବା ପାଇଁ ୬ଟି ଟିମ ଗଠନ କରିଥିଲେ।

## ୭୦ ଜାଗାର ସିସିଟିଭି ଫୁଟେଜ ସଂଗ୍ରହ

ପୀତବାସଙ୍କ ମୃତ୍ୟୁ ପରେ ପୋଲିସ ଗତ ୬ ତାରିଖରେ ପୀତବାସ କେଉଁଠାରୁ ବାହାରି କେଉଁ ରାସ୍ତାରେ ଆସି ଘର ନିକଟରେ ପହଞ୍ଚିଥିଲେ। ସେହି ସ୍ଥାନର ପ୍ରାୟ ୭୦ ଜାଗାରୁ ସିସିଟିଭି ଫୁଟେଜ ସଂଗ୍ରହ କରିଥିଲା ପୋଲିସ। ସାଇଣ୍ଟିଫିକ ଟିମ ଜରିଆରେ ଅଞ୍ଚଳବାସୀଙ୍କୁ ପଚରାଉଚରା କରିଥିଲା।

## କଲ୍ ରେକର୍ଡ ଯାଞ୍ଚ

ପୀତବାସଙ୍କ ମୋବାଇଲ ଫୋନ୍‌କୁ କେଉଁମାନେ ଫୋନ କରିଥିଲେ, ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ସେମାନେ ଫୋନ କାହାକୁ କରିଥିଲେ, ସମସ୍ତଙ୍କ କଲ ରେକର୍ଡ ପୋଲିସ ଯାଞ୍ଚ କରିଥିଲା। ସେଥିରୁ ପୋଲିସ ଅନେକ ତଥ୍ୟ ପାଇଥିଲା। ସେହି ଅନୁସାରେ ତଦନ୍ତ ଆଗକୁ ବଢ଼ାଇଥିଲା।

## ଅପରାଧୀଙ୍କୁ କଠିନ ଦଣ୍ଡ ଦିଆଯାଉ

ଘଟଣା ପୂର୍ବରୁ ବିକ୍ରମ ପଣ୍ଡା ଓ ମଦନ ଦଳେଇ ୨ଥର ଆସିଥିଲେ। ସେମାନେ ଧୈର୍ଯ୍ୟ ଦେଇଥିଲେ। ଏମାନେ ଏଭଳି କାମ କରିଛନ୍ତି ତାହା ଚିନ୍ତା କରି ହେଉନି। ସେମାନେ କେଉଁ ମୁହଁ ନେଇ ଘରକୁ ଆସିଥିଲେ। ଭାଇ ଜଣେ ଆଇନଜୀବୀ ଥିଲେ। ଆଇନଜୀବୀ ସମାଜକୁ ଧନ୍ୟବାଦ ଦେଉଛନ୍ତି। ଅପରାଧୀଙ୍କୁ କଠିନ ଦଣ୍ଡ ଦିଆଯାଉ ବୋଲି ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି।

## ଦୋଷୀଙ୍କୁ ଫାଶୀ ଦାବି କଲେ ସ୍ତ୍ରୀ

ପୀତବାସ ପଣ୍ଡାଙ୍କ ସ୍ତ୍ରୀ ସୁସ୍ମିତା ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଦୋଷୀଙ୍କୁ ଫାଶୀ ଦିଅନ୍ତୁ। ପୀତବାସ ବହୁତ ଭଲ ଲୋକ ଥିଲେ। ବହୁତ ଲୋକଙ୍କୁ ସହାୟତା କରୁଥିଲେ। ଦୋଷୀଙ୍କୁ ଦଣ୍ଡ ଦିଅନ୍ତୁ।

## ଅପରାଧ ଲୁଚାଇବା ଅପଚେଷ୍ଟା ନ କରି ତଦନ୍ତରେ ସହଯୋଗ କରୁ ବିଜେଡି: ଭାଜପା

**ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)**

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଅତ୍ୟନ୍ତ ଦୁଃଖଦ ଘଟଣା। ଏହି ଘଟଣାର ରହସ୍ୟ ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି। ଘଟଣା ସମ୍ପର୍କରେ ସୂଚନା ଦେଇ ଆଜି ବ୍ରହ୍ମପୁର ଏସ୍‌ପି ଗଣମାଧ୍ୟମ ସମ୍ମୁଖରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଏସ୍‌ପିଙ୍କ ବିବୃତି ପରେ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରି ନିଜ ରାଜନୈତିକ ଅପରିପକ୍ୱତାର ପରିଚୟ ପ୍ରଦାନ କରିଛି। ତରବରିଆ ଭାବେ ବିଜେଡି ମୁଖପାତ୍ରମାନେ ଦର୍ଶାଇଛନ୍ତି, ମନ୍ଦିର ଭିତରେ କିଏ, ନା ମୁଁ କଦଳୀ ଖାଇ ନାହିଁ। ନିଜ ଦଳର ଅସାମାଜିକ ତତ୍ତ୍ୱ ତଥା ଅପରାଧୀମାନଙ୍କ ସମ୍ପୃକ୍ତି ସମ୍ବନ୍ଧରେ ନିଜ ସଫେଇ ଦେବା ସହିତ ବିଜେଡି ପ୍ରବକ୍ତାମାନେ ଅନେକ ଗମ୍ଭୀର ଆରୋପ କରିଛନ୍ତି, ଯାହା ତାଙ୍କର ସମ୍ପୂର୍ଣ୍ଣ ଅପରିପକ୍ୱତା ଏବଂ ପିଲାଳିଆମିର ପରିଚୟ। ନିଜ ଅପରାଧକୁ ଲୁଚେଇବା ପାଇଁ ଅପଚେଷ୍ଟା ନ କରି ପୋଲିସର ତଦନ୍ତକୁ ବିଜେଡି ସହଯୋଗ କରୁ ବୋଲି ଭାଜପା ରାଜ୍ୟ ଉପସଭାପତି ଯତୀନ ମହାନ୍ତି କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯତୀନ କହିଛନ୍ତି, ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ରାଜନୀତୀକରଣ ହେବା ଅନୁଚିତ। ତଦନ୍ତ ପ୍ରକ୍ରିୟା ଜାରି ରହିଛି ଏବଂ ସମସ୍ତେ ଏହି ନ୍ୟାୟର ପ୍ରକ୍ରିୟାରେ ସହଯୋଗ କରିବା ଉଚିତ। ଅସାମାଜିକ ତତ୍ତ୍ୱ ତଥା ଅପରାଧୀଙ୍କ କୌଣସି ଜାତି ବା ଧର୍ମ ନାହିଁ। ଯେଉଁମାନଙ୍କ ସମ୍ପୃକ୍ତି ଅଛି ସେମାନେ ତଦନ୍ତ ପରିସରକୁ ଆସିବେ। ସମସ୍ତ ଦୋଷୀଙ୍କୁ ଧରି ଉପଯୁକ୍ତ ଦଣ୍ଡବିଧାନ କରିବା ହେଉଛି ମୂଳ ଉଦ୍ଦେଶ୍ୟ। ଶାସନରେ ଥିଲାବେଳେ ବିଜେଡି ନେତା, ବିଧାୟକ, ମନ୍ତ୍ରୀମାନେ ହତ୍ୟା, ବଳାତ୍କାର, ଅଙ୍ଗ ତସ୍କରି ଭଳି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ। ଅପରାଧୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ମଧ୍ୟ ସେ ଅଭ୍ୟାସ ଛାଡି ନାହାନ୍ତି। ଏବେ ବି ବିଜେଡି ନେତାମାନେ ରାଜ୍ୟରେ ହତ୍ୟା, ବଳାତ୍କାର ଭଳି ଅପରାଧ ଚଳାଇଛନ୍ତି ବୋଲି ଯତୀନ କହିଛନ୍ତି।



ବିକ୍ରମ ପଣ୍ଡା ଏବଂ ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଯମ ଓ ଭାତୃ ଦ୍ୱିତୀୟା, ଚନ୍ଦ୍ର ଦର୍ଶନ



# ହିନ୍ଦୁ ମନ୍ଦିରର କ୍ରମବିକାଶ



ଦେବଦତ୍ତ ପଟ୍ଟନାୟକ

ଆମେ ଏବେ ଯେଉଁସବୁ ହିନ୍ଦୁ ମନ୍ଦିର ଦେଖୁଛୁ ତାହା ୫,୦୦୦ ବର୍ଷରୁ ଅଧିକ ପୁରୁଣା ନୁହେଁ। ପ୍ରାଚୀନ କାଳରେ ଲୋକେ ଦେବଦେବୀଙ୍କୁ ବନ୍ଦ ଗୃହରେ କିମ୍ବା ମୂର୍ତ୍ତି ରୂପରେ ପୂଜା କରୁ ନ ଥିଲେ। ଏହା ବଦଳରେ ସେମାନେ ପ୍ରକୃତିରୁ ସିଧାସଳଖ ଦିବ୍ୟତା ଅନୁଭବ କରୁଥିଲେ। ଗଛ, ପ୍ରାଣୀ, ନଦୀ, ପର୍ବତ କିମ୍ବା ଶିଳାଖଣ୍ଡକୁ ପ୍ରକୃତିର ପବିତ୍ର ରୂପ ଭାବେ ଉପାସନା କରାଯାଉଥିଲା। ପାଖାପାଖି ୨୦୦୦ ବର୍ଷ ପୂର୍ବେ ମଥୁରାରେ ଆମେ ପ୍ରଥମେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ଦେଖିବାକୁ ପାଇଥିଲୁ। କୌତୂହଳର ବିଷୟ ହେଉଛି, ସେହି ସମାନ ସମୟରେ କୁଶାଣ ରାଜତ୍ୱ କାଳରେ ମୁଦ୍ରାରେ ଶିବ, ବିଷ୍ଣୁ ଓ ବିଭିନ୍ନ ଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ପ୍ରାୟ ୧୮୦୦ ବର୍ଷ ପୂର୍ବେ ପାଖାପାଖି ଖ୍ରୀଷ୍ଟାବ୍ଦ ୨୦୦ରେ ମଥୁରାରେ ଗଢ଼ାଯାଇଥିବା ବାଲୁକାଶିଳାର ମୂର୍ତ୍ତିଗୁଡ଼ିକ ସ୍ପଷ୍ଟ ଭାବେ ହିନ୍ଦୁ ଦେବଦେବୀଙ୍କ ରୂପ ବୋଲି ଚିହ୍ନି ହେଉଛି। ଏଠାରେ ଆମେ ଶିବଲିଙ୍ଗ, ଅନେକ ସ୍ଥଳରେ ଏଗୁଡ଼ିକ ଉପରେ ମୁହଁ ଖୋଦେଇ ହୋଇଥିବା ( ମୁଖଲିଙ୍ଗ) ଦେଖିବାକୁ ପାଉ। ଏହା ବ୍ୟତୀତ ବିଷ୍ଣୁ, କୃଷ୍ଣ ଏବଂ ବଳରାମଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ। ଆମେ ଜାଣିବାରେ ଏଗୁଡ଼ିକୁ ଏଯାବତ୍ କୌଣସି ମନ୍ଦିରରେ ରଖାଯାଇ ନାହିଁ, ବରଂ ସେଗୁଡ଼ିକ ଉଦ୍ୟାନ ଏବଂ ନଦୀ କଡ଼ରେ ରଖାଯାଇ ଖୋଲା ଜାଗାରେ ପୂଜା କରାଯାଉଥିଲା। ପ୍ରକୃତି ଉପାସନାରୁ ମୂର୍ତ୍ତି ପୂଜା ପରମ୍ପରାକୁ କିଭଳି ପରିବର୍ତ୍ତନ ଘଟିଛି ତାହା ଏହି ଧାରା ଆମକୁ ସ୍ପଷ୍ଟ କରିଦିଏ।

ପରବର୍ତ୍ତୀ ସମୟରେ ଏହିସବୁ ମୂର୍ତ୍ତିକୁ ମନ୍ଦିର କିମ୍ବା ଗୃହ ମଧ୍ୟରେ ରଖାଯାଇଥିଲା। ଉତ୍ତରପ୍ରଦେଶର ଭିତରଗାଁରେ ପାଖାପାଖି ଖ୍ରୀଷ୍ଟାବ୍ଦ ୫୦୦ରେ ଏକ ଇଟା ନିର୍ମିତ ମନ୍ଦିର ରହିଛି, ଯେଉଁଠାରେ ଏକ ଗର୍ଭଗୃହରେ ମୂର୍ତ୍ତିଗୁଡ଼ିକୁ ରଖାଯାଇଥିଲା। ଏହାସହ ହିମାଳୟ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ମଧ୍ୟପ୍ରଦେଶର ନାଚନାରେ ଏକ ଶିବ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ଛାତକୁ ଏକ ପର୍ବତ ଭଳି ଗଢ଼ାଯାଇଛି ଏବଂ ଏହାର ପ୍ରବେଶ ପଥରେ ଦେବୀ ଗଙ୍ଗା ଓ ଯମୁନାଙ୍କ ମୂର୍ତ୍ତି ଖୋଦେଇ କରାଯାଇଛି। ଝାନ୍ସୀ ନିକଟରେ ଦେଓଗଡ଼ରେ ପଥର ନିର୍ମିତ ଏକ ପୁରାତନ ବିଷ୍ଣୁ ମନ୍ଦିର ଦେଖିବାକୁ ମିଳେ। ଏହି ମନ୍ଦିରରେ ଅନନ୍ତ ନାଗ ସହ ବିଷ୍ଣୁ ବସିଥିବାର ବିଶାଳ ମୂର୍ତ୍ତି ରହିଛି। ଏହା ସହ ଚତୁର୍ବାହୁ ବିଷ୍ଣୁ ଗରୁଡ଼ ଉପରେ ବସିଥିବା ଏବଂ ରାମ ଓ କୃଷ୍ଣଙ୍କ ଜୀବନୀ ଚିତ୍ର ଦେଖିବାକୁ ମିଳିଥାଏ।



ଏସବୁ ହେଉଛି ଶାସ୍ତ୍ରୀୟ ମନ୍ଦିର ସ୍ଥପତିର ଆରମ୍ଭ। ଖ୍ରୀଷ୍ଟାବ୍ଦ ୬୦୦ ପରେ ଏହି ଧାରା ଅବ୍ୟାହତ ରହିଥିଲା ଏବଂ ଶିଳାକୁ କାଟି ବିଶାଳ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ସମୟରେ ବାସ୍ତବରେ ବିଶାଳ ତଥା ଆକର୍ଷଣୀୟ କଳାକାରୁକାର୍ଯ୍ୟ ସାମ୍ନାକୁ ଆସିଥିଲା। କର୍ଣାଟକରେ ଏଲୋରା ଓ ଏଲିଫ୍ୟାଣ୍ଟ ଗୁମ୍ଫାଗୁଡ଼ିକ ଏବଂ ପଟାଡକାଲର ମନ୍ଦିରଗୁଡ଼ିକ ସହ ଚେନ୍ନାଇ ନିକଟବର୍ତ୍ତୀ ମାମଲ୍ଲପୁରମ୍ ଶୋର ମନ୍ଦିରର ଶିଳା ଖୋଦେଇ ବିଷ୍ଣୁ ଓ ଶିବଙ୍କ ଚିତ୍ର ପ୍ରଦର୍ଶନ କରିଥାଏ। ଏସବୁ କେବଳ ଉପାସନାର ସ୍ଥଳ ନ ଥିଲା, ବରଂ ରାଜ ଶାସନର ଘୋଷଣାପତ୍ରଗୁଡ଼ିକୁ ସିଧାସଳଖ ପାହାଡ଼ ଓ ପଥର ଚଟାଣ ଉପରେ ଖୋଦେଇ କରାଯାଇଥିଲା।

ଅଷ୍ଟମ ଶତାବ୍ଦୀ ସୁଦ୍ଧା ଆମେ ଆହୁରି ଅଧିକ ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ ଦେଖିବାକୁ ପାଉ। ଏଲୋରାରେ ଗୋଟିଏ ପଥରକୁ ଖୋଦେଇ କରି କୈଳାସନାଥ ମନ୍ଦିର ନିର୍ମାଣ କରାଯାଇଛି। ଏହି ସମୟରେ ଶିଳା ଖୋଦେଇ ପରିବର୍ତ୍ତେ ପଥରକୁ ପଥର ଯୋଡ଼ି ମନ୍ଦିର ତିଆରି କରିବା ଧାରା ସାମ୍ନାକୁ ଆସିଥିଲା। ଏହା କର୍ନାଟକର ହାମ୍ପି ଓ ପଟ୍ଟାଡକାଇ ଏବଂ କାଞ୍ଚିପୁରମର କୈଳାସନାଥ ମନ୍ଦିରରେ ଦେଖିବାକୁ ମିଳେ। ପାହାଡ଼ କିମ୍ବା ବିଶାଳ ଶିଳା ଖୋଦେଇ କରିବା ଧାରାରେ ପରିବର୍ତ୍ତନ ଘଟି ପଥର ଯୋଡ଼ି ମନ୍ଦିର ନିର୍ମାଣ କରିବା କଳା ସ୍ଥାୟୀ ସ୍ଥପତି ଶୈଳୀକୁ ସୂଚିତ କରିଥିଲା। ୧୦ମ ଶତାବ୍ଦୀ ସୁଦ୍ଧା ମନ୍ଦିର ସ୍ଥପତିରେ ଜଟିଳ ରୂପ ଦେଖାଯାଇଥିଲା। ଏହି କ୍ରମରେ ଉତ୍ତରଭାରତରେ ବକ୍ରାକାର 'ନାଗରା' ଓ ଦକ୍ଷିଣ ଭାରତରେ ପୀରାମିଡ୍ ସଦୃଶ ' ବିମାନ' ଶୈଳୀ ସାମ୍ନାକୁ ଆସିଥିଲା। ତାନ୍ତ୍ରିକ ମଣ୍ଡଳକୁ ଆଧାର କରି ମନ୍ଦିରଗୁଡ଼ିକ ନିର୍ମାଣ କରାଯାଉଥିଲା। ଏଗୁଡ଼ିକ କେବଳ ଦେବତାଙ୍କ ଆବାସ ଭାବେ କାମ କରୁ ନ ଥିଲା, ବରଂ ରୀତିନୀତି ବା କର୍ମକାଣ୍ଡ ଶକ୍ତିର କେନ୍ଦ୍ର ଭାବେ ରହିଥିଲା। ଏଠାରେ ପୂଜକମାନେ ଧନ , ସୁରକ୍ଷା ଓ ଭାଗ୍ୟ ପାଇଁ ତାନ୍ତ୍ରିକ କର୍ମକାଣ୍ଡ କରୁଥିଲେ। ଏବେ ଆମେ ଦେଖୁଥିବା ଭକ୍ତି ସହିତ ଜଡ଼ିତ ଅଧିକାଂଶ ମନ୍ଦିରଠାରୁ ପ୍ରାଚୀନ ମନ୍ଦିରଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେସବୁ କର୍ମକାଣ୍ଡର ପରୀକ୍ଷଣ କେନ୍ଦ୍ର ଭାବେ କାମ କରୁଥିଲା , ଯେଉଁଠି ବ୍ରହ୍ମାଣ୍ଡ ଶକ୍ତିର କେନ୍ଦ୍ର ପାଇଁ ଜ୍ୟାମିତି, କଳା ଓ ମନ୍ତ୍ରକୁ ଏକାଠି ଉପଯୋଗ କରାଯାଉଥିଲା।

ଭକ୍ତି ଆନ୍ଦୋଳନର ଉତ୍ଥାନ ପରେ ପୁନର୍ବାର ମନ୍ଦିରଗୁଡ଼ିକରେ ପରିବର୍ତ୍ତନ ଆସିଥିଲା। ଗୁପ୍ତ ତାନ୍ତ୍ରିକ କର୍ମକାଣ୍ଡର ଗୁରୁତ୍ୱ ହ୍ରାସ ପାଇବା ସହ ସାର୍ବଜନୀନ ଭାଗୀଦାରି ବୃଦ୍ଧି ପାଇଲା। ଗାଇବା, ନାଚିବା ଏବଂ ବ୍ୟକ୍ତିଗତ ଭାବେ ପୂଜା କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଗଲା। ଏଥିପାଇଁ ପୁରୀର ଜଗନ୍ନାଥ ଓ ତାମିଲନାଡୁର ଶ୍ରୀରଙ୍ଗମ ଭଳି ବୈଷ୍ଣବ ମନ୍ଦିର ଅଧିକ ଲୋକପ୍ରିୟ ହୋଇଗଲା। ୧୧ଶ ଶତାବ୍ଦୀରେ ସୋମନାଥ ମନ୍ଦିର ଉପରେ ମହମ୍ମଦ ଗଜନୀ ଆକ୍ରମଣ କରିବା ପରେ ଭାରତରେ ଲୋକଙ୍କ ବିଶ୍ୱାସକୁ ଆଧାର କରି ଅନେକ ମନ୍ଦିର ନିର୍ମାଣ କରାଯାଇଥିଲା। ଉଦାହରଣସ୍ୱରୂପ, ୧୧ଶ ଶତାବ୍ଦୀରେ ପ୍ରସିଦ୍ଧ ଖଜୁରାହ ମନ୍ଦିର ନିର୍ମାଣ କରାଯାଇଥିଲା। ତେବେ ବାଣିଜ୍ୟ ପଥ ପରିବର୍ତ୍ତନ ହେବା ଯୋଗୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଲା। ପାଖାପାଖି ଏହି ସମୟରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିର୍ମାଣ ହୋଇଥିଲା। ଆକବରଙ୍କ ରାଜପୁତ ସେନାଧ୍ୟକ୍ଷ ମାନ ସିଂ ଷୋଡ଼ଶ ଶତାବ୍ଦୀରେ ବୃନ୍ଦାବନରେ ଗୋବିନ୍ଦରାଜ ମନ୍ଦିର ନିର୍ମାଣ କରିଥିଲେ, ଯାହାକୁ ୧୭ଶ ଶତାବ୍ଦୀରେ ଆଉରଙ୍ଗଜେବ ଆକ୍ରମଣ କରି ଭାଙ୍ଗିରୁଜି ଦେଇଥିଲେ।

ମନ୍ଦିର ଉପରେ ମୁସଲମାନ ସେନା ଯେତେବେଳେ ଆକ୍ରମଣ କରୁଥିଲେ ସେତେବେଳେ ଲୋକେ ଦେବଦେବୀଙ୍କ ଛୋଟ ମୂର୍ତ୍ତିଗୁଡ଼ିକୁ ମନ୍ଦିରରୁ ନେଇ ନିଜ ଘରେ ରଖିଥିଲେ କିମ୍ବା ରାଜସ୍ଥାନରେ ହାଭେଳି ଶୈଳୀରେ ନିର୍ମିତ ଘରେ ସୁରକ୍ଷିତ ଭାବେ ପୁନଃସ୍ଥାପିତ କରିଥିଲେ। ସପ୍ତଦଶ ଶତାବ୍ଦୀରେ ପଶ୍ଚିମବଙ୍ଗରେ କୃଷ୍ଣଙ୍କ ଟେରାକୋଟା ମନ୍ଦିର ଗଢ଼ାଯାଇଥିଲା, ଯେଉଁଥିରେ ଉଭୟ ପାରମ୍ପରିକ ସ୍ଥାନୀୟ କଳାକୃତି ତଥା ଭକ୍ତିର ପରିପ୍ରକାଶ ଘଟିଥିଲା। ତେବେ ମୋଗଲ ସାମ୍ରାଜ୍ୟର ପତନ ଓ ମରାଠାଙ୍କ ଉତ୍ଥାନ ଯୋଗୁ ଅଧିକ ସଂଖ୍ୟାରେ ନୂଆ ମନ୍ଦିର ନିର୍ମାଣ କରାଯାଇଥିଲା। ଭୋସଁଲେ ଏବଂ ହୋଲ୍‌କାର ଭଳି ଶାସକମାନେ ନାସିକ, ଗ୍ୱାଲିୟର ଓ କାଶୀରେ ବିଶେଷକରି ରାମ ମନ୍ଦିର ନିର୍ମାଣ କରିଥିଲେ। ଏହିପରି ଭାବେ ଅନେକ ଶତାବ୍ଦୀ ଧରି ହିନ୍ଦୁ ମନ୍ଦିର ସ୍ଥାୟୀ ହୋଇ ରହିପାରି ନାହିଁ। ଏଥିରେ କ୍ରମବିକାଶ ଘଟିଛି ଏବଂ ଦର୍ଶନରେ ହୋଇଥିବା ପରିବର୍ତ୍ତନ ତଥା ଅନେକ ପ୍ରକାର ଆହ୍ୱାନକୁ ସାମ୍ନା କରି ଏହା ତିଷ୍ଠି ରହିଛି।

-devduttofficial@gmail.com

## ଏଇ ଭାରତରେ

ଆଜାଦ୍‌ଙ୍କ ପାଇଁ ପାଠପଢ଼ିବା ଥିଲା ସବୁଠୁ କଷ୍ଟକର। ହେଲେ ସେ ଏବେ ପିଲାଙ୍କୁ ପଢ଼ାଉଛନ୍ତି ଏକ ଫରେଷ୍ଟ ସ୍କୁଲରେ। ଏହାର ନାମ ରଖିଛନ୍ତି ଆଜାଦୱାଡି ବା ' ସ୍ୱାଧୀନତାର ଉପତ୍ୟକା' । ଏହି ସ୍କୁଲରେ ଶ୍ରେଣୀଗୃହ ନାହିଁ , ବରଂ ଏହା ଏକ ଉଦ୍ୟାନ। ପିଲାମାନେ ସୁନ୍ଦର ପରିବେଶରେ ରହି ପାରମ୍ପରିକ ଶିକ୍ଷା ସହ ବୃତ୍ତିଗତ ଜୀବନରେ କିଭଳି ଦକ୍ଷ ହୋଇପାରିବେ ସେ ସମ୍ପର୍କରେ ଶିକ୍ଷା ପାଉଛନ୍ତି। ନିଜ ଖାଦ୍ୟ ଉତ୍ପାଦନ କରିବା, ପେଣ୍ଟିଂ, ରୋଷେଇ ଓ ବିଭିନ୍ନ କଳା ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଆଯାଉଛି। କାହାଣୀ, ସଙ୍ଗୀତ ତଥା ପରୀକ୍ଷଣ ହେଉଛି ସେମାନଙ୍କ ଶିକ୍ଷାର ମଧ୍ୟମ। ସେଠକାର ଗାଁ ଲୋକଙ୍କ ସହ ମିଶି ପିଲାମାନେ କଳା, ସଂସ୍କୃତି ଓ ଚାଲିଚଳନ ତଥା ବୃକ୍ଷରୋପଣ ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ଆଜାଦ ପଢ଼ିବା ଲାଗି ୭ଟି ସ୍କୁଲ ପରିବର୍ତ୍ତନ କରିଥିଲେ ଓ ଛାଡ଼ିଥିଲେ। ସ୍କୁଲ ପାସ୍ କରିବା ପେର ଦୁଇ ଥର କଲେଜ ବି ପରିବର୍ତ୍ତନ କରିଛନ୍ତି। କଲେଜ ଶିକ୍ଷା ଶେଷକରି ସେ ବକ୍ସିଂରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ଆହତ ହେବା ପରେ ସେ ଏଥିରୁ ଓହରି ଜଙ୍ଗଲିଆ ପରିବେଶରେ ଆଜାଦୱାଡି ନାମକ ସ୍କୁଲ ଉଦୟପୁରରେ ଖୋଲିଛନ୍ତି। ଏହି ସ୍କୁଲ ପରିଚାଳନା କରିବାରେ ଆଜାଦଙ୍କ ସ୍ତ୍ରୀ ଇମ୍ଲୀ ତାଙ୍କୁ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ବୁଝିଲି ଶୁଣିଲି କେତେ ଶତ ପୋଥି ପଢ଼ି ତ
ହେଲି କେତେ ନବ ନବ ପୀରତିରେ ପୀଡ଼ିତ
ମୂଢ଼ କରି ଆପଣାକୁ ଦହିଲି ଏ ଦେହକୁ
ବୁଝିଲି ଏ ଦେହ ଘେନି ରହେ ତାହା ଜଡ଼ିତ ।

-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 9 | | | |
| 7 | | | | | | | 8 | |
| | 6 | 4 | | | | 3 | | 7 |
| | | | 4 | 3 | 2 | | | |
| | | 7 | | | | | | |
| | 8 | | | | | | 6 | |
| 6 | | | 2 | | | | | |
| | 4 | 2 | | 5 | 7 | 1 | | |
| | 5 | 8 | 6 | | 1 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 2 | 4 | 7 | 1 | 5 | 3 | 9 |
| 3 | 9 | 4 | 6 | 5 | 8 | 1 | 2 | 7 |
| 1 | 5 | 7 | 9 | 2 | 3 | 6 | 4 | 8 |
| 7 | 2 | 3 | 8 | 1 | 5 | 9 | 6 | 4 |
| 5 | 6 | 9 | 2 | 3 | 4 | 7 | 8 | 1 |
| 4 | 1 | 8 | 7 | 6 | 9 | 2 | 5 | 3 |
| 2 | 4 | 1 | 5 | 8 | 7 | 3 | 9 | 6 |
| 9 | 3 | 5 | 1 | 4 | 6 | 8 | 7 | 2 |
| 8 | 7 | 6 | 3 | 9 | 2 | 4 | 1 | 5 |

ଗତକାଲିର ଉତ୍ତର

# ଗଡ଼ଜାତ ଗଞ୍ଜଣା ଓ ଭଗବତୀ




ଡ. ପ୍ରଫୁଲ୍ଲ କୁମାର ସାହୁ

ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ, ଯେତେବେଳେ ସାମ୍ୟବାଦ ନାଁ ଶୁଣିବା ମାତ୍ରେ ଭୟରେ ଥରହର ହେଉଥିଲେ ଅଭିଜାତ ଗୋଷ୍ଠୀ, ସେହି ସମୟରେ ଭଗବତୀଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠନ ହେଲା(୧୯୩୫) 'ନବଯୁଗ' ସାହିତ୍ୟ ସଂସଦ। ତା'ର ଆବାହନୀ ସଂଗୀତ ଲେଖି କବି ଅନନ୍ତ ପଟ୍ଟନାୟକ ଗାଇଲେ ''ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା ,ବକ୍ଷ ଶୋଣିତ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା।'' ସାହିତ୍ୟ ମାଧ୍ୟମରେ ସମାଜବାଦୀ ଚେତନାକୁ ଆଗେଇନେବା ପାଇଁ ଭଗବତୀଚରଣଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କଲା (୧୯୩୬) ସଂସଦର ମୁଖପତ୍ର 'ଆଧୁନିକ'। ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ'ର ତୃତୀୟ ବର୍ଷ ଷଷ୍ଠ ସଂଖ୍ୟାରେ ଲେଖାଥିଲା -'ନବଯୁଗର ବାର୍ତ୍ତା ବହନକରି ଆସୁଛି 'ଆଧୁନିକ'। ଓଡ଼ିଶାର ପତ୍ରିକା ଜଗତରେ ଯୁଗାନ୍ତର ହେବା ସହିତ ହୃଦୟରେ ସଞ୍ଚାରଣ କରିବ ଅଭିନବ ଜାଗରଣ। ଧ୍ୱଂସକରିବ ଅପସାହିତ୍ୟର ଘୃଣ୍ୟ ଆବର୍ଜନା। ସୃଷ୍ଟି କରିବ ଉଚ୍ଚ ଚିନ୍ତାର ଯୁଗୋପଯୋଗୀ ସନ୍ଦର୍ଭ '। ଆଧୁନିକର ପ୍ରଥମ ସଂଖ୍ୟାରେ ତା'ର ଆଭିମୁଖ୍ୟକୁ ଆହୁରି ସ୍ପଷ୍ଟ କରିବା ଲକ୍ଷ୍ୟରେ ସମ୍ପାଦକ ଭଗବତୀଚରଣ ଲେଖିଲେ ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା ନୁହେଁ। ପୃଥିବୀବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ନିମନ୍ତେ ତା'ର ଜନ୍ମ। ସାପ ମରିବନି କି ବାଡ଼ି ଭାଙ୍ଗିବ ନାହିଁ- ଏହା ହିଁ ସାଧାରଣତଃ ସାହିତ୍ୟ ପତ୍ରିକାର ନୀତି। ମାତ୍ର ଆଧୁନିକ ଏହି ନୀତିର ଏକ ବ୍ୟତିକ୍ରମ। ବାଡ଼ି ଭାଙ୍ଗୁ ପଛେ ସାପକୁ ମାରିବା ତା'ର ଲକ୍ଷ୍ୟ। ଓଡ଼ିଆ ସାହିତ୍ୟରେ ଭଗବତୀଚରଣଙ୍କ ବହୁଚର୍ଚ୍ଚିତ ଗଳ୍ପ 'ଶିକାର' ହିଁ ପ୍ରଗତିବାଦୀ ଚେତନାର ଅଗ୍ନିବୀଜ। ଏହା ଆଧୁନିକରେ ପ୍ରକାଶ ପାଇଲା(୧୯୩୬) ପରେ।

ତା'ର ଅବିଶ୍ୱସନୀୟ ପାଠକୀୟ ଆବେଦନ ଏମିତି ଉନ୍ମାଦନା ସୃଷ୍ଟିକଲା ଯେ ଓଡ଼ିଆ ସାହିତ୍ୟରୁ ଅନେକାଂଶରେ ଅପସରିଗଲା ଜଡ଼ତା,କଳ୍ପନା ବିଳାସିତା ଓ ପଳାୟନପନ୍ଥୀ ଭାବନା। ଯୁଗ ଯୁଗ ଧରି ଯେଉଁମାନେ ମୂକ ଓ ନିର୍ବାକ ଥିଲେ, ସେମାନଙ୍କ ମୁହଁରେ ଫୁଟିଲା ପ୍ରତିବାଦର ଭାଷା। ସାମନ୍ତବାଦୀ ଚରିତ୍ର ପରିବର୍ତ୍ତେ ସାହିତ୍ୟରେ ନାୟକ ଭାବେ ଚିତ୍ରିତ ହେଲେ ନିମ୍ନ ମଧ୍ୟବିତ୍ତ ବର୍ଗର ମଣିଷ। କାଲମାର୍କ୍ସଙ୍କ ଦାସ କ୍ୟାପିଟାଲ ପଢ଼ି ଭଗବତୀଚରଣ ବୁଝିଥିଲେ ଲୋକେ ଧର୍ମ ରୂପକ ଅଫିମ ଖାଇ କେବଳ ଶୋଷଣର ଶିକାର ହେଉନାହାନ୍ତି,ଏହାଦ୍ୱାରା ବଢ଼ୁଛି ସାମ୍ପ୍ରଦାୟିକ ବିଦ୍ୱେଷ। ବିପନ୍ନ ହେଉଛି ଜାତୀୟ ଏକତା। ଏହି ମର୍ମରେ ସେ ଲେଖିଲେ-''ଧର୍ମ ଯେଉଁଠାରେ ତା'ର ଶୁଭ ଦୃଷ୍ଟି ପକାଏ, ସେଠାରେ ଉପନିବେଶ ସ୍ଥାପନକରେ ଦାସତ୍ୱ। ଜନତାର ଦାସତ୍ୱ ହିଁ ଧର୍ମର ସହଯାତ୍ରୀ। ଧର୍ମ ପ୍ରଚାରର ଉଦ୍ଦେଶ୍ୟ ହୁଏତ ଭିନ୍ନ ହୋଇପାରେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ତା'ର ପରିଣାମ ହେଉଛି ଜନତାର ଦାସତ୍ୱ।'' 'ଆଧୁନିକ'ର ପ୍ରଭାବରେ ଧୀରେ ଧୀରେ ତୁଟିବାକୁ ଲାଗିଲା ଧର୍ମ ଓ ଭଗବାନଙ୍କ ଉପରୁ ବିଶ୍ୱାସ। ପ୍ରେମ ଓ ସୌନ୍ଦର୍ଯ୍ୟର ନିରାଜନା କରୁଥିବା ସବୁଜ କବିମାନେ ସୁଦ୍ଧା ସବୁଜ ପରୀର ଅଞ୍ଚଳ ତଳୁ ମୁହଁ କାଢ଼ି ଚାହିଁଲେ ପ୍ରଗତିବାଦୀ ସାହିତ୍ୟର ସାମାଜିକ ବାସ୍ତବତା ଆଡ଼େ। ଅତୀନ୍ଦ୍ରିୟ ରହସ୍ୟବାଦର ମାୟାଜାଲ ଛିଡ଼େଇ ଆଙ୍କିଲେ ନିର୍ଯାତିତ ମଣିଷର ଦୁଃଖ ଓ ଦୁର୍ଦ୍ଦଶାର କରୁଣ ଚିତ୍ର। ଯେଉଁ ସ୍ୱପ୍ନବିଳାସୀ କବି(କାଳିନ୍ଦୀ ଚରଣ) ଗାଉଥିଲେ - ବଧୂ ଆସେ ମୋର ଧୀର ସୁଲଳିତ ତୃତୀୟ ଯୋଜନା ସମ..., ତାଙ୍କ କଲମରୁ ଝରିଲା -''ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।''

**ଭଗବତୀଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ ଉପଲକ୍ଷେ**



ଧୋଇ ମରୁଡ଼ିର ରାଜ୍ୟ ଥିଲା ଓଡ଼ିଶା। ଏଠି ବନ୍ୟାରେ ଭାସିଯାଉଥିଲା ଘରଦ୍ୱାର। ଉଜୁଡ଼ିଯାଉଥିଲା ଫସଲ। ସ୍ୱାଧୀନତା ଆନ୍ଦୋଳନରେ କଂଗ୍ରେସ ମାତିଥିବାବେଳେ କୃଷକମାନଙ୍କ ପ୍ରତି ହେଉଥିବା ଶୋଷଣ କଷଣ ବିରୋଧରେ ସ୍ୱତନ୍ତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଏକାଠି ହେଲେ କଂଗ୍ରେସ ଭିତରେ ଥିବା ବାମପନ୍ଥୀ ଗୋଷ୍ଠୀ । ସେମାନେ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଏକାଠିକରି ଗଠନକଲେ 'କୃଷକ ସଂଘ'। ସଂଘ ପକ୍ଷରୁ ଭଗବତୀଚରଣ ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'କୃଷକ' ନାମରେ ଏକ ସାପ୍ତାହିକ ପତ୍ରିକା। ମଠଧନ କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର, ଗଛ ମାଛରେ ପ୍ରଜାର ଅଧିକାର ସାବ୍ୟସ୍ତ ହେଉ ଇତ୍ୟାଦି ଦାବି ନେଇ ଏଥିରେ ଅନେକ ଲେଖା ପ୍ରକାଶ ପାଇଲା, ଯାହା ଜମି ମାଲିକମାନଙ୍କ ଆଖିରୁ ହଜେଇଦେଲା ନିଦ।

ଭଗବତୀଚରଣଙ୍କ ବେଳର ଓଡ଼ିଶା ଥିଲା ଏକ ସାମନ୍ତବାଦୀ ପ୍ରଥା ପ୍ରଚଳିତ ଏବଂ ବ୍ରିଟିଶ ଶାସନ ଦ୍ୱାରା ଶୋଷିତ ରାଜ୍ୟ। ଏଠାରେ ଥିବା ଗଡ଼ଜାତ ରାଜ୍ୟଗୁଡ଼ିକରେ ବେଠିରେ ତିଆରି ହେଉଥିଲା ରାସ୍ତାଘାଟ, କୋଠାବାଡ଼ି ଓ ରାଜପ୍ରାସାଦ ଇତ୍ୟାଦି। ରାଜା ଓ ଜମିଦାରମାନେ ପାରିଧିକୁ ଗଲେ, ହିଂସ୍ରଜନ୍ତୁ ସଙ୍କୁଳ ଜଙ୍ଗଲରେ ପ୍ରଜାମାନେ ଜଗୁଥିଲେ ଖେଦା। ପ୍ରଜାଙ୍କ ବାରିରେ କଦଳୀ, କଖାରୁ ଫଳିଲେ ଆଗେ ରାଜା ଜମିଦାରଙ୍କ ଘରକୁ ଯାଉଥିଲା ଭେଟି ଆକାରରେ। ସାମନ୍ତବାଦୀ ଶୋଷଣର ସବୁ ସୀମା ଟପିଯାଇଥିଲା ଢେଙ୍କାନାଳ ଗଡ଼ଜାତ। ଏଠାରେ ରାଜା ଯେଉଁ ସମାନ୍ତରାଳ ସରକାର ଚଳାଉଥିଲେ, ତାକୁ କୁହାଯାଉଥିଲା ଅନ୍ଧାରି କଚେରି। ସେଠାରେ ଯୋଡ଼ାଯାଉଥିଲା ମିଛସତ ମକଦ୍ଦମା। ଚିରାଚରିତ ଗଡ଼ଜାତ ଗଞ୍ଜଣା ବ୍ୟତୀତ ଏଠାରେ ଚାଲିଥିଲା ବହୁ ବୀଭତ୍ସ ବିଭୀଷିକାମୟ ଦୈହିକ, ଆର୍ଥିକ ଓ ମାନସିକ ଅତ୍ୟାଚାର। ଏହାର ପ୍ରତିବାଦରେ ଢେଙ୍କାନାଳରେ ଯେଉଁ ପ୍ରଜା ଆନ୍ଦୋଳନ ଗଢ଼ି ଉଠିଥିଲା, ତା'ର ନେତୃତ୍ୱ ଥିଲା ସାମୂହିକ। ଏଠାରେ ଏକାଠି ହୋଇଥିଲେ ନରମପନ୍ଥୀ, ମଧ୍ୟମପନ୍ଥୀ ଓ ବାମପନ୍ଥୀ ଆଦି ସବୁ ଗୋଷ୍ଠୀର ନେତା। ମାତ୍ର ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁପ୍ତ ସଙ୍ଗଠନ କାର୍ଯ୍ୟ କରୁଥିଲା, ଯାହାକୁ ପରିଚାଳନା କରୁଥିଲେ ଭଗବତୀ ଚରଣ। ସେ ହିଁ ଲେଖୁଥିଲେ 'ରଣଭେରି' ନାମକ ପ୍ରଚାରପତ୍ର ଯାହା ସେ ଅଞ୍ଚଳକୁ ଯାଉଥିଲା ଗୁପ୍ତରେ। ପ୍ରଜା ଆନ୍ଦୋଳନକୁ ଦମନ କରିବା ପାଇଁ ରାଜା ମୁତୟନ କରିଥିଲେ ଗୋରା ପଲଟନ। ଯେଉଁ ପଲଟନର ଗୁଳି ଚୋଟରେ ଶହୀଦ ହୋଇଥିଲେ ରକ୍ତନଦୀର ନାଉରି ବାଜି ରାଉତ ଓ ପ୍ରଜାମଣ୍ଡଳର ଅନେକ ସଦସ୍ୟ।

୧୯୩୯ ମସିହାରେ ଭଗବତୀ ଚରଣ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡରେ ପ୍ରବନ୍ଧ ଲେଖିବା ପରେ ସାରା ଭାରତର ଦୃଷ୍ଟି ଆକର୍ଷଣ କଲା ଢେଙ୍କାନାଳର ବୀରତ୍ୱପୂର୍ଣ୍ଣ ପ୍ରଜା ଆନ୍ଦୋଳନ। ଏଠାରେ ଭଗବତୀଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ଓ ପ୍ରଜା ସୋସାଲିଷ୍ଟମାନଙ୍କ ପ୍ରଭାବ ବଢ଼ି ଚାଲୁଥିବା ଅନୁଭବକରି ୧୯୪୦ ମସିହା ଜାନୁଆରୀରେ ତାଙ୍କୁ ଗିରଫକଲା ଇଂରେଜ ସରକାର। ଦେଶଦ୍ରୋହ ଆଇନର ଧାରା ଉପଧାରା ଲଗେଇ ତାଙ୍କୁ ଜେଲରେ ରଖାଗଲା ଦୀର୍ଘ ଅଢ଼େଇ ବର୍ଷ। ସେ ଜେଲରୁ ଖଲାସହେବା ବେଳକୁ ଓଡ଼ିଶାକୁ ଆଚ୍ଛନ୍ନ କରିଥିଲା ଦୁର୍ଭିକ୍ଷର କରାଳ ଛାୟା। ନୀରବରେ ଘରେ ବସିବା ପରିବର୍ତ୍ତେ ସେ ଲାଗିପଡ଼ିଲେ ରିଲିଫ ସଂଗ୍ରହ କାମରେ। ରିଲିଫ ସାମଗ୍ରୀ ଧରି ବୁଲିଲେ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳ। ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ରିଲିଫ ବାଣ୍ଟିବା ଅବସରରେ ଭୁଲିଗଲେ ଭୋକଶୋଷ, ଯାହାର ପରିଣାମ ଥିଲା ଚିରନିଦ୍ରା। ସାଧାରଣତଃ ତାଙ୍କୁ ହିଁ ସଚ୍ଚା କମ୍ୟୁନିଷ୍ଟ, ଯିଏ ନିଜ କଥା,ନିଜ ପରିବାର କଥା ଚିନ୍ତା ନ କରି ଚିନ୍ତାକରେ ବୃହତ୍ତର ସମାଜ କଥା। ଅର୍ଥାତ୍ ସେ ଥିଲେ ଜଣେ ସଚ୍ଚା କମ୍ୟୁନିଷ୍ଟ। ଇହଲୀଳା ସଂକ୍ଷିପ୍ତ (୧୯୦୮-୧୯୪୩)ହେଲେ ବି ତାଙ୍କ ଜୀବନ ଥିଲା ସଂଘର୍ଷମୟ ଓ ସାର୍ଥକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ ,**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଏକତ୍ୱ ହିଁ ଦେବତ୍ୱ



ଅନୀତା ପଟ୍ଟନାୟକ

ସୃଷ୍ଟି ରୋଷେଇ ଘରକୁ ଯାଇ ଦେଖିଲା ତା' ମାଆ କଖାରୁ, ଆଳୁ, ବାଇଗଣ ସବୁ କାଟୁଛନ୍ତି। ଚାକରାଣୀ ଦିବ୍ୟା ଗୋଟିଏ ଛୁରି ଧରି ଧନିଆପତ୍ର, ଲଙ୍କା, ଅଦା ପ୍ରଭୃତି କାଟି ପକାଉଛି। ଭଉଣୀ ଶ୍ରେଷ୍ଠା ପେଷିବା ଯନ୍ତ୍ରରେ ଗୁଡ଼ାଏ ଫଳକାଳି ଫଳରସ କରି ପକାଉଛି। ରୋଷେଇ ଘରେ ସେ ମା'କୁ ପଚାରିଲା- ସବୁ ଖଣ୍ଡଖଣ୍ଡ କରି ପକାଉଛ କାହିଁକି? ବିଜ୍ଞାନ ସାର୍ କହୁଥିଲେ, ଦୁଇଟି ପଥର ବାଜି ଖଣ୍ଡ ଖଣ୍ଡ ହୋଇ ଏ ପୃଥିବୀ ଗଢ଼ା। ଏ ପୃଥିବୀରେ ମୁଁ ଦେଖୁଛି ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଏହା କ'ଣ ସତ୍ୟ! ସୃଷ୍ଟିର ମା' ସୃଷ୍ଟିକୁ କହିଲେ, ସମୟକ୍ରମେ ସବୁକିଛି ଖଣ୍ଡ ଖଣ୍ଡ ହୋଇଯାଏ। ଶ୍ରେଷ୍ଠା କହିଲା, ବାପା କହୁଥିଲେ, ତାଙ୍କ ବାପା ଓ ଜେଜେଙ୍କର ଏକ ବିରାଟ ପରିବାର ଥିଲା। ଦିନେ ଖାଇବା ପାଇଁ ଖନ୍ଦା ବସୁଥିଲା। ପିତଳ ହଣ୍ଡାହାଣ୍ଡିରେ ରନ୍ଧା ହେଉଥିଲା। କିନ୍ତୁ ଏବେ ଯେ ବିବାହ କରୁଛି ସେ ଏକ ଅଲଗା ଘରଟିଏ କରି ରହିବାକୁ ଚାହୁଁଛି। ସେ ପ୍ରବଚକମାନଙ୍କଠାରୁ ଶୁଣୁଛି ଏକତ୍ୱ ହିଁ ଦେବତ୍ୱ। ବିଭିନ୍ନତା ମଧ୍ୟରେ ଏକତା ଦେଖ। କିନ୍ତୁ ପ୍ରକୃତରେ ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଆଉ ସେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ମା' କହିଲେ, ସବୁଆଡ଼େ ବିଭିନ୍ନତା ଦେଖାଯାଉଛି।

ଦିନେ ଏକାଠି ଏକ ମନ, ଏକ ପ୍ରାଣ ହୋଇ ରହୁଥିବା ଭାଇମାନେ ଜମିବାଡ଼ି, ଟଙ୍କା ପଇସା ପାଇଁ କୋର୍ଟ କଚେରିକୁ ଧାଇଁ ଅଲଗା ଅଲଗା ହୋଇଯାଉଛନ୍ତି। ଯାଁଳା ଭାଇ ଭଉଣୀ ଧନସମ୍ପତ୍ତି ପାଇଁ ପରସ୍ପରଠାରୁ ଅଲଗା ହୋଇଯାଉଛନ୍ତି। ଏକାଠି ଯୋଡ଼ି ହୋଇଥିବା ଶରୀର ଓ ମୁଣ୍ଡକୁ ଡାକ୍ତରମାନେ ପରିଶ୍ରମ କରି ଅଲଗା କରିବା ପରେ ସେମାନେ ସମ୍ପର୍କରେ ଅଲଗା ଅଲଗା ଭାଗ ନେଉଛନ୍ତି। ଭଗବାନ୍ ଗୋଟିଏ ପୃଥିବୀ ମଣିଷକୁ ଦେଇଥିଲେ ମଧ୍ୟ ଏହାକୁ ଭାଙ୍ଗି ସୀମା ନିର୍ଦ୍ଧାରଣ କରି ମନୁଷ୍ୟସମାଜ ନିଜ ନିଜ ଭିତରେ କଳହ କରୁଛି। ରୋଷେଇ ଘରେ ଏହିସବୁ କଥା ଚାଲିଲାବେଳେ ବାପା ଦିବ୍ୟଶଙ୍କର ପିଲା ଓ ସ୍ତ୍ରୀ ସହ ଯୋଗ ଦେଲେ। ସେ କହିଲେ, ଏପରି କାହିଁକି ଘଟୁଛି କହିଲ ? ଦିବ୍ୟଶଙ୍କର କହିଲେ, କାରଣ ମନୁଷ୍ୟ ତାର ଶରୀରକୁ ଦେଖୁନାହିଁ କି ସେଥିରୁ କିଛି ଶିଖୁନାହିଁ। ଆଖି, କାନ, ନାକ, ପାଟି ଓ ଚର୍ମ ଏମାନଙ୍କର କାମ ଅଲଗା ଅଲଗା। ଆଖି ଶୁଣିପାରେ ନାହିଁ। କାନ ଦେଖିପାରେ ନାହିଁ। ପାଟି ଖାଇ ପରେ କଥା କହିପାରେ, କିନ୍ତୁ ଶୁଙ୍ଘିପାରେ ନାହିଁ। ନାକ ଶୁଙ୍ଘିପାରେ କିନ୍ତୁ ଚର୍ମ ପରି ସ୍ପର୍ଶ କରିପାରେ ନାହିଁ। ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ମଣିଷ ଭିତରେ ଭଗବାନ ଖଞ୍ଜି ଦେଇଛନ୍ତି। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ମଣିଷ ଭିତରେ ଖଞ୍ଜିଛନ୍ତି। ଏହାକୁ ହାସଲ କରିବା ପାଇଁ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଯିବା ଆବଶ୍ୟକ ନାହିଁ। କିନ୍ତୁ ଭଗବାନ୍ ଶରୀରକୁ ଏପରି କରିଛନ୍ତି ଯେ, ଭଲ ଜିନିଷ ପାଇବା ପାଇଁ ସେ ବେଶି ସମୟ ପରିଶ୍ରମ କରିପାରି ନଥାଏ। କିନ୍ତୁ ଖରାପ କାମ କରିବା ପାଇଁ ସେ ଚେଷ୍ଟିତ ହୁଏ। ଆଜିକାଲିର ପିଲାମାନେ ସତ କହିବାକୁ ଡରୁଛନ୍ତି। ମିଛ ଅନର୍ଗଳ କହିପାରୁଛନ୍ତି। ଲୋକଙ୍କର ଭଲ ଗୁଣ ବର୍ଣ୍ଣନା କରିପାରୁନାହାନ୍ତି। କିନ୍ତୁ ଦୁର୍ଗୁଣ ବଖାଣିବାରେ ପଟୁତା ଦେଖାଉଛନ୍ତି। ଅଖାଦ୍ୟ ଖାଇ ରୋଗରେ ପୀଡ଼ିତ ହେଉଛନ୍ତି। ସାତ୍ତ୍ୱିକ ଖାଦ୍ୟ ରୁଚୁ ନାହିଁ। କାନରେ ଗୋଟିଏ ଶ୍ରବଣ ଯନ୍ତ୍ର ଖଞ୍ଜି ଯାହା ଶୁଣିବା କଥା ନୁହେଁ, ତାହା ଗୋପନୀୟତାର ବାହାନା କରି ଶୁଣୁଛନ୍ତି। ମଣିଷ ଇନ୍ଦ୍ରିୟଗୁଡ଼ିକରେ ଦୁର୍ବ୍ୟବହାର କରୁଛି ଓ ପତନମୁଖୀ ହେଉଛି।

ମଣିଷ ଅସୁରକୁ ନିଜ ଭିତରୁ ଛାଡ଼ି ପାରୁନାହିଁ। ସେ ବଳାତ୍କାର, ବ୍ୟଭିଚାର, ଇତ୍ୟାଦିରେ ମାତି ନିଜ ଜୀବନକୁ ଶେଷ କରିଦେଉଛି। ଏକତ୍ୱ ହିଁ ଦେବତ୍ୱ ଏହାକୁ ବୁଝିପାରୁ ନାହିଁ। ଶ୍ରେଷ୍ଠା କହିଲା, ହଁ ସବୁ ଖଣ୍ଡ ଖଣ୍ଡ। ସୃଷ୍ଟି କହିଲା, ଶ୍ରେଷ୍ଠା ଅପା ମୋର ଭଲ ଖାଇବାରୁ ଖାଇ ଦେଉଥିବାରୁ ତାର ମୋର ଗଣ୍ଡଗୋଳ ହେଉଛି। ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିବା ଛାଡ଼ି ମେଲୋଡି ଓ ନୃତ୍ୟରେ ନିଜକୁ ହଜାଇ ଦେଉଛି। ତେଣୁ ଏକତ୍ୱ ନାହିଁ କି ଦେବତ୍ୱ ନାହିଁ। ଏହି କାରଣ ପାଇଁ ଏକତ୍ୱ ହିଁ ଦେବତ୍ୱ ବୁଝାଇବାକୁ ପଡ଼ୁଛି।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା,**
**ସିଡିଏ, କଟକ**
**ମୋ: ୯୬୯୨୯୮୦୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ତହସିଲରେ ୩ ବର୍ଷରୁ ଅଧିକ ରହିଥିବା କିରାଣିଙ୍କୁ ବଦଳି କରାଯାଉ

ମହାଶୟ,

ଗଞ୍ଜାମ ଜିଲାରେ ଥିବା ୨୩ଟି ତହସିଲ ଅଦାଲତରେ ୫ରୁ ଅଧିକ ବର୍ଷ ଧରି କିରାଣିମାନେ ଚୌକି ମାଡ଼ି ବସିଛନ୍ତି । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟରେ ସର୍ବାଧିକ ୩ ବର୍ଷ ରଖିବା ନିୟମ ରହିଥିବା ବେଳେ ତାହା ଠିକ୍ ରୂପେ ପାଳନ ହେଉ ନ ଥିବା ଦେଖାଦେଇଛି । ଫଳରେ କିରାଣିମାନଙ୍କ ଔଦ୍ଧତ୍ୟ ବଢ଼ିଯାଇଛି ଏବଂ ଲାଞ୍ଚ ନ ମିଳିଲେ ଫାଇଲ କାମ ମନ୍ଥର ଗତିରେ ହେଉଛି, ଓକିଲଙ୍କ ଗରିବ ମହକିଲମାନେ ବହୁ ହଇରାଣ ହେଉଛନ୍ତି । ତହସିଲରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା'ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଆଗତୁରା ଲାଞ୍ଚ ଦେବାକୁ ପଡୁଛି ନ ଦେଲେ କାମ ହେଉନାହିଁ। ସେହିପରି ଗଞ୍ଜାମ ଜିଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବହୁ କିରାଣି ବହୁବର୍ଷ ହେଲା ଅଛନ୍ତି। ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ତହସିଲ ଅଦାଲତଗୁଡ଼ିକରେ ୩ ବର୍ଷରୁ ଅଧିକ ଦିନ ରହିଥିବା କିରାଣିଙ୍କୁ ତୁରନ୍ତ ବଦଳି କରାଯାଉ ।

**-ମନୋଜ ପଟ୍ଟନାୟକ, ସଭାପତି,**
**ଗଞ୍ଜାମ ଓକିଲ ସଂଘ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨୭ରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଅନୁଗୋଳ,୨୨।୧୦ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ନିମନ୍ତେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅକ୍ଟୋବର ୨୭ତାରିଖରୁ ନଭେମ୍ବର ୨ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରଥମ ଦିନ ଅର୍ଥାତ୍ ଅକ୍ଟୋବର ୨୭ ପୂର୍ବାହ୍ନ ୧୧ଟାରେ ସମସ୍ତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶପଥ ପାଠ କରିବେ। ସେହିପରି ଏହି ସପ୍ତାହ ପାଳନ ଅବସରରେ ଜିଲା ପ୍ରଶାସନ ତରଫରୁ ସଚେତନତା ଶୋଭାଯାତ୍ରା, ୱାକାଥନ, ପଥପ୍ରାନ୍ତ ନାଟକ, ଗ୍ରାମ ସଭା ଆଦି ଆୟୋଜନ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ। ପ୍ରତି ବ୍ଲକ ଓ ପଞ୍ଚାୟତସ୍ତରରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଚେତନତା ଶୋଭାଯାତ୍ରା ଓ ଗ୍ରାମସଭା ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଭିଡିଓକୁ କେବୁଲ ଅପରେଟର ଓ ସିନେମା ହଲ୍‌ଗୁଡିକରେ ପ୍ରସାରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ପ୍ରୋବେଶନର କସ୍ତୁରୀ ସା, ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଭିଜିଲାନ୍ସ ଇନସିପେକ୍ଟର ଉର୍ମିଳା ଲାକ୍ରା, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏଲ୍‌ଡିଏମ୍ ଚୌଧୁରୀ ଦୀପକ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

# ତଦନ୍ତ କରି ଫେରିଲେ ଜଳ ବିଭାଜିକା ଉପନିର୍ଦ୍ଦେଶକ

## ଜରଡ଼ା-ଦେହୁରୀହତା ଜଳ ବିଭାଜିକା ସହାୟତା ରାଶି ହଡ଼ପ ଘଟଣା



କାମାକ୍ଷାନଗର,୨୨।୧୦ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ଅନ୍ତର୍ଗତ ଜରଡ଼ା-ଦେହୁରୀହତା ଜଳ ବିଭାଜିକା ପ୍ରକଳ୍ପର ସହାୟତା ରାଶି ହଡ଼ପ ଘଟଣାରେ ବୁଧବାର ତଦନ୍ତ କରିଛନ୍ତି ବିଭାଗୀୟ ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ। ହିତାଧିକାରୀଙ୍କ ସହ ଆଲୋଚନା କରି ସହାୟତା ରାଶି ପାଇଛନ୍ତି କି ନାହିଁ ଓ ସହାୟତା ରାଶି ଟଙ୍କା ଯେଉଁମାନେ ହଡ଼ପ କରିଛନ୍ତି ସେହି ସମୟରେ ସାକ୍ଷୀ କିଏ ଥିଲେ ବୋଲି ପ୍ରଶ୍ନ କରିଥିଲେ। ତେଣୁ ତଦନ୍ତ ବିଭାଗକୁ ସୁହାଇଲା ଭଳି ହୋଇଥିବା ହିତାଧିକାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଜଳ ବିଭାଜିକା ପ୍ରକଳ୍ପରେ ଛେଳି ଚାଷ, କୁକୁଡ଼ା ପାଳନ ଓ ପରିବା ଚାଷ ନିମନ୍ତେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୬ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା। ହିତାଧିକାରୀମାନେ ସହାୟତା ରାଶି ପାଇବା ପରେ କମିଟିର ସଭାପତି, ସମ୍ପାଦକ ଓ ଜଣେ ସଦସ୍ୟ ଧମକଚମକ ଦେଇ ୧୧ ହଜାର ଟଙ୍କା ଲେଖାଏଁ ନେଇଯାଇଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳଙ୍କୁ ସହାୟତା ରାଶି ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା ଉଭୟ ଜରଡ଼ା ଓ ଦେହୁରୀହତା ଗାଁରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡିଥିଲା ହିତାଧିକାରୀଙ୍କଠାରୁ ୧୧ ହଜାର ଲେଖାଏଁ ସହାୟତା ରାଶି ହଡ଼ପ ହୋଇଛି। ଯେଉଁ ହିତାଧିକାରୀଙ୍କଠାରୁ ଅର୍ଥ ହଡ଼ପ ହୋଇଥିଲା ସେମାନଙ୍କ ମଧ୍ୟରୁ ସାଧାରଣ ବର୍ଗ ଲୋକଙ୍କୁ ୭୮୦୦ ଟଙ୍କା ଓ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ୯୪୦୦ ଟଙ୍କା ଫେରସ୍ତ ହୋଇଥିଲା। ଏହି ତଦନ୍ତ ଠିକ ହେଉ ନ ଥିବା କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେଣୁ ଜଳ ବିଭାଜିକା ନିର୍ଦ୍ଦେଶକଙ୍କୁ ତଦନ୍ତ କରିବା ପାଇଁ କୃଷି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଳ ବିଭାଜିକା ରାଜ୍ୟ ଉପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ ଉଭୟ ଜରଡ଼ା ଓ ଦେହୁରୀହତା ଗାଁକୁ ଯାଇ ତଦନ୍ତ କରିଛନ୍ତି। ହିତାଧିକାରୀମାନେ କହିଥିଲେ, ସହାୟତା ରାଶି ହଡ଼ପ ହୋଇ ନ ଥିଲେ ଯେଉଁମାନେ ଟଙ୍କା ନେଇଥିଲେ ସେମାନେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମୁଖରେ ଅର୍ଥ ଫେରସ୍ତ କରାଗଲା କେମିତି। ଏହି କଥା ଶୁଣି ବିଭାଗୀୟ ଉପ ନିର୍ଦ୍ଦେଶକ ଅଡୁଆରେ ପଡ଼ିଥିଲେ। ତଦନ୍ତ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫଟୋ ଉଠାଇବା ପାଇଁ ବାରଣ କରିଥିଲେ ଉପନିର୍ଦ୍ଦେଶକ। ଅଭିଯୋଗ କରିଥିବା ବାଙ୍କନିଧି ବିଶ୍ୱାଳ କହିଛନ୍ତି, ଏହି ତଦନ୍ତ ନିରପେକ୍ଷ ହୋଇନାହିଁ। ହିତାଧିକାରୀ, କମିଟି ସଦସ୍ୟଙ୍କ କଥାକୁ ଶୁଣା ଯାଇନାହିଁ। ଏକ କାଗଜରେ ଟଙ୍କା ହଡ଼ପ ବେଳର ସାକ୍ଷୀ କିଏ ଥିଲେ ବୋଲି ଲେଖିବାକୁ ବାଧ କରାଯାଇଛି। ତଦନ୍ତ ସମୟରେ ଅନୁଗୋଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଢେଙ୍କାନାଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତେଣୁ ପୁନର୍ବାର ନିରପେକ୍ଷ ତଦନ୍ତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

# ଅସଦାଚରଣ ଅଭିଯୋଗରେ ହୋମ୍‌ଗାର୍ଡ ଗିରଫ

କାମାକ୍ଷାନଗର, ୨୨।୧୦ (ସୁଧୀର କୁମାର ପରିଡ଼ା)


ହୋମ୍‌ଗାଡ ଅରବିନ୍ଦ ମଲ୍ଲିକ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ହୋମ୍‌ଗାର୍ଡ ଥିବା ଅରବିନ୍ଦ ମଲ୍ଲିକ ଗତ ଜୁଲାଇ ୮ ରାତି ୧୦ଟା ୩୦ରେ ଜୋର ଜବରଦସ୍ତ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ଅରବିନ୍ଦଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ପୂର୍ବରୁ ଅରବିନ୍ଦଙ୍କ ନାମରେ ମାମଲା ରୁଜୁ ହୋଇଛି। ଅରବିନ୍ଦ ହୋମ୍‌ଗାର୍ଡ ଥିବାରୁ ତାଙ୍କୁ ପୋଲିସ ଘଣ୍ଟ ଘୋଡ଼ାଉଥିବା ଜଣାପଡ଼ିଥିଲା। ଅଦାଲତରୁ ଆଗୁଆ ଜାମିନ ପାଇଥିଲେ। ପରେ ଅଭିଯୋଗକାରିଣୀ ଅଦାଲତଙ୍କ ଦ୍ୱାରସ୍ଥ ହେବାରୁ ଏଭଳି ଅଭ୍ୟାସଗତ ଅପରାଧୀଙ୍କୁ ବାନ୍ଧିବା ପାଇଁ ଅଦାଲତ ପୁନଃ ରାୟ ଦେଇଥିଲେ। କାମାକ୍ଷାନଗର ଥାନାଧିକାରୀ ଆଶିଷ କୁମାର ଜେନା ଅରବିନ୍ଦଙ୍କୁ ତାଙ୍କ ଘରୁ ଗିରଫ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କାମାକ୍ଷାନଗର ଜେଲକୁ ପଠାଇ ଦିଆଯାଇଛି।

## ରେଳ ଧାରଣାରୁ ମୃତଦେହ ଜବତ

ଛେଣ୍ଡିପଦା,୨୨।୧୦(ଅଜିତ୍ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନାଦେଇ ଯାଇଥିବା ଅନୁଗୋଳ-ସମ୍ବଲପୁର ରେଳ ଧାରଣାରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ ହୋଇଛି। ସୂଚନା ଅନୁଯାୟୀ, ଜରପଡ଼ା ଷ୍ଟେଶନଠାରୁ ମାତ୍ର ୫ଶହ ମିଟର ଦୂର ଜରପଡ଼ା ଓଭରବ୍ରିଜ୍ ନିକଟସ୍ଥ ରେଳଧାରଣା କଡ଼ରେ ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖି ଜରପଡ଼ା ଷ୍ଟେଶନ ଗ୍ୟାଙ୍ଗମ୍ୟାନ ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଏ ନେଇ ଜରପଡା ଷ୍ଟେଶନ ପକ୍ଷରୁ ଜିଆର୍‌ପି ପୋଲିସକୁ ସୂଚନା ଦିଆଯାଇଥିଲା। ଜିଆର୍‌ପି ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ମଦମୁକ୍ତଗାଁ ଅଭିଯାନରେ ମହିଳା ଗୋଷ୍ଠୀ

ପରଜଙ୍ଗ, ୨୨।୧୦ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ସିଂହଡା ଗ୍ରାମକୁ ମଦମୁକ୍ତ କରିବା ପାଇଁ ଅଣ୍ଟାଭିଡ଼ିଲେ ମହିଳା। ଗାଁର ଶତାଧିକ ମହିଳା ଏକ ପଦଯାତ୍ରା କରିବା ସହ ନିଶା କବଳରୁ ବଞ୍ଚିବା ପାଇଁ ସଚେତନ କରିଛନ୍ତି। ଗ୍ରାମର ସିଦ୍ଧେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ସିଂହଡ଼ା ଗ୍ରାମକୁ ମଦମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଗାଁରେ ସଚେତନତା ଶୋଭାଯାତ୍ରା କରିବା ସହିତ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି। ଗ୍ରାମରେ କେହି ମଦ୍ୟପାନ ନ କରିବା ଓ ନିଶା ସେବନ ନ କରିବା ପାଇଁ ମହିଳାମାନେ ଘର ଘର ବୁଲି ସଚେତନ କରାଇଛନ୍ତି। ଆଗାମୀ ସମୟରେ ଗାଁରେ କେହି ମଦ ବିକିଲେ କିମ୍ବା ମଦ୍ୟପାନ କଲେ ସେମାନଙ୍କଠାରୁ ଜୋରିମାନା ଆଦାୟ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ମହିଳାମାନେ ମତ ଦେଇଛନ୍ତି।

# ପ୍ରତି ପୀଡ଼ିତଙ୍କୁ ମିଳିବ ୧ ଲକ୍ଷ ଲେଖାଏ ସହାୟତା

## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ମାମଲା

ଅନୁଗୋଳ,୨୨।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଅମଳାପଡ଼ାରେ ଥିବା ଏକ ଚକ୍ଷୁ ଚିକିତ୍ସାଳୟରେ ଗତବର୍ଷ ଜୁନ ୨୦ରେ ୧୩ ଜଣଙ୍କ ଆଖିରେ ତ୍ରୁଟିପୂର୍ଣ୍ଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିବା ନେଇ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ମାମଲାର ଶୁଣାଣି କରି ରାଜ୍ୟ ମାନବିକ ଅଧିକାର କମିଶନଙ୍କ ପକ୍ଷରୁ ପ୍ରତି ପୀଡ଼ିତଙ୍କୁ ଲକ୍ଷେ ଟଙ୍କା ଲେଖାଏ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏ ନେଇ ପୀଡ଼ିତମାନଙ୍କ ଆବଶ୍ୟକ କାଗଜପତ୍ର ଯୋଗାଡ଼ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଗୋଳ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଗତ ୧୪ ତାରିଖରେ ଚିଠି କରାଯାଇଛି।

ସୂଚନା ଅନୁଯାୟୀ, ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ସମ୍ପୃକ୍ତ ୧୩ ଜଣଙ୍କ ଆଖିରେ ଯନ୍ତ୍ରଣା ବଢ଼ିଯାଇଥିଲା। ଅସ୍ତ୍ରୋପଚାର ପରଦିନ ରୋଗୀମାନେ ଚକ୍ଷୁ ଚିକିତ୍ସାଳୟରେ ପହଞ୍ଚିବା ପରେ ଅସ୍ତ୍ରୋପଚାର କରିଥିବା ଡାକ୍ତର ଚକ୍ଷୁ ସଂକ୍ରମଣ ହୋଇଥିବା ଜାଣି ରୋଗୀମାନଙ୍କୁ ସମ୍ବଲପୁର ନେଇ ଚିକିତ୍ସା କରାଇଥିଲେ। କିନ୍ତୁ ରୋଗୀମାନଙ୍କ ଅବସ୍ଥାରେ ଉନ୍ନତି ଆସି ନ ଥିଲା। ଏହି ଘଟଣା ପଦାକୁ ଆସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ ଚକ୍ଷୁ ଚିକିତ୍ସାଳୟକୁ ସିଲ୍ କରି ଦିଆଯାଇଥିଲା। ଏପରି ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ସମ୍ପର୍କରେ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କେସ୍ ନଂ. ୧୦୬୫ରେ ବିଚାର କରି କମିଶନ ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନମୋହନ ପ୍ରଧାନ କହିଛନ୍ତି, ରାଜ୍ୟ ଗୃହ ବିଭାଗ ପକ୍ଷରୁ ପ୍ରତି ପୀଡ଼ିତଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ଦେବାକୁ ନିର୍ଦ୍ଦେଶ ଆସିଛି। ଏହାପରେ ୧୩ ଜଣ ପୀଡ଼ିତଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ଆଧାର କାର୍ଡ ଆଦି ଦେବାକୁ ଚିଠି କରାଯାଇଛି।

# କାନ୍ତମେଘବାସୀଙ୍କ ସମସ୍ୟା ଶୁଣିଲେ, ଦୀପାବଳି ପାଳିଲେ ଏମ୍‌ପି



ଅନୁଗୋଳ,୨୨।୧୦(ମାନସ ବିଶ୍ୱାଳ)

ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ନିଆରା ଢଙ୍ଗରେ ସୋମବାର ଦୀପାବଳି ପାଳନ କରିଛନ୍ତି। ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଦୁର୍ଗମ ଅନ୍ଧକାରମୟ ତଳଗଡ଼ ପଞ୍ଚାୟତର କାନ୍ତମେଘରେ ପହଞ୍ଚି ଏମ୍‌ପି ଲୋକମାନଙ୍କ ସମସ୍ୟା ଶୁଣିବା ସହ ଦୀପାବଳି ପାଳନ କରିଛନ୍ତି। ଦୀପାବଳି ପାଳନ ଅବସରରେ ଜିଲ୍ଲାର ଉପାନ୍ତ ଅଞ୍ଚଳର କିପରି ସାମଗ୍ରିକ ବିକାଶ ହୋଇପାରିବ ସେହି ଲକ୍ଷ୍ୟ ନେଇ ଏମ୍‌ପି ସମସ୍ତ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ। କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ବଜାର ଓ ଯାତାୟାତ ସୁବିଧା କରିବାକୁ ଗ୍ରାମବାସୀ ଏମ୍‌ପିଙ୍କ ନିକଟରେ ଦାବି କରିଥିଲେ। କନ୍ତମେଘ ଠାରୁ ବଲଙ୍ଗ ରାସ୍ତା ନିର୍ମାଣ, ରସଣ୍ଡା ନାଳ ଉପରେ ପୋଲ, ହାତୀ ଉପଦ୍ରବରୁ ଅଞ୍ଚଳକୁ ସୁରକ୍ଷା, ସରକାରୀ ଯୋଜନାର ଲାଭ ପାଇବାକୁ ଲୋକେ ଦାବି କରିଥିଲେ। ବିଧାୟକଙ୍କ ସହ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ତଳଗଡ଼ ପଞ୍ଚାୟତର ରଗୁଡ଼ିଅପରା ସାହିକୁ ଯାଇ ଏମ୍‌ପି ଲୋକଙ୍କ ସମସ୍ୟା ଶୁଣିଥିଲେ। ଏହାପରେ ରେଞ୍ଜର ଏବଂ ଡିଏଫଓଙ୍କ ସହ ହାତୀଜନିତ ସମସ୍ୟା ଓ ଆଲୋକୀକରଣର ଅଗ୍ରଗତି ବାବଦରେ ଆଲୋଚନା କରିଥିଲେ। ରାତିରେ କାନ୍ତମେଘସ୍ଥିତ ଆଶ୍ରମରେ ଅଞ୍ଚଳବାସୀଙ୍କ ଗହଣରେ ଏମ୍‌ପି ଦୀପାବଳି ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକ ପ୍ରତିନିଧି ପ୍ରଭାତ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ସରପଞ୍ଚ ଅମୀୟ ପ୍ରଧାନ, ଗୋପାଳ ସାହୁ, ସୁବ୍ରତ ସାହୁ, ମାନସ ମହାଳିକ, ଏବଂ ପ୍ରକାଶ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ଅନୁଗୋଳ,୨୨।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଗୀତାଗ୍ରାମରେ ଥିବା ଏକ ଦୃଷ୍ଟିହୀନ ଓ ମୂକବଧିର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅଭିଭାବକମାନେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦୃଷ୍ଟିହୀନ ଓ ମୂକ ବଧିର ପିଲାମାନଙ୍କୁ ପରିଚାଳନା ଦାୟିତ୍ୱରେ ଥିବା ଏନ୍‌ଜିଓ ସଂସ୍ଥା ହଇରାଣ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏପରି କି ଦଶହରା ଛୁଟି ପରେ ପିଲାମାନେ ବିଦ୍ୟାଳୟକୁ ଯାଇନାହାନ୍ତି। ଏ ନେଇ ସନ୍ତୋଷଜନକ ଉତ୍ତର ମଧ୍ୟ ମିଳୁନାହିଁ। ତେଣୁ ପିଲାଙ୍କ ଭବିଷ୍ୟତ ନେଇ ସନ୍ଦେହରେ ଥିବା ଅଭିଭାବକମାନେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।



ବିଜ୍ଞାପନ ସଂ. ୨/୫/୨୦୨୧-ଏସ୍‌ପିଏମ୍‌ସି

**ଭାରତ ସରକାର**
**ଅର୍ଥ ମନ୍ତ୍ରଣାଳୟ**
**ଅର୍ଥନୈତିକ ବ୍ୟାପାର ବିଭାଗ**
**(କଏନ୍ ଓ କରେନ୍ସି ଡିଭିଜନ)**
**ଭାରତୀୟ ପ୍ରତିଭୂତି ମୁଦ୍ରଣ ଓ ମୁଦ୍ରା ନିର୍ମାଣ ନିଗମ ଲିମିଟେଡ୍ (ଏସ୍‌ପିଏମ୍‌ସିଆଇଏଲ୍)ରେ**
**ନିର୍ଦ୍ଦେଶକ (ବୈଷୟିକ)**
ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲର ଶେଷ ତାରିଖ ହେଉଛି
**ତା୨୪।୧୧।୨୦୨୫ରିଖ**
ନୋଡାଲ ଅଧିକାରୀଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକୁ ଅର୍ଥ ମନ୍ତ୍ରଣାଳୟକୁ ଅଭିପ୍ରେରଣ କରିବାର ଶେଷ ତାରିଖ ହେଉଛି
**ତା୦୧।୧୨।୨୦୨୫ରିଖ**
ବିବରଣୀ ପାଇଁ ଲଗ୍ ଇନ୍ କରନ୍ତୁ ୱେବ୍‌ସାଇଟ୍
https://dea.gov.in
CBC 15201/11/0007/2526



**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**
No.g-105:

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା.୨୯.୦୫.୨୦୨୫ ରିଖରେ ମାନିନୀ ନାମକ ଏହି ୫ ବର୍ଷର ଶିଶୁ କନ୍ୟାଟିକୁ ଗେହ୍ଲି ସାମଲ ନାମକ ଏକ ମହିଳା ତା'ର ମାଆ ବୋଲି ପରିଚୟ ଦେଇ ଶିଶୁ ମଙ୍ଗଳ କମିଟି କଟକଙ୍କ ନିକଟରେ ସମର୍ପଣ ପତ୍ର କରି ଛାଡି ଦେଇଥିଲେ। ଶିଶୁଟି ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୨୨୮/୨୦୨୫ ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହୁଅଛି। ତେଣୁ ଉକ୍ତ କନ୍ୟାଟିର ଯଦି ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ- ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ.୫୪, କଲେକ୍ଟୋରିଏଟ୍ ବିଲଡିଂ, କଟକ, ଫୋନ୍ ନଂ ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ-୭୫୪୦୭୧, ଫୋନ୍ ନଂ.- ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟସୀମା ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।



OIPR-33038/11/0035/2526
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ



**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/10**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006573 | Rate Contract for Hiring of Agency for Vehicle On Call Service for 3 Years |
| 2 | TPCODL/P&S/2025-26/1000006185 | Rate Contract for PTR Annealing & Re-insulation for 2 Yr. |
| 3 | TPCODL/P&S/2025-26/1000006607 | Rate Contract for Bill Printing Services for 2 years. |
| 4 | TPCODL/P&S/2025-26/1000006625 | 2 Year Rate Contract for Repair &Renovation of LTDB / Feeder Pillars at TPCODL. |
| 5 | TPCODL/P&S/2025-26/1000006639 | Rate Contract for Supply of MCCB with Enclosure. |
| 6 | TPCODL/CCG/2025-26/1000006640 | Rate Contract for Supply of LED Lights & accessories |
| 7 | TPCODL/P&S/2025-26/1000006659 | Rate Contract for Supply of MCCB of Different Sizes. |
| 8 | TPCODL/CCG/2025-26/1000006710 | Rate Contract for Supply of 33kV Metering Unit |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website.Future communication / corrigendum to tender documents, if any, shall be available on TPCODL website.IT is suggested to track aforesaid website for said NIT details .



Odisha Coal and Power Limited
OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

**NIT No : OCPL/SER-216/2025** **Date : 23/10/2025**

Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Transportation of Coal from Manoharpur Coal Mines to NTPC, Darlipali, Sundargarh by Road | Rs.11,800/- (Rupees Eleven Thousand Eight Hundred only) including GST | 23/10/2025 | 07/11/2025 | 03:00 PM / 03:30 PM on 17/11/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

**Sd./- Chief Operating Officer**



**ପ୍ରୋଫର୍ମା ୧୦-୦୧**
**ଭାରତୀୟ ରେଳ, ପୂର୍ବତଟ ରେଳପଥ**
**"ବିଦ୍ୟୁତୀକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି"**
JSL JINDAL STAINLESS

ଏଠାରେ ଥିବା ରେଳ ଲାଇନ ଏବଂ ପରିସରର ସମସ୍ତ ଉପଭୋକ୍ତାଙ୍କୁ ଜଣାଇ ଦିଆଯାଉଛି ଯେ, ପୂର୍ବତଟ ରେଳବାଇର ନିମ୍ନଲିଖିତ ବିଭାଗର କାମ ସମାପ୍ତ ହୋଇଛି। ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ ଟ୍ରାକସନ ତାରରେ ତା ୨୫.୧୦.୨୦୨୫ କିମ୍ବା ପରବର୍ତ୍ତୀ ଯେକୌଣସି ସମୟରେ ବିଦ୍ୟୁତ ସଂଯୋଗ ଦିଆଯିବ। ବିଭାଗ ପାଖରେ ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ କରାଯାଇଛି। ଏଣୁ ତା ୨୫.୧୦.୨୦୨୫ ରିଖରୁ ଓଭରହେଡ ଟ୍ରାକସନ ଲାଇନ ସବୁସମୟରେ ଜୀବନ୍ତ ବିଦ୍ୟୁତ ସଂଯୋଗ ଭାବରେ ପରିଗଣିତ ହେବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ ଲାଇନର ନିକଟତର ହୁଅନ୍ତୁ ନାହିଁ କିମ୍ବା କାର୍ଯ୍ୟ କରନ୍ତୁ ନାହିଁ।

ଷ୍ଟେସନ /ରେଳପଥ :- SKND YARD & M/S JINDAL STAINLESS STEEL LTD. ପୂର୍ବତଟ ରେଳପଥର KHURDA ଡିଭିଜନ ଅଧୀନରେ ଥିବା ପ୍ଲାଣ୍ଟ ୟାର୍ଡ।
ବିଭାଗର ନାମ : SKND-JKPR

| କ୍ରମିକ ସଂଖ୍ୟା | ବର୍ଣ୍ଣନା | କିଲୋମିଟରରେ ଚେନେଜ୍ | | କି.ମି | ରେଳ ଡିଭିଜନ | ବିଦ୍ୟୁତୀକରଣ ତାରିଖ |
|---|---|---|---|---|---|---|
| | | ଲୋକେସନ୍ ଠାରୁ | ସ୍ଥାନକୁ | | | |
| ୧ | ଜିନ୍ଦଲ ଲିଡ୍ ଲାଇନ PH-୧ ରୁ ଲିଡ୍ କ୍ରସ୍ ଓଭର ଲାଇନ୍ PH-୨ (XO-୧) (ପାରମ୍ପରିକ OHE) | MISL/୧/୧୭ CH-୧୭୨/୬୮୦.୭୦ | ଜେଏସଏଲ/୧/୪ ସିଏଚ୍-୧/୧୨୫.୫୦ | ୦.୧୭୧ | ପୂର୍ବତଟ ରେଳପଥ, ଖୋର୍ଦ୍ଧା ରୋଡ଼ ଡିଭିଜନ | ୨୫.୧୦.୨୦୨୫ |
| ୨ | ଜିନ୍ଦଲ ଲିଡ୍ ଲାଇନ PH-୧ ରୁ ଲିଡ୍ କ୍ରସ୍ ଓଭର ଲାଇନ୍ PH-୨ (XO-୨) | ଜେଏସଏଲ/୧୦୦୫ ସିଏଚ୍-୧/୨୧୮.୮୦ | ଜେଏସଏଲ/୧/୧୧ ସିଏଚ୍-୧/୪୦୯.୪୦ | ୦.୧୯୦ | | |
| ୩ | ଲିଡ୍ ଲାଇନ (PH-୨) | ଜେଏସଏଲ/୧/୧ ସିଏଚ୍-୧/୮.୫୦ | ଜେଏସଏଲ/୩/୨୮ ସିଏଚ୍-୩/୭୯୪.୪୦ | ୩.୭୮୫ | | |
| ୪ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୪ | ଜେଏସଏଲ/୪/୮ ସିଏଚ୍-୪/୨୯୮.୪୦ | ଜେଏସଏଲ/୫/୭-୮ ସିଏଚ୍-୫/୨୨୯.୯୦ | ୦.୯୩୧ | | |
| ୫ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୫ | ଜେଏସଏଲ/୩/୨୮ ସିଏଚ୍-୩/୭୯୪.୪୦ | ଜେଏସଏଲ/୫/୫ ସିଏଚ୍-୫/୧୭୧.୪୦ | ୧.୩୭୭ | | |
| ୬ | ପୋଷ୍ଟ ଟିପଲିଂ ଲାଇନ। ଲାଇନ-୬ | ଜେଏସଏଲ/୪/୬ ସିଏଚ୍-୪/୨୩୯.୯୦ | ଜେଏସଏଲ/୫/୬ବି-୭ବି ସିଏଚ୍-୫/୨୯୭.୪୦ | ୧.୦୫୭ | | |
| ୭ | ଲୋଡିଂ / ଅନଲୋଡିଂ ଲାଇନ-୭ | ଜେଏସଏଲ/୪/୪ବି ସିଏଚ୍-୪/୩୫୨.୪୦ | ଜେଏସଏଲ/୪/୫ସି-୬ସି ସିଏଚ୍-୪/୫୧୪.୪୦ | ୦.୧୬୨ | | |
| ୮ | ଇଞ୍ଜିନ୍ ଏସ୍କେପ୍ ଲାଇନ-୮ | ଜେଏସଏଲ/୪/୨ଡି ସିଏଚ୍-୪/୩୫୨.୪୦ | ଜେଏସଏଲ/୫/୮ଡି ସିଏଚ୍-୫/୩୬୦.୪୦ | ୧.୦୦୮ | | |
| ୯ | ଲୋଡିଂ / ଅନଲୋଡିଂ ଲାଇନ-୯ | ଜେଏସଏଲ/୪/୨ବି ସିଏଚ୍-୪/୨୯୩.୯୦ | ଜେଏସଏଲ/୪/୩ଇ-୪ଇ ସିଏଚ୍-୪/୪୭୮.୪୦ | ୦.୧୮୪ | | |
| ୧୦ | ବ୍ରେକ୍ ଭ୍ୟାନ୍ ସାଇଡିଂ | ଜେଏସଏଲ/୩/୩୧ ସିଏଚ୍-୩/୯୩୩.୯୦ | ଜେଏସଏଲ/୪/୪ ସିଏଚ୍-୪/୧୬୩.୪୦ | ୦.୨୨୯ | | |
| | ମୋଟା ରେଳ ଲାଇନ (କି.ମି) | | | ୯.୦୯୪ | | |

ସୁକିନ୍ଦା ଷ୍ଟେସନରୁ JSL PH-୨ ସାଇଡିଂର ନିମ୍ନଲିଖିତ ଅଂଶଗୁଡିକର ବିଦ୍ୟୁତୀକରଣ ବିବରଣୀ :-
ପ୍ଲାଣ୍ଟ ମୁଖ୍ୟ
ମେସର୍ସ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍



**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/10, ତା.16.10.2025ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

**କ୍ରମ ସଂ. 01 :** ଟେଣ୍ଡର ସଂ. 81256299, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ରୁଫ୍ ମାଉଣ୍ଟେଡ୍ AC (RMPU)ର ଯୋଗାଣ, ପରିମାଣ : 8 ସେଟ୍।

**କ୍ରମ ସଂ. 02 :** ଟେଣ୍ଡର ସଂ. 81256293, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ଫେଜ୍ ନିମନ୍ତେ ଇଣ୍ଟର ଭେହିକଲ୍ (Vehicle) କପଲର ର ଯୋଗାଣ, ପରିମାଣ : 24 ସେଟ୍।

**କ୍ରମ ସଂ. 03 :** ଟେଣ୍ଡର ସଂ. 81256043A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନ୍ୟୁମେଟିକ୍ (Pneumatic) କଣ୍ଟ୍ରୋଲ ୟୁନିଟ ସହିତ କମ୍ପ୍ଲିଟ୍ ପ୍ୟାଣ୍ଟୋଗ୍ରାଫ ଆସେମ୍ବ୍ଲି, ପରିମାଣ : 10 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 17.11.2025, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-699/Q/25-26



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଟିଆରଡ଼ି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ସଂ. ଓ କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: **୧. ଟିଆରଡ଼ି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୭ଆରଟି୨ ତାରିଖ: ୨୧।୧୦।୨୦୨୫ । ସାନ୍ତ୍ରାଗାଛି:** ହସ୍ପିଟାଲ ସାଇଡିଂ ଲାଇନ୍ ନଂ. – ୨, ୫ ଓ ୬ର ଡବ୍ଲ୍ୟୁସିଡି ୟାର୍ଡ ସହ ସଂଯୋଗୀକରଣ ସହିତ ହସ୍ପିଟାଲ ସାଇଡିଂ ଲାଇନ୍ ନଂ. ୦୫ ଓ ୦୬ର ପରିବର୍ଦ୍ଧନ, ପୁରୁଣା ଡେପୁଟି ସିଓ୍ୱାଇଏମ୍ କାର୍ଯ୍ୟାଳୟକୁ ଭାଙ୍ଗିବା ଏବଂ ନୂଆ ଡେପୁଟି ସିଓ୍ୱାଇଏମ୍ କାର୍ଯ୍ୟାଳୟ ବିଲ୍‌ଡିଂ ନିର୍ମାଣ କରିବା ତଥା ଶଣ୍ଟିଂ ନେକ୍ ସୁବିଧା ସହ ପିଟ୍ ହ୍ୱିଲ୍ ଲାଇନ୍‌ରେ ପରିବର୍ତ୍ତନ କରିବା । **ଟେଣ୍ଡର ମୂଲ୍ୟ:** ₹୧,୪୬,୮୬,୧୮୯.୬୦ । **ଇଏମ୍‌ଡି:** ₹୨,୨୩,୪୦୦/– । **୨. ଟିଆରଡ଼ି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୯ଆରଟି ତାରିଖ: ୨୧।୧୦।୨୦୨୫ । ୧. ଖଡ଼ଗପୁର ମଣ୍ଡଳ:** ବାଗ୍‌ନାନ, ବାଉରିଆ ନଳପୁରଠାରେ ପୁରୁଣା ପ୍ୟାନେଲ ଇଣ୍ଟରଲକିଂକୁ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ବଦଳାଇବା ଏବଂ **୨. ଖଡ଼ଗପୁର ମଣ୍ଡଳ:** ଉଲୁବେରିଆ ଓ ଦେଉଲଟି ମଣ୍ଡଳଠାରେ ପୁରୁଣା ପ୍ୟାନେଲ ଇଣ୍ଟରଲକିଂକୁ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ବଦଳାଇବା । **ଟେଣ୍ଡର ମୂଲ୍ୟ:** ₹୩୫,୨୩,୮୪୬.୦୪ । **ଇଏମ୍‌ଡି:** ₹୭୦,୫୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୩।୧୧।୨୦୨୫ରିଖ । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ ଏବଂ କ୍ର.ସଂ. ୨ ପାଇଁ ୯ ମାସ । **ଦାଖଲ ତାରିଖ:** ପ୍ରତ୍ୟେକ ପାଇଁ ତା୧୩।୧୧।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡରର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-754)**



**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 38-SBP-TRD-OT-2025-26, ତା.13.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ / ପୂର୍ବ ଏବଂ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲଙ୍କ ସେକ୍ସନରେ TRR, TSR ଏବଂ CTR କାର୍ଯ୍ୟ ସମ୍ବନ୍ଧୀୟ ବଣ୍ଡିଙ୍ଗ (Bonding) କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 29,51,170.20, EMD : ₹ 59,000/-, ଶେଷ ହେବା ଅବଧି : 08 ମାସ।

(2) ଇ-ଟେଣ୍ଡର ସଂ. 39-SBP-TRD-OT-2025-26, ତା.13.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ କ୍ଷତିଗ୍ରସ୍ତ କିମ୍ବା ନିଖୋଜ ରେଟ୍ରୋ ରିଫ୍ଲେକ୍ଟିଭ୍ ନମ୍ବର ପ୍ଲେଟ, PTFE ଚେତାବନୀ ବୋର୍ଡ ଏବଂ SIGMA ବୋର୍ଡର ବ୍ୟବସ୍ଥା ଓ ପୁନଃସ୍ଥାପନ।

**ଆନୁମାନିକ ମୂଲ୍ୟ :** ₹ 19,65,996.25, EMD : ₹ 39,300/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 04.11.2025, 1530 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-705/Q/25-26

# ସର୍ଦ୍ଦାର ପଟେଲଙ୍କ ତ୍ୟାଗ, ବଳିଦାନ ଚିରସ୍ମରଣୀୟ

## ଏକତା ପଦଯାତ୍ରା ପାଇଁ ଖବରଦାତା ସମ୍ମିଳନୀ

ଢେଙ୍କାନାଳ,୨୨।୧୦(ରତନ ନାୟାର)

ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ହେଉଛନ୍ତି ବଲ୍ଲଭଭାଇ ଝାଭେରଭାଇ ପଟେଲ । ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନାମରେ ପରିଚିତ। ଏହି ମହାନ୍ ଆତ୍ମା ୩୧ ଅକ୍ଟୋବର ୧୮୭୫ ମସିହାରେ ବର୍ତ୍ତମାନର ଗୁଜରାଟର ଖେଡା ଜିଲାରେ ଜନ୍ମଗ୍ରହଣ କରିଥିଲେ। ସର୍ଦ୍ଦାର ପଟେଲଙ୍କ ତ୍ୟାଗ ଓ ବଳିଦାନ ଚିରସ୍ମରଣୀୟ। ଭାରତ ବର୍ଷର ଏକତା ଓ ଅଖଣ୍ଡତା ପାଇଁ ସେ ଦୃଢ ପଦକ୍ଷେପ ଗ୍ରହଣ କରିଥିଲେ। ୧୫ ଡିସେମ୍ବର ୧୯୫୦ରେ ସେ ମୃତ୍ୟୁବରଣ କରିଥିଲେ। ସେ ନିଜର ବଳିଷ୍ଠ ନେତୃତ୍ୱ ବଳରେ ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ସହ ମିଶାଇଥିଲେ। ଏଥିସହିତ ଭାରତର ଏକତା ଓ ସଂହତି ଦିଗରେ କାର୍ଯ୍ୟ କରିଥିଲେ। ଭାରତ ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏକତା ପଦଯାତ୍ରା ଆୟୋଜନ କରାଯାଉଛି, ଯାହାକି




ଖବରଦାତା ସମ୍ମିଳନୀରେ ଏମପିଙ୍କ ସହ ଅନ୍ୟ ଅଧିକାରୀମାନେ।

ସାରା ରାଜ୍ୟରେ ତାଙ୍କ ଜନ୍ମ ଦିବସ ଅର୍ଥାତ୍ ୩୧ ଅକ୍ଟୋବର ଠାରୁ ଆରମ୍ଭ ହୋଇ ୨୫ ନଭେମ୍ବର ପର୍ଯ୍ୟନ୍ତ ଚାଲିବ ବୋଲି ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଜିଲାପାଳ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏମ୍‌ପି ପାଣିଙ୍କ ଅଧ୍ୟକ୍ଷତାରେ ଏକତା ପଦଯାତ୍ରା ନିମନ୍ତେ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଏମ୍‌ପି ପାଣି କହିଥିଲେ ଯେ, ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀରେ ୩ଟି ପଦଯାତ୍ରା ଅନୁଷ୍ଠିତ ହେବ। ତନ୍ମଧ୍ୟରେ କାମାକ୍ଷାନଗର ଓ ଢେଙ୍କାନାଳ ସଦରରେ ଗୋଟିଏ ଲେଖାଏଁ ହେବ । ଅନୁଗୋଳ ଜିଲାରେ ଆଉ ଗୋଟିଏ କାର୍ଯ୍ୟକ୍ରମ ହେବ। ଢେଙ୍କାନାଳରେ ନଭେମ୍ବର ୧୦ରୁ ୨୫ ମଧ୍ୟରେ ଦୁଇଟି ପଦଯାତ୍ରା ଅନୁଷ୍ଠିତ ହେବ, ଯେଉଁଥିରେ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯିବ। ସମାଜର ସବୁବର୍ଗର ଲୋକଙ୍କୁ ଏକ ଭାରତ ଆତ୍ମନିର୍ଭର ଭାରତର ବାର୍ତ୍ତା ଦେବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ । ଯେଉଁଭଳି ଭାବେ ସର୍ଦ୍ଦାର ପଟେଲ ଭାରତର ଏକତା ଓ ସଂହତି ପାଇଁ କାର୍ଯ୍ୟ କରୁଥିଲେ, ତାଙ୍କ ପାଇଁ ଏହି ପଦଯାତ୍ରା ହେଉଛି ଏକ ଶ୍ରଦ୍ଧାଞ୍ଜଳି ସ୍ୱରୂପ । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲାରେ ଦୁଇଟି ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ଆଜିର ପିଢ଼ି କିଭଳି ଏହି ମହାପୁରୁଷଙ୍କ ବିଷୟରେ ଜାଣିବେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ, ସେଥିପାଇଁ ଜିଲାସ୍ତରରେ କଲେଜ ଓ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ 'ସର୍ଦ୍ଦାର ପଟେଲ ଓ ଜାତୀୟ ଏକତା' ଶୀର୍ଷକ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିସହିତ ବିଭିନ୍ନ ସ୍ୱଚ୍ଛତା ଅଭିଯାନ ମଧ୍ୟ ଅନୁଷ୍ଠିତ ହେବ । ଏହି ଏକତା ପଦଯାତ୍ରାର ଶେଷରେ ଅଂଶଗ୍ରହଣକାରୀମାନେ ଦୁଇଟି ଶପଥ ନେବେ । ଗୋଟିଏ ହେଉଛି ଆତ୍ମନିର୍ଭର ଭାରତ ଓ ଅନ୍ୟଟି ହେଉଛି ନିଶାମୁକ୍ତ ସମାଜ ଗଠନ। ଏହି ଦୁଇଟି ଶପଥ ଏକ ବିକଶିତ ଭାରତ ଗଠନ ପାଇଁ ବହୁ ମାତ୍ରାରେ ସହାୟକ ହେବ । ସ୍ୱାଧୀନତାର ଏହି ଅମୃତ ମହୋତ୍ସବ ସମୟରେ ଏହିଭଳି କାର୍ଯ୍ୟକ୍ରମ ଆମ ସମାଜକୁ ଏକ ନୂଆ ଦିଗ ଦେଖାଇବ, ଯାହାକି ଏକ ଭାରତ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁ, ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା, ନରେଶ ଚନ୍ଦ୍ର ମହାପାତ୍ର, ପଦଯାତ୍ରାର ସଂଯୋଜକ ବିଷ୍ଣୁ ପ୍ରସାଦ ଲେଙ୍କା, ନବ କିଶୋର ଗୁରୁ, ଗଣମାଧ୍ୟମ ପ୍ରତିନିଧି ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁ ଯତ୍ନ ଅନୁଷ୍ଠାନର ଉତ୍ସାହ ଓ ମହକ ଉତ୍ସବ

ଢେଙ୍କାନାଳ,୨୨।୧୦(ରତନ ନାୟାର)

ଢେଙ୍କାନାଳ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ପାଇଁ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ପାଳିତ ହୋଇଯାଇଛି । ଜିଲା ଶିଶୁ ସୁରକ୍ଷା ଶାଖା ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଢେଙ୍କାନାଳ ସଦର ବ୍ଲକ ସିଆରିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ପ୍ରଥମ ଦିବସର ଉତ୍ସାହ କାର୍ଯ୍ୟକ୍ରମରେ ପିଲାଙ୍କ ନିମନ୍ତେ ୧୦୦ମିଟର ଓ ୨୦୦ମିଟର ଦୌଡ଼, ଲମ୍ଫ ଓ ଉଚ୍ଚଡିଆଁ, ଚେସ୍, କ୍ୟାରମ ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ବିଶ୍ୱ କୁନ୍ତଳ ଶିଶୁଗୃହ ଓ ଆଦୃତା ଶିଶୁଗୃହର ଅନ୍ତେବାସୀମାନେ ଭାଗ ନେଇଥିଲେ। ଉକ୍ତ ଉତ୍ସବରେ ଜୁଭେନାଇଲ ଜଷ୍ଟିସ୍ ବୋର୍ଡର ସଦସ୍ୟ ଶକ୍ତିପଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନରେଶ କୁମାର ମହାରଣା, ବିଦ୍ୟୁତ୍ କୁମାର ସାମଲ ଓ ସୁଶାନ୍ତ କୁମାର ପଟ୍ଟନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିବସରେ ସ୍ଥାନୀୟ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଗୋବିନ୍ଦପୁର ପରିସରରେ ମହକ



ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ପ୍ରହ୍ଲାଦ ରାଉତ, ସବିତା ଧୀର, ମଧୁସ୍ମିତା ସାହୁ, ଯାମିନୀ ଦାଶ, ପୁଷ୍ପଲତା ରଥ ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବରେ ଚିତ୍ରାଙ୍କନ, କୁଇଜ୍, ତର୍କ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଦୁଇଦିନିଆ ଶିଶୁ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପୁଷ୍ପଲତା ରଥ, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ, ସଭ୍ୟ ବିଭୂତି ଭୂଷଣ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଆନୁଷ୍ଠାନିକ ଅଧିକାରୀ କ୍ଷୀରୋଦ ବେହେରା, ଅଣ ଆନୁଷ୍ଠାନିକ ଅଧିକାରୀ ସୁବାସ କୁମାର ମଲିକ ପ୍ରମୁଖ ଯୋଗଦେଇ ଉତ୍ସାହ ଓ ମହକ ଉତ୍ସବର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଜିଲା ଶିଶୁ ସୁରକ୍ଷା ଶାଖାର କର୍ମଚାରୀ ପ୍ରଦୀପ୍ତ ସାହୁ, ସୁବାସଚନ୍ଦ୍ର ସାହୁ, ତୃପ୍ତି ରଞ୍ଜନ ମଲ୍ଲିକ, ସର୍ବଜୟା ଶାଶ୍ୱତୀ ଭୂତିଆ, ସୁବାଶିଷ ବିହାରୀ, ଦୀପକ ସେଠୀ, ହେମନ୍ତ ନାୟକ ଓ ଲିଜାଲିନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଚାଇଲ୍ଡ ହେଲପ ଲାଇନ୍ ପକ୍ଷରୁ ରୋଶନ ନନ୍ଦ, କର୍ମଚାରୀମାନଙ୍କ ସହିତ ୩ଟି ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ସଞ୍ଜୟ ବେହେରା, ସାନୁ ମଲ୍ଲିକ, ନୀଳମଣି ମହାପାତ୍ର, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମଠତେନ୍ତୁଳିଆରେ କ୍ଲଷ୍ଟରସ୍ତରୀୟ ସୁରଭି



ଗଁଦିଆ,୨୨।୧୦(ବିଶ୍ୱ ମୋହନ ସାହୁ)

## ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ କଲେ ଉତ୍ତମ ନାଗରିକ ହୋଇପାରିବ

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ କ୍ଲଷ୍ଟରର ମଠତେନ୍ତୁଳିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ ଯୋଗଦେଇ କହିଲେ, ଆଜିର ଶିଶୁ ଆଗାମୀ କାଲିର ନାଗରିକ । ଏଣୁ ଶିଶୁମାନଙ୍କୁ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ କରାଗଲେ ଶିଶୁ ଉତ୍ତମ ନାଗରିକଟିଏ ହୋଇପାରିବ। ମଠତେନ୍ତୁଳିଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତା ସାହୁ, ଜ୍ୟୋତିର୍ମୟୀ ମଲିକ, ଶିକ୍ଷକ ଗୋଲକ ବିହାରୀ ଲେଙ୍କା ସହଯୋଗ କରିଥିଲେ। ଗୌରହରି ଭୋଇ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଚାରପତି ଭାବେ ଶଙ୍କର୍ଷଣ ବେହେରା, ପ୍ରତାପ ତରାଇ, ଖଗେଶ୍ୱର ବେହେରା, ଦିଲୀପ ସାହୁ, ତରଙ୍ଗ ଦେହୁରୀ, ନିରଞ୍ଜନ ନାୟକ, ପରମେଶ୍ୱର ମହାନ୍ତ, ଶେଷଦେବ ସେଠୀ ଓ ବିପିନ ବିହାରୀ ମହାନ୍ତି ପ୍ରମୁଖ ରହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ନୀଳକଣ୍ଠପୁର ବ୍ରାହ୍ମଣୀରୁ ଜଳ ଆଣି ମହୋଦଧିରେ ସମର୍ପଣ ହେବ

## ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

ଢେଙ୍କାନାଳ,୨୨।୧୦(ରତନ ନାୟାର)

ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଉପଲକ୍ଷେ ଆସନ୍ତା ୨୫ ତାରିଖରେ ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ପକ୍ଷରୁ ଶହୀଦଙ୍କ ଗ୍ରାମ ଭୁବନ ବ୍ଲକ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀଘାଟରୁ ଜଳ ସଂଗ୍ରହ କରି ପୁରୀ ମହୋଦଧିରେ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ବୁଧବାର ଢେଙ୍କାନାଳ ଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇ ନିଷ୍ପତ୍ତି ହୋଇଛି । ଶହୀଦ ବାଜି ରାଉତଙ୍କ ଜନ୍ମବାର୍ଷିକ ଉପଲକ୍ଷେ କାର୍ତ୍ତିକ ମାସରେ ଶହୀଦଙ୍କ ଜନ୍ମମାଟି ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀଘାଟରୁ ପବିତ୍ର ମାଟି ଓ ଜଳକୁ ୨୪ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ସଂଗ୍ରହ କରାଯାଇ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ପକ୍ଷରୁ ଢେଙ୍କାନାଳ ଅଣାଯିବ । ୨୫ ତାରିଖ ସକାଳ ୭ଟାରେ ସହରସ୍ଥିତ



ବାଜିଚୌକଠାରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେଠାରୁ ମାଟି ଓ ଜଳ ଧରି କଟକ ଖାନନଗର ଅଭିମୁଖେ ଯାତ୍ରା କରାଯିବ । ଖାନନଗର ଠାରେ ଥିବା ବାଜି ରାଉତଙ୍କ ମୃତଦେହ ସଂସ୍କାର କରାଯାଇଥିବାରୁ ସେଠାରୁ ମାଟି ସଂଗ୍ରହ କରାଯାଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରାଯିବ। ଭୁବନେଶ୍ୱରଠାରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପୁରୀ ମହୋଦଧି ଉପଲକ୍ଷେ ଯାତ୍ରା କରିବ । ମହୋଦଧିରେ ସଂଗୃହୀତ ମାଟି ଓ ଜଳକୁ ସମର୍ପଣ କରାଯାଇ ସମୂହ ପ୍ରାର୍ଥନା କରାଯିବ । ପରେ ମହାପ୍ରଭୁ ଜଗନ୍ନାଥଙ୍କର ଦର୍ଶନ କରାଯାଇ ଦିବ୍ୟ ଆତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବିଶିଷ୍ଟ ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଯୋଜକ ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ସିଆରିଆ ମଠର ମହନ୍ତ ବିଶିଷ୍ଟ ସନ୍ଥ ସଦାନନ୍ଦ ଦାସ ମହାରାଜ, ପୁରୁଷୋତ୍ତମ ନନ୍ଦ, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, କବି ନିର୍ମଳା ମହାପାତ୍ର, ବିଶିଷ୍ଟ କଣ୍ଠଶିଳ୍ପୀ କମଳ କୁମାର ନନ୍ଦ ଓ ସ୍ନିଗ୍ଧା ନନ୍ଦ, ନାଟ୍ୟକାର ଶତ୍ରୁଘ୍ନ ମାଟି, ବରିଷ୍ଠ ଆଇନଜୀବୀ ଦିପ୍ତିଶ ପ୍ରସାଦ ପଟ୍ଟନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ, ମଞ୍ଜୁଶ୍ରୀ ପରିଡା, ଅକ୍ଷୟ କୁମାର ନାୟକ, ଅମର କୁମାର ପଟ୍ଟନାୟକ, ରାଜ କିଶୋର ବେହେରା, କିଶୋର ଚନ୍ଦ୍ର ମିଶ୍ର, ସମୀର କୁମାର ପରିଡ଼ା, ମାମିନା ଦୀକ୍ଷିତ, ପ୍ରୀତି ରଞ୍ଜନ ପତି, ଅକ୍ଷୟ କୁମାର ମହାନ୍ତି, ସୁଦାମ ଚନ୍ଦ୍ର ବେହେରା, ବସନ୍ତ କୁମାର ସାହୁ, ଅରୁଣ କୁମାର ରାଉଳ, ସବ୍ୟସାଚୀ ପାଣି, ବିକାଶ ରଥ, ଅଶ୍ୱିନୀ ସାହୁ, ଶରତ କୁମାର ବେହେରା, ମହେଶ୍ୱର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ

କାମାକ୍ଷାନଗର,୨୨।୧୦
(ସୁଧୀର କୁମାର ପରିଡ଼ା)

କଙ୍କଡ଼ାହାଡ଼ ଅଞ୍ଚଳର କାଠପାଳ-ବନ୍ଧାଣିଆ ରାସ୍ତାରେ ବାଇକ୍ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, କାଳିଆପାଣି ଥାନା ରଗଦା ଗ୍ରାମର ୨ ଭାଇ ସୁବାସ ଦେହୁରୀ(୩୮), ଉଲାସ ଦେହୁରୀ (୩୬) କଙ୍କଡାହାଡ଼ ଆସୁଥିଲେ। ବନ୍ଧାଣିଆ ଗ୍ରାମ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଦୁଇଜଣଙ୍କୁ କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବଡ଼ଭାଇ ସୁବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଉଲାସଙ୍କୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କିତ ବୈଠକ

ଓଡ଼ାପଡ଼ା, ୨୨।୧୦ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା କଳକାରଖାନା ଦ୍ୱାରା କେଉଁ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ କରାଯାଇଛି, ସେ ସମ୍ପର୍କରେ ବୁଧବାର ଓଡ଼ାପଡ଼ା ବ୍ଲକ ସଭାଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ବ୍ଲକ ସହାୟକ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ବିଭିନ୍ନ କଳକାରଖାନାର ପ୍ରତିନିଧି ଓ ବିଭିନ୍ନ ମନ୍ଦିର ଧର୍ମାନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବ୍ରାହ୍ମଣୀ ନଦୀକୂଳରେ ଥିବା ଧଳପୁରସ୍ଥିତ ରାଣେଶ୍ୱର ମହାଦେବ ମନ୍ଦିରଠାରୁ ଆରମ୍ଭ କରି ନାଧାରାସ୍ଥିତ ମା' ରାମଚଣ୍ଡୀ ମନ୍ଦିର, ଗୋ କନକେଶ୍ୱର ମହାଦେବ ମନ୍ଦିର ସହିତ ଏକଘରିଆ ଗ୍ରାମ ନିକଟସ୍ଥ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ, ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରକୁ ନେଇ ଏକ ପର୍ଯ୍ୟଟନ କରିଡର ନିର୍ମାଣ କରିବା ପାଇଁ ବୁଦ୍ଧିଜୀବୀ ପ୍ରଦୀପ କୁମାର ସାମଲ ପ୍ରସ୍ତାବ ଦେଇଥିଲେ। ବିଭିନ୍ନ ଧର୍ମାନୁଷ୍ଠାନଗୁଡିକର ଉନ୍ନତି ଏବଂ ହିନ୍ଦୋଳ ରୋଡ଼ ବଜାର ମଧ୍ୟରେ ଆଲୋକୀକରଣ ଓ ପାନୀୟ ଜଳ ଯୋଗାଣ କରିବା ପାଇଁ କଳକାରଖାନା ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଖର୍ଚ୍ଚ କରିବା ନିମନ୍ତେ ବିଡିଓ ଷଡ଼ଙ୍ଗୀ ପ୍ରସ୍ତାବ ରଖିଥିଲେ।

# ଘରୋଇ ହସ୍‌ପିଟାଲରେ ଯୁବକଙ୍କ ମୃତ୍ୟୁ ସନ୍ଦେହଜନକ

ଓଡ଼ାପଡ଼ା, ୨୨।୧୦ (ରଞ୍ଜିତ ନାୟକ)

## ଗ୍ରାମବାସୀଙ୍କ ଦ୍ୱାରା ୩ କର୍ମଚାରୀ, ବୋଲେରୋ ଅଟକ

ଓଡ଼ାପଡ଼ା ବ୍ଲକ ବଣିଆପଡ଼ା ଗ୍ରାମର କବି ମହାରଣା (୫୫) ଗତ ଦୁଇ ବର୍ଷ ତଳେ ପଡ଼ିଯିବାରୁ ତାଙ୍କ ହାତ ଭାଙ୍ଗିଯାଇଥିଲା। ସେ ଚିକିତ୍ସିତ ହୋଇଥିଲେ। ମଝିରେ ମଝିରେ ତାଙ୍କ ହାତ ବିନ୍ଧୁଥିଲା ବୋଲି ଝିଅ କହିଛନ୍ତି। ଗତ ୧୯ ତାରିଖରେ ଢେଙ୍କାନାଳର ଏକ ଘରୋଇ ହସ୍‌ପିଟାଲର ୪ଜଣ କର୍ମଚାରୀ ଆସି ହାତ ଚେକଅପ୍ କରିବାକୁ କହି ସ୍ୱାସ୍ଥ୍ୟକାର୍ଡ ଓ ଆଧାର କାର୍ଡ ନେଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ବୁଧବାର ହସ୍‌ପିଟାଲରୁ କବିଙ୍କ ଝିଅ ସୁଲୋଚନାଙ୍କ ପାଖକୁ ତାଙ୍କ ବାପାଙ୍କର ମୃତ୍ୟୁ ଘଟିଥିବା ଫୋନ୍ ଆସିଥିଲା। ଏହି ମୃତ୍ୟୁକୁ ସୁଲୋଚନା ସହଜରେ ଗ୍ରହଣ କରିପାରି ନ ଥିଲେ। ତାଙ୍କ ବାପାଙ୍କୁ ମାରିଦିଆଯାଇଥିବା ସେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ତେବେ ବୁଧବାର ଅପରାହ୍ନରେ ସେହି ହସ୍‌ପିଟାଲର ୩ଜଣ କର୍ମଚାରୀ ଏକ ବୋଲେରୋରେ ପୁଣି ଗ୍ରାମକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ହିନ୍ଦୋଳ ରୋଡ଼ ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପହଞ୍ଚି ୩ଜଣ ବ୍ୟକ୍ତିଙ୍କ ସହ ବୋଲେରୋକୁ ମୋଟଙ୍ଗା ଥାନାକୁ ପଠାଇ ଦେଇଥିବା ଜଣାପଡ଼ିଛି। ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ କିଛି ଏଜେଣ୍ଟଙ୍କୁ ନିଯୁକ୍ତ କରି ଗ୍ରାମାଞ୍ଚଳରେ ସଚେତନ ନ ଥିବା କିଛି ଲୋକମାନଙ୍କୁ ନେଇ ଚିକିତ୍ସା ନାମରେ ତାଙ୍କ ସ୍ୱାସ୍ଥ୍ୟକାର୍ଡରୁ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହୋଇଛି। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା କହିଛନ୍ତି, ଥାନାରେ ଉଭୟ ପକ୍ଷ ଉପସ୍ଥିତ ଅଛନ୍ତି। କିଛି ଲିଖିତ ଅଭିଯୋଗ ହୋଇନାହିଁ।

# ଶିକ୍ଷକ ନେତା ଯମେଶ୍ୱର ପୃଷ୍ଟିଙ୍କ ବିୟୋଗରେ ଶୋକ

ଢେଙ୍କାନାଳ,୨୨।୧୦(ରତନ ନାୟାର)

ବିଶିଷ୍ଟ ଶିକ୍ଷକ ନେତା ଯମେଶ୍ୱର ପୃଷ୍ଟିଙ୍କ ବିୟୋଗରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଗଭୀର ଶୋକ ପ୍ରକାଶ କରିଛନ୍ତି । ଏମ୍‌ପି କହିଛନ୍ତି ଯେ, ରାଜ୍ୟ ଏବଂ ଜିଲାରେ ଶିକ୍ଷକମାନଙ୍କର ସମସ୍ୟାର ସମାଧାନ ପାଇଁ ଯମେଶ୍ୱର ପୃଷ୍ଟି ସର୍ବଦା ସଂଗ୍ରାମ ଜାରି ରଖିଥିଲେ । ସେହିପରି ଗତ ଶନିବାର ଦେଉଳସାହିସ୍ଥିତ ଶ୍ରୀନିବାସ ଷଡଙ୍ଗୀଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ଷଡ଼ଙ୍ଗୀଙ୍କ ପରଲୋକ ଖବରପାଇ ଏମ୍‌ପି ବୁଧବାର ତାଙ୍କ ବାସଭବନକୁ ଯାଇ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଶୋକବ୍ୟକ୍ତ କରିଥିଲେ ।

# ବାଇକ୍‌ରେ ଆସି ମହିଳାଙ୍କ ଠାରୁ ସୁନାଚେନ୍ ଲୁଟିଲେ

ଢେଙ୍କାନାଳ,୨୨।୧୦(ରତନ ନାୟାର)

ଢେଙ୍କାନାଳ ସହର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ରାସ୍ତାରେ ବୁଧବାର ଜଣେ ମହିଳା ଚାଲିଚାଲି ଯାଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଲୁଟିନେଇ ପଳାଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି। ଅଞ୍ଚଳରେ ଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରାଯାଉ ଥିବା ଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବ



ଢେଙ୍କାନାଳ,୨୨।୧୦(ରତନ ନାୟାର)

## ପୋଲିସ୍ ଲାଇନ୍ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସଦର ବ୍ଲକର ପୋଲିସ୍ ଲାଇନ୍ କ୍ଲଷ୍ଟରସ୍ତରୀୟ ଏକଦିବସୀୟ ସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଝସକେତନ ପ୍ରଧାନଙ୍କ ଆବାହକତ୍ୱରେ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମହାଶ୍ୱେତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡିଆଇଇଟି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ରବିନ୍ କୁମାର ଶତପଥୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ କର ଯୋଗଦାନ କରି ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଝସକେତନ ପ୍ରଧାନ ଅତିଥି ପରିଚୟ, କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସଦର ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଦେବବ୍ରତ ନାଥ ଓ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ରବିନ ଶତପଥୀ, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ, ମମତା ପାଣି, ଲଳିତା ରଣା, ପ୍ରତିଭା ମିଶ୍ର, ମାନିନୀ ପ୍ରଧାନ, କୌଶଲ୍ୟା ନନ୍ଦୀ, ରଶ୍ମିତା ସେଠୀ, ସ୍ନେହପ୍ରଭା ସାହୁ, ସରିତାଲତା ଦଳାଇ, ନିରୁପମା ମିଶ୍ର, ମମତା ମହାପାତ୍ର, ସଚଳା ପାଣି, ସଙ୍ଗୀତା ସାହୁ, ନୀଳିମା ନାୟକ, ସୀମାଞ୍ଜଳି ବେହେରା, ସବିତା ଦ୍ୱିବେଦୀ ପ୍ରମୁଖ ଶିକ୍ଷୟିତ୍ରୀ ଓ ଶିକ୍ଷକ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ କାର୍ଯ୍ୟ ନିର୍ବାହ କରିଥିଲେ ।


# ଚିତଳପୁର ଐତିହ୍ୟର ଜୀବନ୍ତ ସ୍ମାରକୀ

## ଐତିହ୍ୟ ପଦଯାତ୍ରାର ୩୦ତମ ସଂସ୍କରଣ

ଢେଙ୍କାନାଳ,୨୨।୧୦(ରତନ ନାୟାର): ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୩୦ତମ ସଂସ୍କରଣ ହିନ୍ଦୋଳ ଉପଖଣ୍ଡର ଚିତଳପୁର ଗ୍ରାମରେ ଥିବା ଶ୍ରୀଉଗ୍ରେଶ୍ୱର ଶୈବପୀଠଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରୀମାନେ ସେଠାରେ ପହଞ୍ଚିବା ପରେ ମନ୍ଦିରର ସେବାୟତ, ଗ୍ରାମ କମିଟି ଏବଂ ସ୍ଥାନୀୟ ପରମେଶ୍ୱର ଯୁବକ ସଂଘ ପକ୍ଷରୁ ପଦଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓଡ଼ିଶାର ଶୈବ ଉପାସନା କ୍ଷେତ୍ରରେ ଚିତଳପୁରଠାରେ ଥିବା ଶ୍ରୀଉଗ୍ରେଶ୍ୱର ମହାଦେବଙ୍କ ମନ୍ଦିରର ଏକ ସ୍ୱତନ୍ତ୍ରତା ରହିଛି। ଏକଦା କୋଦାଳକ ମଣ୍ଡଳ (ଅଧୁନା କୁଆଳୋ)ର ଶୁଳ୍କୀ ରାଜବଂଶର ରାଜତ୍ୱ ସମୟର ତିନୋଟି ତାମ୍ର ଶାସନ ଏହି ଚିତଳପୁର ଗ୍ରାମରୁ ଉଦ୍ଧାର କରାଯାଇଥିବାରୁ ଏହି ଗ୍ରାମଟି ନବମ ଶତାବ୍ଦୀ ବେଳକୁ କୋଦାଳକ ମଣ୍ଡଳ ଅନ୍ତର୍ଗତ ରହିଥିଲା




ଓ ଶୁଳ୍କୀମାନେ ଶୈବ ଥିବାରୁ ସମ୍ଭବତଃ ଉଗ୍ରେଶ୍ୱର ମନ୍ଦିର ସେହି ସମୟର ବୋଲି ସ୍ୱୀକାର କରାଯାଏ। ମନ୍ଦିରଟି କାରୁକାର୍ଯ୍ୟ ବିହୀନ କଳିଙ୍ଗ ସ୍ଥାପତ୍ୟର ଏକ ରେଖ ଦେଉଳ। ସାଧାରଣତଃ ପ୍ରାଚୀନ ଶିବ ମନ୍ଦିରମାନଙ୍କରେ ପାର୍ବତୀ ପାର୍ଶ୍ୱଦେବୀ ଭାବରେ କିମ୍ବା ଏକ ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଇଥାନ୍ତି। କିନ୍ତୁ ଚିତଳପୁର ମନ୍ଦିରରେ ପାର୍ବତୀ ମନ୍ଦିର ଗର୍ଭଗୃହର ବାଡ଼ରେ ଏକ ସ୍ୱତନ୍ତ୍ର ଆସନରେ ପୂଜିତ ହେଉଛନ୍ତି। ଏଠାରେ ପାର୍ବତୀଙ୍କୁ ଗୋଷାମଣୀ ଭାବରେ ସମ୍ବୋଧନ କରାଯାଏ। ଉଭୟ ଶାକ୍ତ ଓ ବୈଷ୍ଣବ ମତରେ ଗୋଷାମଣିଙ୍କ ଆରାଧନା ହୋଇଥାଏ। ଏକ ବିଶାଳ ଶକ୍ତି ମଧ୍ୟରେ ଏଠାରେ ସ୍ୱୟଂଭୂ ଲିଙ୍ଗ ବିରାଜମାନ କରିଛନ୍ତି। ନବମ ଶତାବ୍ଦୀ ପରେ ପର୍ଯ୍ୟାୟକ୍ରମେ ଏହି ମନ୍ଦିରର ଉନ୍ନତି ହିନ୍ଦୋଳ ରାଜବଂଶର ରାଜାମାନଙ୍କ ଦ୍ୱାରା କରାଯାଇଛି । ଏହି ପୀଠଟି ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ ଭାବରେ ସହସ୍ର ବର୍ଷ ଧରି ଢେଙ୍କାନାଳ ଜିଲାର ପ୍ରାଚୀନ ଐତିହ୍ୟକୁ ଧାରଣ କରି ରହିଛି। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପଦଯାତ୍ରୀମାନେ ମଧ୍ୟ ଚିତଳପୁରରେ ଥିବା ପ୍ରାଚୀନ ଗଜବାରଣ ମଣ୍ଡପ ପରିଦର୍ଶନ କରିଥିଲେ। ଏହି ଗଜବାରଣ ମଣ୍ଡପରେ ଏକଦା ଢେଙ୍କାନାଳର ଆରାଧ୍ୟ ଦେବତା ସିଦ୍ଧ ବଳରାମ ପୂଜିତ ହେଉଥିଲେ । ଏହି ମଣ୍ଡପରେ ଥିବା ସ୍ତମ୍ଭେଶ୍ୱରୀ ପ୍ରାଚୀନ ଶୁଳ୍କୀ ବଂଶର ଆରାଧ୍ୟ ଦେବୀ ଥିଲେ। ଏହି ଐତିହ୍ୟ ପଦଯାତ୍ରାରେ ବିଶିଷ୍ଟ ଗବେଷକ ତପନ କୁମାର ଶତପଥୀ, ଡ. ଦୁର୍ଗା ଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ରମେଶ କୁମାର ପତି, ବିଶ୍ୱରଞ୍ଜନ ଦେହୁରୀ, ନାରାୟଣ ପଟ୍ଟନାୟକ, ସୁନୀତା ମହାପାତ୍ର, ସୁମିତ୍ରା ଦେବତା, ସୁଜିତ ଦେବତା, ବିକାଶ ପ୍ରଧାନ, ଆଦିତ୍ୟ ମିଶ୍ର, ପୀୟୂଷ ଅଗ୍ରୱାଲ, ଜ୍ଞାନରଞ୍ଜନ ପ୍ରଧାନ, ଗ୍ରାମ କମିଟି ସଭାପତି ଦିବାକର ପାଣିଗ୍ରାହୀ, ଭଞ୍ଜନ ପାଣିଗ୍ରାହୀ, ରତ୍ନପର୍ଣ୍ଣା ପାଣିଗ୍ରାହୀ, ହୃଦାନନ୍ଦ ବେହେରା, ଚିତଳପୁର ଗ୍ରାମ କମିଟିର ବହୁ ସଦସ୍ୟ, ସ୍ଥାନୀୟ ପରମେଶ୍ୱର ଯୁବକ ସଂଘର ସଦସ୍ୟ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ୨୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



'ଶୋଲେ' ଫିଲ୍ମରେ (ବାମରୁ) ଅମିତାଭ, ଧର୍ମେନ୍ଦ୍ର ଏବଂ ଆସ୍‌ରାନି

# ପରିଚୟ ଦେଇଥିଲା 'ଶୋଲେ'

ନିକଟରେ ପରଲୋକଗତ ଗୋବର୍ଦ୍ଧନ ଆସ୍‌ରାନି ଥିଲେ ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା। ଅଭିନୟ ଜୀବନର ଆରମ୍ଭରୁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। କିନ୍ତୁ ଅସୀମ ଧୈର୍ଯ୍ୟ ଦେଖାଇ ସେ ନିଜକୁ ଜଣେ ପ୍ରତିଷ୍ଠିତ କମେଡିଆନ୍ ଭାବରେ ପରିଚିତ କରାଇପାରିଥିଲେ। ୧୯୬୬ରେ ସେ 'ହମ୍ କାହାଁ ଜା ରହେ ହେ'ରେ ଜଣେ କଲେଜ ଛାତ୍ର ଭାବରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ତା'ପରେ ବେଶ୍ କେତୋଟି ସିନେମାରେ ଅଭିନୟ କରିଥିଲେ ମଧ୍ୟ ୧୯୭୫ରେ ରିଲିଜ ହୋଇଥିବା ବ୍ଲକ୍‌ବଷ୍ଟର 'ଶୋଲେ' ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା କହିଲେ ଭୁଲ୍ ହେବ ନାହିଁ। ଏଥିରେ ଜଣେ ଜେଲର ଭୂମିକାରେ ସେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କର ଏକ ମାନିଆ ସଂଳାପ ଥିଲା। ତାହା ହେଲା- 'ହମ୍ ଅଁଗ୍ରେଜ କି ଜମାନେ କି ଜେଲର ହେ'। ଉକ୍ତ ଚିତ୍ରରେ ତାଙ୍କର ନିଖୁଣ ଅଭିନୟ ବଲିଉଡ୍‌ରେ ତାଙ୍କୁ ଦେଇଥିଲା ଏକ ନୂତନ ପରିଚୟ। ତା'ପରେ ସେ ଗୋଟିଏ ପରେ ଗୋଟିଏ ପାଖାପାଖି ୩୫୦ଟି ସିନେମାରେ ଅଭିନୟ କରିଥିଲେ। ୧୯୭୧ରେ 'ଗୁଡ୍ଡି' ଫିଲ୍ମର ସଫଳତା ପରେ ତାଙ୍କୁ ପଛକୁ ପଛ ୮ଟି ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ନିର୍ଦ୍ଦେଶକ ଭାବରେ ସାଉଁଟିଥିଲେ ଅନେକ ପ୍ରଶଂସା। ତାଙ୍କ ନିର୍ଦ୍ଦେଶିତ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଚଲା ମୁରାରୀ ହିରୋ ବନ୍‌ନେ', 'ସଲାମ ମେମ୍‌ସାହବ', 'ହମ୍ ନେହିଁ ସୁଧରେଙ୍ଗେ' ଏବଂ 'ଉଡାନ୍'।

# ପ୍ରମୋଦଙ୍କ ହ୍ୟାଟ୍ରିକ୍

ଚଳଚ୍ଚିତ୍ର ପ୍ରଯୋଜନା ବ୍ୟତୀତ ତାଙ୍କର ଆଉ ଏକ ନିଶା ରହିଛି। ତାହା ହେଲା ଅଭିନୟ। ତାଙ୍କ ଦ୍ୱାରା ପ୍ରଯୋଜିତ ପ୍ରାୟ ପ୍ରତ୍ୟେକ ସିନେମାରେ ତାଙ୍କୁ ଦେଖିବାକୁ ମିଳିଛି। କାହାଣୀ ସହ ସଂଯୋଗ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ସେ ଅଭିନୟ କରିବା ସହ ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଥାଆନ୍ତି। ହଁ, ସେ ହେଲେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏବେ ସେ ପ୍ରଯୋଜନା କରିଥିବା 'ମଙ୍ଗଳପୁର ଡାଏରୀ'ର ଶୁଟିଂ ଚାଲୁ ରହିଛି। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ମୋହନ ସାହୁ। ଏହି ଫିଲ୍ମରେ ପ୍ରମୋଦ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବେ। ଏଭଳି ଏକ ଚରିତ୍ର ବିଷୟରେ ସେ କହନ୍ତି, "ଏହି ଫିଲ୍ମର କାହାଣୀରେ ସସ୍‌ପେନ୍ସ, ଥ୍ରୀଲର ଭରି ରହିଛି। ଏଥିରେ ମୁଁ ଜଣେ ଏସ୍‌ପି(ପୋଲିସ ସୁପରିଣ୍ଟେଣ୍ଡେଣ୍ଟ) ଭୂମିକାରେ ଅଭିନୟ କରିଛି। ଏହା ପୂର୍ବରୁ ମୁଁ 'ଦିୱାନା ଦିୱାନୀ'ରେ ପୋଲିସ କମିଶନର ଏବଂ 'ତୁ ମୋ ଗର୍ଲଫ୍ରେଣ୍ଡ'ରେ ଇନ୍‌କମ୍ ଟ୍ୟାକ୍ସ କମିଶନର ଭୂମିକାରେ ଅଭିନୟ କରିସାରିଛି।" ମହାଦେବ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ସପ୍ତମ ଚଳଚ୍ଚିତ୍ର। ଏହାର କାହାଣୀ, ଚିତ୍ରନାଟ୍ୟ



ପ୍ରମୋଦ ସ୍ୱାଇଁ

ଏବଂ ସଂଳାପ ରଚନା କରିଛନ୍ତି ଶିବ ଏବଂ ପ୍ରଣବ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଅମ୍ଳାନ କୁମାର, ତୃପ୍ତି ମୀରମ୍ବିକା, ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦୟ ଗୁରୁ,ଶୁଭ୍ରାଂଶୁ ନାୟକ ଏବଂ ରାକ୍ଷୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ୨୫ ବର୍ଷର ହିସାବ ନିକାଶ

କପୁର ଖାନ୍‌ଦାନର ଅନ୍ୟତମ ଦାୟାଦ କରୀନା। ବଲିଉଡ୍‌ରେ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା ୨୦୦୦ରୁ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ଜେ.ପି. ଦତ୍ତାଙ୍କ 'ରିଫ୍ୟୁଜି'। ବକ୍ସ ଅଫିସରେ ଚଳଚ୍ଚିତ୍ରଟି ଭଲ ବିଜ୍‌ନେସ୍ କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ମିଳିଥିଲା। ଚଳିତବର୍ଷ ହିନ୍ଦୀ ସିନେମାରେ ତାଙ୍କର ୨୫ ବର୍ଷ ପୂରଣ ହୋଇଛି। ଏହା ଭିତରେ ନିଜ ଅଭିନୟ ବଳରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ପ୍ରଥମ ସିନେମା ହିଟ୍ ସାବ୍ୟସ୍ତ ହେବା ପରେ ସେ ପଛକୁ ପଛ 'ମୁଝେ କୁଛ୍ କହନା ହେ', 'ଅଜ୍‌ନବୀ' ଏବଂ 'କଭି ଖୁସି କଭି ଗମ୍' ପରି ସଫଳ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଆରମ୍ଭରୁ ହିଁ ତାଙ୍କୁ ମିଳିଥିବା ସଫଳତାକୁ ପାଥେୟକରି ସେ ଆଗେଇ ଚାଲିଥିଲେ। ନିଜର ବଲିଉଡ୍ କ୍ୟାରିୟର ବିଷୟରେ କରୀନା କହନ୍ତି, "ମୋ ଅଭିନୀତ ପ୍ରଥମ ସିନେମାକୁ ଦର୍ଶକେ ଗ୍ରହଣ କରିବା ପରେ ଜଣେ ଅଭିନେତ୍ରୀ ହେବାର ଆଶା ମୋ ମନରେ ଦ୍ୱିଗୁଣିତ ହୋଇଯାଇଥିଲା। ସୌଭାଗ୍ୟବଶତଃ ତା'ପରେ ପଛକୁ ପଛ ମୋତେ ଭଲ ସିନେମାଗୁଡିଏ ମିଳିଥିଲା ଏବଂ ସେଗୁଡିକ ଦର୍ଶକାଦୃତ ମଧ୍ୟ ହୋଇଥିଲା। କେତେବେଳେ ୨୫ ବର୍ଷ ବିତିଗଲା ତାହା ଜଣାପଡୁନାହିଁ। ଦର୍ଶକଙ୍କ ଭଲ ପାଇବା ହିଁ ଆଜି ମୋତେ ବଲିଉଡ୍‌ରେ ତିଷ୍ଠି ରହିବାରେ ସାହାଯ୍ୟ କରିଛି।" 'ଜବ୍ ୱି ମେଟ୍' ଏବଂ 'ଥ୍ରୀ ଇଡିଅଟ୍ସ' ପାଇଁ ତାଙ୍କୁ ୨ଥର ସମ୍ମାନଜନକ ଆଇଫା ଆୱାର୍ଡ ମିଳିଥିଲା। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ସିଙ୍ଗମ୍ ଏଗେନ୍' ୨୦୨୪ରେ ରିଲିଜ ହୋଇଥିଲା। ବର୍ତ୍ତମାନ ସେ 'ଦାୟରା' ଟାଇଟଲ ବିଶିଷ୍ଟ ଏକ ଫିଲ୍ମରେ ଅଭିନୟ କରୁଛନ୍ତି।



କରୀନା

ରଣବୀର

# ଦୃଢ଼ବିଶ୍ୱାସୀ ରଣବୀର

ଗୋଟିଏ ଜିନିଷ ଉପରେ ରଣବୀର କପୁରଙ୍କର ଦୃଢ଼ ବିଶ୍ୱାସ ରହିଛି। ତାହା କ'ଣ ଜାଣନ୍ତି ? ଆଠ (୮)। ଏହି ସଂଖ୍ୟାଟି ହେଉଛି ତାଙ୍କର ଲକି ନମ୍ବର। ଏହା ପଛରେ କିଛି କାରଣ ରହିଛି କି ? ଏ ବିଷୟରେ ରଣବୀର କହନ୍ତି, "ଏକଦା ମୁଁ ଜଣେ ଜ୍ୟୋତିଷୀଙ୍କ ପାଖକୁ ଯାଇଥିଲି। ମୋ କ୍ୟାରିୟର କିପରି ଆଗକୁ ଆଗେଇବ ସେ ନେଇ ସେ ମୋତେ କେତୋଟି ଟିପ୍ସ ଦେଇଥିଲେ। ତା'ପରେ ମୋ ମନକୁ ଏକ କଥା ଆସିଲା ଆଉ ମୁଁ ତାହାକୁ ଜ୍ୟୋତିଷୀଙ୍କୁ ପଚାରିଥିଲି। ତାଙ୍କୁ ପଚାରିଲି, ମୁଁ ଆଠକୁ ଲକି ନମ୍ବର ଭାବରେ ଗ୍ରହଣ କରିପାରିବି କି ? ସେ ମୋ କଥା ଶୁଣି ହସିଦେଇଥିଲେ। ବାସ୍, ମୁଁ ବୁଝିଗଲି ଯେ ମୁଁ ଯାହା ଭାବୁଛି ତାହା ଠିକ୍। ମୋର ଗାଡ଼ି ନମ୍ବରରେ ଏହି ସଂଖ୍ୟାକୁ ମଧ୍ୟ ରଖିଛି। ତା'ସହ ମୋ ଫୁଟ୍‌ବଲ ଜର୍ସି ନମ୍ବର ମଧ୍ୟ ୮।" ଆଲିଆ ଭଟ୍ଟଙ୍କୁ ବିବାହ କରିବା ସମୟରେ ସେ ତାଙ୍କୁ ଏକ ଡାଇମଣ୍ଡ ରିଂ ଗିଫ୍ଟ ଦେଇଥିଲେ। ସେଥିରେ ମଧ୍ୟ ଆଠଟି ହୀରା ଖଚିତ ହୋଇଥିଲା। ଅଭିନୟ କରିବା ପୂର୍ବରୁ ରଣବୀର ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍' ଫିଲ୍ମରେ ସେ ଏହି ଦାୟିତ୍ୱ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ପୁଣି ଏପରି ସଂଯୋଗ ଯେ, ସଞ୍ଜୟଙ୍କ ଫିଲ୍ମ 'ସାୱରିୟାଁ'ରେ ରଣବୀର କପୁର ନାୟକ ଭାବରେ ବ୍ରେକ୍ ପାଇଥିଲେ। ଆଉ ଏକ କଥା ଜାଣନ୍ତି ? ନ୍ୟୁୟର୍କରେ ସେ ପଢ଼ିବା ସମୟରେ ପ୍ରାୟ ୩୦୦ଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲେ।

# ପୁଣି ଥରେ 'କର୍ମ'



ଅନୁଭବ-ସୂର୍ଯ୍ୟମୟୀ

ଗତ ବର୍ଷ ଦଶହରାରେ ଓଡ଼ିଆ ସିନେମା 'କର୍ମ' ପ୍ରେକ୍ଷାଳୟରେ ରିଲିଜ ହୋଇ ଦର୍ଶକାଦୃତ ହେବା ପରେ ବର୍ତ୍ତମାନ ଆଗଧାଡ଼ିର ଓଟିଟି ପ୍ଲାଟ୍‌ଫର୍ମ ଆଓ ନେକ୍ସଟରେ ଷ୍ଟ୍ରିମିଂ ହେଉଛି। ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟିର ନାୟକ ଅନୁଭବ ମହାନ୍ତି, ସୂର୍ଯ୍ୟମୟୀ ମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ନିଶାନ୍ତ ମଜିଠିଆ ଏବଂ ଉଦିତ ଗୁରୁ ପ୍ରମୁଖ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି। "ଓଟିଟି ପ୍ଲାଟ୍‌ଫର୍ମଗୁଡିକର ଲୋକପ୍ରିୟତା ବଢ଼ିବାରେ ଲାଗିଛି ଓ ଆଓ ନେକ୍ସଟ୍ ସବୁବେଳେ ଓ ଦର୍ଶକଙ୍କ ମନକୁ ଛୁଇଁଲା ପରି କାହାଣୀ ଓ ବିଷୟବସ୍ତୁ ନିଜ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ଆଣିଥିବାରୁ ସମସ୍ତଙ୍କର ସେ ପ୍ରିୟ ହୋଇପାରିଛି। ଯେଉଁ ଦର୍ଶକମାନେ ଫିଲ୍ମ ସବୁ ହଲ୍‌ରେ ଦେଖିପାରି ନ ଥିଲେ, ସେମାନେ ଏବେ ଆଓ ନେକ୍ସଟ୍‌ରେ ସ୍ୱତନ୍ତ୍ର ଭାବରେ ଏହାକୁ ଦେଖିପାରିବେ ଓ ଆଗକୁ ଆହୁରି ଭଲ ଭଲ ଫିଲ୍ମ ଆମ ଉପଭୋକ୍ତାଙ୍କ ପାଇଁ ଆଣିବା ପାଇଁ ଆଓ ନେକ୍ସଟ୍ ପ୍ରତିବଦ୍ଧ ବୋଲି କହନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା କୌଶିକ ଦାସ।"

# ଭାଗ୍ୟବତୀ ବାଣୀ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଯଶ୍‌ରାଜ ଫିଲ୍ମ ବ୍ୟାନରରେ ବ୍ରେକ୍ ପାଇବା ଏକ ଛୋଟିଆ କଥା ନୁହେଁ। ଏହି ବ୍ୟାନରରେ ପ୍ରସ୍ତୁତ 'ଶୁଦ୍ଧ ଦେଶୀ ରୋମାନ୍ସ (୨୦୧୩)ରୁ ବାଣୀଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ଏହାର ନାୟକ ଭୂମିକାରେ ସୁଶାନ୍ତ ସିଂ ରାଜପୁତ ଅଭିନୟ କରିଥିଲେ। ଆଉ ନିଜର ପ୍ରଥମ ସିନେମାକୁ ନେଇ ଢେର ଆଶା ରଖିଥିଲେ ଏହି ଅଭିନେତ୍ରୀ। ଫିଲ୍ମଟି ସଫଳ ହେବା ସହ ତାଙ୍କୁ ଏଥିପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। କିନ୍ତୁ ଅଭିନେତ୍ରୀ ହେବା ପୂର୍ବରୁ ସେ ଟୁରିଜମ୍ ଏକ୍‌ଜିକ୍ୟୁଟିଭ ଭାବରେ କେତେକ ବଡ଼ ବଡ଼ ହୋଟେଲରେ କାମ କରିଥିଲେ। ତା'ପରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ଛୋଟ ପରଦା ପାଇଁ ପ୍ରଥମେ କ୍ୟାମେରା ସାମ୍ନା କଲେ। ତା'ପରେ ୨୦୧୩ରୁ ଗତ ୧୨ ବର୍ଷ ଧରି ସେ ବଡ ପରଦାରେ ନିଜର ଆକ୍ଟିଂ ଜାରି ରଖିଛନ୍ତି। ଇନ୍ଦିରା ଗାନ୍ଧୀ ଓପନ ୟୁନିଭର୍ସିଟିରୁ ସେ ଟୁରିଜମ୍ ଏବଂ ହସ୍ପିଟାଲିଟିରେ ଡିଗ୍ରୀ ହାସଲ କରିଛନ୍ତି। ବାଣୀଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ ହୋଇଥିଲା 'ଆହା କଲ୍ୟାନମ୍' ନାମକ ଏକ ତାମିଲ ଫିଲ୍ମରୁ ଯାହା ହିନ୍ଦୀ ଚଳଚ୍ଚିତ୍ର 'ବ୍ୟାଣ୍ଡ ବାଜା ବାରାତ୍'ର ରିମେକ୍ ଥିଲା। ଏବେ ବାଣୀ ଏକ ଯୋଜନା କରୁଛନ୍ତି। ଭାରତର ବିଭିନ୍ନ ଟୁରିଷ୍ଟ ସ୍ପଟ୍‌କୁ ନେଇ ସେ ଏକ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିବାକୁ ମନ ବଳାଇଛନ୍ତି। "ଟୁରିଜମ୍ ଉପରେ ଏକ ଡକ୍ୟୁମେଣ୍ଟାରି ତିଆରି କରିବାକୁ ଯୋଜନା କରୁଛି। ଖୁବ୍ ଶୀଘ୍ର ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯିବ। ମୋର ଆଶା ଲୋକମାନେ ଏଥିରୁ ଟୁରିଜମ୍ ବିଷୟରେ ଅନେକ କିଛି ଜାଣିପାରିବେ। ମୋତେ ଯେତେବେଳେ ଅବସର ମିଳେ ସେତେବେଳେ ମୁଁ ଭଲ ଭଲ ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଏ। କେବଳ ସେତିକି ନୁହେଁ, ସେଠାରେ ସେହି ସ୍ଥାନର ଫିଚରଗୁଡ଼ିକୁ ନୋଟ୍ କରିବାକୁ ଭୁଲି ନ ଥାଏ ବୋଲି କହନ୍ତି ବାଣୀ।"



ବାଣୀ

ଛୋଟ ପରଦା

# ଜୀ ସାର୍ଥକରେ 'ଅନନ୍ତା'

ଚଳିତ ବର୍ଷ ରଜ ଅବସରରେ ରିଲିଜ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅନନ୍ତା'। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଏହି ଫିଲ୍ମ ବେଶ୍ ଦର୍ଶକାଦୃତ ହୋଇଥିଲା। ଆଉ ଦର୍ଶକ ପୁଣି ଥରେ ଏହାକୁ ଦେଖିବାର ସୁଯୋଗ ପାଉଛନ୍ତି। ଓଡ଼ିଶାର ଅନ୍ୟତମ ଆଗଧାଡ଼ିର ଚ୍ୟାନେଲ 'ଜୀ ସାର୍ଥକ'ରେ ଉକ୍ତ ଚିତ୍ର ଚଳିତ ମାସ ୨୬ ତାରିଖ (ରବିବାର)ରେ ପ୍ରସାରିତ ହେବାକୁ ଯାଉଛି। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ପର୍ବପର୍ବାଣିରେ ଜୀ ସାର୍ଥକର ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ୍ ଫିଲ୍ମ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଆସିଛି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡୀ ପୁଅ ଅନନ୍ତା'କୁ ଆଧାରକରି ଏହାକୁ ପ୍ରସ୍ତୁତ କରାଯାଇଛି। ଅନନ୍ତାର ନଖରାମି, ମା-ପୁଅ ଭିତରେ ଥିବା ଅନାବିଳ ସ୍ନେହ ଏଥିରେ ଦେଖିବାକୁ ମିଳିବ। ସବ୍ୟସାଚୀଙ୍କ ଟାଇଟଲ ଭୂମିକାରେ ଅଭିନୟ ଏହାର ପ୍ରମୁଖ ଆକର୍ଷଣ ସାଜିବ। ଏହାବ୍ୟତୀତ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ବର୍ତ୍ତମାନର ଆଗଧାଡ଼ିର ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି କୁମାର ସି.ଦେବ ମହାପାତ୍ର। "ଜୀ ସାର୍ଥକ ସବୁବେଳେ ଓଡ଼ିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହ ଫିଲ୍ମ ସବୁ ଆଣିଥାଏ। ସେହିପରି ଏକ ଫିଲ୍ମ ହେଉଛି 'ଅନନ୍ତା'। ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ -ମୌଳିକ କାହାଣୀ ଏବଂ ଗାଁର ନିଚ୍ଛକ ଛବି ଏଥିରେ ପ୍ରତିଫଳିତ ହୋଇଥିବା ବେଳେ ଛୋଟରୁ ବଡ଼ ଦର୍ଶକ ଫିଲ୍ମକୁ ବେଶ୍ ପସନ୍ଦ କରିବେ। ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବା ସହ ଓଡ଼ିଆ ସାହିତ୍ୟକୁ ଆହୁରି ଆଗକୁ ନେବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ରାହୁଲ ରାଓ।"



'ଅନନ୍ତା' ଫିଲ୍ମରେ ସବ୍ୟସାଚୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦେବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୀମାକୁ ସୁରକ୍ଷା ଦେଉଛି ଓଡ଼ିଶା ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ

**ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)**

ଓଡ଼ିଶାର ଷ୍ଟାର୍ଟଅପ୍ ଆଇଜି ଡ୍ରୋନ୍ସ ନିକଟରେ ହୋଇଥିବା ଅପରେଶନ୍ ସିନ୍ଦୂରରେ ଏକ ରଣନୀତିକ ସହଯୋଗୀ ଭାବେ ଉଭା ହୋଇଥଲା । ଏହି ଟେକ୍ନୋଲୋଜି ନିୟନ୍ତ୍ରଣ ରେଖା ଏବଂ ବାହାରେ ଶତ୍ରୁମାନଙ୍କ ବିରୋଧରେ ଭାରତର ସୀମା ସୁରକ୍ଷା ଅଭିଯାନକୁ ସମର୍ଥନ କରୁଛି। କମ୍ପାନୀର ଉଚ୍ଚ-କ୍ଷମତା ସମ୍ପନ୍ନ ମାନବବିହୀନ ଡ୍ରୋନ ଭାରତୀୟ ସେନା ଦ୍ୱାରା କୌଶଳଗତ ନିରୀକ୍ଷଣ, ଭୂଖଣ୍ଡ ମାନଚିତ୍ର ଏବଂ ଠିକ୍ ଆକ୍ରମଣ ସମର୍ଥନ ଭୂମିକାରେ ନିୟୋଜିତ ହୋଇଛି। ୨୦୧୮ରେ ପ୍ରତିଷ୍ଠିତ ଆଇଜି ଡ୍ରୋନ୍ସ ଉଚ୍ଚ, ଦୁର୍ଗମ ଭୂଖଣ୍ଡ ଏବଂ ଆହ୍ୱାନପୂର୍ଣ୍ଣ ବାୟୁସୀମା କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଥିବା ଅତ୍ୟାଧୁନିକ



ଫାର୍ଷ୍ଟ-ପର୍ସନ୍-ଭ୍ୟୁ (ଏଫପିଭି) ଡ୍ରୋନ୍ସର ଏକ ପୋର୍ଟଫୋଲିଓ ତିଆରି କରିଛି, ଯାହା ସମ୍ପୂର୍ଣ୍ଣ ରୂପେ ଚାଇନା ଉତ୍ପାଦ ମୁକ୍ତ ଅଟେ। ଅପରେଶନ୍ ସିନ୍ଦୁର ସମୟରେ ଏହା ପାକିସ୍ତାନ ଅଧିକୃତ କଶ୍ମୀର ଏବଂ ସଂଲଗ୍ନ ସୀମା ଅଞ୍ଚଳମାନଙ୍କରେ ଏକାଧିକ ଆତଙ୍କବାଦୀ ଭିତ୍ତିଭୂମି ସ୍ଥାନକୁ ଟାର୍ଗେଟ କରିଥିଲା। ଆଇଜି ଡ୍ରୋନ୍ସର ପ୍ଲାଟଫର୍ମଗୁଡ଼ିକ ବାସ୍ତବ ସମୟ ଗୁଇନ୍ଦା ତଥ୍ୟ ସଂଗ୍ରହ, ଦୁର୍ଗମ ଭୂଖଣ୍ଡରେ ଏରିଅଲ ନିରୀକ୍ଷଣ ଏବଂ ଦ୍ରୁତ ଆକ୍ରମଣ ସହଯୋଗ ପାଇଁ ବ୍ୟବହୃତ ହୋଇଥିଲା। ଆଇଜି ଡ୍ରୋନ୍ସ ଭାରତୀୟ ସେନା ସହିତ ଉନ୍ନତ ଏଫପିଭି ଡ୍ରୋନ୍ ସିଷ୍ଟମ୍ ଯୋଗାଣ ପାଇଁ ଏକ ବଡ଼ ଚୁକ୍ତି ହାସଲ କରିଛି, ଯାହା ଭାରତର 'ମେକ ଇନ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ପ୍ରତିରକ୍ଷା ପ୍ରଯୁକ୍ତି ଉନ୍ନୟନରେ ଏକ ମାଇଲଷ୍ଟୋନ୍ ଚିହ୍ନିତ କରୁଛି। ଅପରେଶନ୍ ସିନ୍ଦୂର ସମୟରେ ନିୟୋଜିତ ହେବା ଏହା ଦର୍ଶାଉଛି ଯେ ଭାରତ ଏବେ ପାରମ୍ପରିକ ସୀମା ବାହାରେ ଘରୋଇ ଭାବରେ ବିକଶିତ ମାନବବିହୀନ ପ୍ରଣାଳୀ ଉପରେ ନିର୍ଭର କରୁଛି, ଯାହା ବିଦେଶୀ ଡ୍ରୋନ୍ ଉପରେ ନିର୍ଭରଶୀଳତା ହ୍ରାସ କରୁଛି। ଆଇଜି ଡ୍ରୋନ୍ସ ଭଳି ସ୍ୱଦେଶୀ ଡ୍ରୋନ୍ ଶିଳ୍ପ ଏବେ ସୀମା ସୁରକ୍ଷା କାର୍ଯ୍ୟରେ ସିଧାସଳଖ ଭୂମିକା ଗ୍ରହଣ କରୁଛି – କେବଳ ନିରୀକ୍ଷଣ କିମ୍ବା ଭିତ୍ତିଭୂମି ତଦାରଖରେ ନୁହେଁ, ବରଂ ସକ୍ରିୟ କାର୍ଯ୍ୟକ୍ଷମ ପ୍ରସଙ୍ଗରେ ମଧ୍ୟ ଯାହାର ବାସ୍ତବ କୌଶଳଗତ ପ୍ରଭାବ ରହିଛି। ଆଇଜି ଡ୍ରୋନ୍ସ ଭଳି ଘରୋଇ ଉଦ୍ଭାବକ ଦ୍ୱାରା ବିକଶିତ ଉନ୍ନତ ଡ୍ରୋନ୍ ସିଷ୍ଟମର ନିୟୋଜନ ଭାରତର ସୀମା-ସୁରକ୍ଷା ସ୍ଥାପତ୍ୟର ପ୍ରକୃତିରେ ଏକ ପରିବର୍ତ୍ତନର ସଙ୍କେତ ଦେଉଛି। କେବଳ ପାରମ୍ପରିକ ମାନବଯୁକ୍ତ ପାଟ୍ରୋଲ୍, ସ୍ଥିର-ଉଇଙ୍ଗ ବିମାନ ଏବଂ ଆମଦାନୀ ହୋଇଥିବା ମାନବବିହୀନ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତେ, ଭାରତୀୟ ସେନା ଏବେ ଆହ୍ୱାନପୂର୍ଣ୍ଣ ଭୂଭାଗ, ଉଚ୍ଚ ଏବଂ ୨୪ ଘଣ୍ଟିଆ କାର୍ଯ୍ୟ ପାଇଁ ପ୍ରସ୍ତୁତ ଦ୍ରୁତ, ମଡ୍ୟୁଲାର୍ ଡ୍ରୋନ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି।

## ୫ ମାସରେ ୯୭,୦୭୯ କୋଟିର ଗୋଲ୍ଡ ଲୋନ

**ଭୁବନେଶ୍ୱର,୨୨।୧୦**

ଭାରତୀୟମାନେ ସୁନାକୁ ସୁରକ୍ଷିତ ନିବେଶ ଭାବେ ଦେଖନ୍ତି। ସୁନା କିଣିବା ସହ ଏହାକୁ ବନ୍ଧକ ରଖି ଲୋନ ନେବା ଲୋକଙ୍କ ସଂଖ୍ୟା ବଢ଼ିଛି। ଆରବିଆଇ ଅନୁସାରେ, ଗତ ୫ ମାସରେ ଭାରତୀୟମାନେ ୯୭,୦୭୯ କୋଟି ଟଙ୍କାର ଗୋଲ୍ଡ ଲୋନ ନେଇଛନ୍ତି। ଅଗଷ୍ଟ ୨୦୨୫ରେ ଗୋଲ୍ଡ ଲୋନ ୧୧୭.୮% ବଢ଼ିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ୨,୦୮,୭୩୫ କୋଟି ଟଙ୍କାର ଗୋଲ୍ଡ ଲୋନ ଦିଆଯାଇଥିଲା। ଜୁଲାଇରେ ଏହା ୨,୯୪,୧୬୬ କୋଟି ହୋଇଛି। ୪ ମାସରେ ୮୫ ହଜାର କୋଟି ଟଙ୍କାର ଲୋନ ବଢ଼ିଛି। ଅଗଷ୍ଟରେ ୧୨ ହଜାର କୋଟି ଟଙ୍କାର ଲୋନ ନିଆଯାଇଛି। ବ୍ୟାଙ୍କ ଓ ଅଣ-ବ୍ୟାଙ୍କ ଅର୍ଥ ସଂସ୍ଥା ସୁନାର ୮୫% ମୂଲ୍ୟରେ ସହଜ ଲୋନ ଦେଉଛନ୍ତି, ଯାହା ଅନ୍ୟ ଲୋନ ତୁଳନାରେ ଶସ୍ତା।

# ବିକ୍ରି କ୍ଷେତ୍ରରେ ପ୍ରଥମ ସ୍ଥାନରେ ଟାଟା ନେକ୍ସନ


**ଭୁବନେଶ୍ୱର,୨୨।୧୦**

ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ଭାରତର ଅନ୍ୟତମ ଅଟୋମୋବାଇଲ ନିର୍ମାତା ଆଡଭାନ୍ସଡ ଡ୍ରାଇଭରଆସିଷ୍ଟାଣ୍ଟ ସିଷ୍ଟମ (ଆଡାସ୍)କୁ ଏହାର ନେକ୍ସନ ଲାଇନଅପରେ ଅନ୍ତର୍ଭୁକ୍ତ କରିବାକୁ ଘୋଷଣା କରିଛି। ଭାରତରେ ନିରାପତ୍ତା ବିପ୍ଳବକୁ ଆଗେଇ ନେଇ ନେକ୍ସନ ଦେଶର ପ୍ରଥମ କାର ଭାବେ ବିବେଚିତ ହୋଇଛି। ୫ ତାରକା ସୁରକ୍ଷା ମୂଲ୍ୟାୟନ ଗ୍ରହଣ କରାଯାଇଥିଲା ଏବଂ ଉଭୟ ଜିଏନସିଏପି ଏବଂ ବିଏନସିଏପିର ଦ୍ୱୈତ-ତାରକା ମୂଲ୍ୟାୟନ ସହିତ ଏକମାତ୍ର ଏସୟୁଭି ଭାବରେ ଏହାର ଦୃଢ଼ତା ବଜାୟ ରଖିଛି। ଆଡାସ୍ ବୈଶିଷ୍ଟ୍ୟଗୁଡ଼ିକର ଯୋଗ ସହିତ ସ୍ୱୟଂଶାସିତ ଜରୁରିକାଳୀନ ବ୍ରେକିଂ, ଫରୱାର୍ଡ ଧକ୍କା ଚେତାବନୀ, ଲେନ କିପ ଆସିଷ୍ଟ, ଟ୍ରାଫିକ ସାଇନ ସ୍ୱୀକୃତ ସହିତ ନେକ୍ସନ ବର୍ତ୍ତମାନ ଏକ ଉଚ୍ଚ ସ୍ତରର ସୁରକ୍ଷା ପ୍ରଦାନ କରୁଛି। ସେପ୍ଟେମ୍ବରରେ କାର ବିକ୍ରି ତଥ୍ୟ ଅନୁସାରେ ନେକ୍ସନ ଭାରତରେ ପ୍ରଥମ ସ୍ଥାନରେ ସ୍ଥାନିତ ହୋଇଛି, ଯାହା ବ୍ରାଣ୍ଡ୍ ପାଇଁ ଆଉ ଏକ ସଫଳତା ବୋଲି କୁହାଯାଉଛି। ଏହି ସଫଳତାକୁ ପାଳନ କରିବା ପାଇଁ ଟାଟା ମୋଟର୍ସ ପେଟ୍ରୋଲ, ଡିଜେଲ ଏବଂ ସିଏନଜି ପାୱାରଟ୍ରେନ୍ରେ ଉପଲବ୍ଧ ଥିବା ରେଡ # ଡାର୍କ ସଂସ୍କରଣକୁ ମଧ୍ୟ ୧୨.୪୪ ଲକ୍ଷରୁ ଆରମ୍ଭ କରିଛି। ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ ମୁଖ୍ୟ ବାଣିଜ୍ୟ ଅଧିକାରୀ ବିବେକ ଶ୍ରୀବାଟା କହିଛନ୍ତି ଯେ, ୨୦୧୭ ରେ ଡେବ୍ୟୁ ହେବା ପରଠାରୁ ନେକ୍ସନ ଏହାର ବୋଲ୍ଡ ଡିଜାଇନ, ରୋମାଞ୍ଚକର ପ୍ରଦର୍ଶନ କ୍ଷେତ୍ରରେ ଭାରତର ପ୍ରଥମ କାର ଅଟେ। ସେପ୍ଟେମ୍ବର ୨୦୨୫ ରେ ନେକ୍ସନ ଭାରତରେ ଏକ ନମ୍ବର ବିକ୍ରୟ କାର ହୋଇପାରିଛି।

# ଦୁର୍ଗମ ଅଞ୍ଚଳ ଗୁରେଜରେ ଜିଓ ଟାୱାର

**ଭୁବନେଶ୍ୱର,୨୨।୧୦**

ରିଲାଏନ୍ସ ଜିଓ କଶ୍ମୀରର ବାନ୍ଦିପୋରାରେ ଗୁରେଜର ଦୁର୍ଗମ ଅଞ୍ଚଳରେ ଏହାର ସେବା ଆରମ୍ଭ କରିଛି। ରିଲାଏନ୍ସ ଜିଓ ଏବଂ ଭାରତୀୟ ସେନା ମିଳିତ ଭାବରେ ପାଞ୍ଚଟି ନୂତନ ଟାୱାର ସ୍ଥାପନ କରିଛନ୍ତି। କୁପୱାରା ସେଣ୍ଟିନେଲ୍ସ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟରେ ଏହା ଘୋଷଣା କରିଛି। ଏହି ଟାୱାରଗୁଡ଼ିକ ହାରାହାରି ୧୩,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଆଗୁଆ ପୋଷ୍ଟଗୁଡ଼ିକୁ ଅତ୍ୟାଧୁନିକ ଯୋଗାଯୋଗ ସଂଯୋଗ ପ୍ରଦାନ କରିବ। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଅଭିହିତ କରି କୁପୱାରା ସେଣ୍ଟିନେଲ୍ସ ଏହାର ପୋଷ୍ଟରେ କହିଛି, ଭାରତୀୟ ସେନା ଏବଂ ରିଲାଏନ୍ସ ଜିଓ ଗୁରେଜ ଅଞ୍ଚଳରେ ପାଞ୍ଚଟି ନୂତନ ମୋବାଇଲ ଟାୱାର ସ୍ଥାପନ କରିଛନ୍ତି-ଏହି ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ଉନ୍ନତ କରିବା



ଏବଂ ଡିଜିଟାଲ ସଂଯୋଗୀକରଣକୁ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପୂର୍ବରୁ ଜିଓ ୧୬,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ସିଆଚୀନ୍ ଗ୍ଲେସିୟରରେ ସେବା ପ୍ରଦାନ କରିବାରେ ପ୍ରଥମ ଅପରେଟର ହୋଇଥିଲା। ଜାନୁଆରୀ ୧୫ରେ ସେନା ଦିବସ ପୂର୍ବରୁ, ଜିଓ ସିଆଚୀନ ଗ୍ଲେସିୟରରେ ୪ଜି ଏବଂ ୫ଜି ସେବା ଆରମ୍ଭକରି ଏହି ମାଇଲଖୁଣ୍ଟ ହାସଲ କରିଥିଲା। ଗୁରେଜ ଅଞ୍ଚଳର ଏହି ଟାୱାରଗୁଡ଼ିକ ଘରୋଇ କ୍ଷେତ୍ର ଏବଂ ସେନା ମିଳିତ ଭାବରେ କାମ କରିବାର ଏକ ଉଦାହରଣ। ରିଲାଏନ୍ସ ଜିଓ ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଥିବା ବେଳେ ସେନା ଭିତ୍ତିଭୂମି, ଫାଇବର ସୁରକ୍ଷା ଏବଂ ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରୁଛି। ଜିଓ ଏହାର ସ୍ୱଦେଶୀ ପୂର୍ଣ୍ଣ-ଷ୍ଟାକ୍ ୫ଜି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି। ଏହି ଟାୱାରଗୁଡ଼ିକ ଭାରତୀୟ ସୈନିକମାନଙ୍କୁ ସ୍ଥିର ଯୋଗାଯୋଗ ସଂଯୋଗ ପ୍ରଦାନ କରିବ, ଯାହା ସେମାନଙ୍କୁ ସହଜରେ ସେମାନଙ୍କ ପରିବାର ସହ ଯୋଡ଼ିହେବାରେ ସହାୟକ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଚ୍ୟାଲେଞ୍ଜିଂ ଭୂଖଣ୍ଡ ଏବଂ କଷ୍ଟକର ପରିସ୍ଥିତିରେ ନିୟୋଜିତ ସୈନିକମାନଙ୍କ ପାଇଁ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା।

# ଜିନ୍ଦଲ ଫାଉଣ୍ଡେଶନ ପାଳିଲା ସେବା ଦିବସ




**ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)**

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଏହାର ଅଧ୍ୟକ୍ଷା ଏବଂ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ତଥା ସାମାଜିକ କର୍ମୀ ଶାଲୁ ଜିନ୍ଦଲଙ୍କ ଜନ୍ମଦିନକୁ ଦେଶର ବିଭିନ୍ନ ସ୍ଥାନରେ 'ସେବା ଦିବସ' ଭାବରେ ପାଳନ କରାଯାଇଛି। ଏହି ଅବସରରେ ଫାଉଣ୍ଡେଶନ ଦ୍ୱାରା ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶାର ଅନୁଗୋଳ, ବଡ଼ବିଲ, କାସିଆ, ଟେନ୍‌ସା ଏବଂ ଭୁବନେଶ୍ୱର, ଛତିଶଗଡ଼ର ରାୟଗଡ଼ା ଏବଂ ତାମନାର, ଝାଡ଼ଖଣ୍ଡର ପାତ୍ରାଟୁ, ଆନ୍ଧ୍ର ପ୍ରଦେଶର ନେଲୋର ଏବଂ ମହାରାଷ୍ଟ୍ରର ଧୂଲେ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ରାୟଗଡ଼ାର ପରସାଡା ଗ୍ରାମପଞ୍ଚାୟତରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱଚ୍ଛ ଜଳ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଏକ ପାଣି ପମ୍ପ ସ୍ଥାପନ କରାଯାଇଥିଲା। ମହିଳା ସଶକ୍ତୀକରଣକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଟେନସାରେ ଏକ ମୁଢ଼ି ଉତ୍ପାଦନ କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁର୍ବେଦିକ ଚିକିତ୍ସା ଏବଂ ଫିଜିଓଥେରାପି ସୁବିଧାର ଆୟୋଜନ କରାଯାଇଥିଲା । ସେହିପରି ଯକ୍ଷ୍ମା ରୋଗୀଙ୍କ ସମେତ ଚିକିତ୍ସାଧୀନ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ କରାଯାଇଥିଲା । ଜିନ୍ଦଲ ଷ୍ଟିଲର ସିଏସଆର୍ ଗୋଷ୍ଠୀ ମୁଖ୍ୟ ପ୍ରଶାନ୍ତ ହୋତା ଜିନ୍ଦଲଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଶାଲୁ ଜିନ୍ଦଲ ଜୀଙ୍କ ମାର୍ଗଦର୍ଶନରେ ଜିନ୍ଦଲ ଫାଉଣ୍ଡେଶନ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ନିଜ ମିଶନରେ ଅଟଳ ରହିଛି। ଆମର ଟିମ୍ ତାଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ପ୍ରତିଦିନ ଲୋକଙ୍କ ସେବା କରିବା ପାଇଁ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି । ତାଙ୍କ ଜନ୍ମଦିନରେ ଅବହେଳିତ ଲୋକଙ୍କ ସେବା ଜାରି ରଖିବା ପାଇଁ ପ୍ରେରଣା ଦିଏ ବୋଲି ପ୍ରଶାନ୍ତ କହିଛନ୍ତି।

# ବିଜିୟୁରେ ବିଜନେସ୍ ଆନାଲିଟିକ୍ସରେ ଏମ୍‌ବିଏ ପାଠ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର,୨୨।୧୦**

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଏବଂ କେପିଏମ୍‌ଜି ଇଣ୍ଡିଆର ମିଳିତ ସହଯୋଗରେ ଦୁଇବର୍ଷିଆ ଏମ୍‌ବିଏ ଇନ୍ ବିଜନେସ୍ ଆନାଲିଟିକ୍ସ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଛାତ୍ରୀଛାତ୍ରମାନଙ୍କୁ ଆଧୁନିକ ବ୍ୟବସାୟରେ ନିରନ୍ତର ପରିବର୍ତ୍ତନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଧୁନିକ ବିଶ୍ଳେଷଣାତ୍ମକ କୌଶଳ ଓ ନିଷ୍ପତ୍ତି ନେବା ଦକ୍ଷତାକୁ ବୃଦ୍ଧି କରିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଶିଳ୍ପ ସମ୍ପର୍କିତ ଉପକରଣ ଓ କେସ୍ ଷ୍ଟଡି ଦ୍ୱାରା ଅଭିଜ୍ଞତା ହାସଲ କରିପାରିବେ। ଏହି ଅବସରରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ଡିନ୍ ପ୍ରଫେସର ପି. ନାୟକ କହିଛନ୍ତି, ଏହି ପାଠ୍ୟକ୍ରମ ଏକ ଲଞ୍ଚପ୍ୟାଡ୍, ଯାହା ତଥ୍ୟକୁ ନିୟନ୍ତ୍ରଣ କରିବା ସହ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କୁ ସଫଳ ବିଜନେସ୍ ଲିଡର ହେବା ପାଇଁ ପ୍ରୋତ୍ସାହିତ କରିବ। କେପିଏମ୍‌ଜି ଇଣ୍ଡିଆର ଏଜୁକେଶନ ସେକ୍ଟରର ନ୍ୟାଶନାଲ ଲିଡର ତଥା ଅଂଶୀଦାର ନାରାୟଣ ରାମାସ୍ୱାମୀ ଏହି ଅବସରରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସହ ସହଯୋଗିତା କରିଥିବାରୁ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ପଦକ୍ଷେପ ଶିଳ୍ପ ପାଇଁ ପ୍ରସ୍ତୁତ ଛାତ୍ରୀଛାତ୍ରମାନଙ୍କୁ ସୁବିଧା ଯୋଗାଇପାରିବ ବୋଲି ସେ କହିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି (ଆଇଆଇଏମ୍ କୋଝିକୋଡ୍‌ର ପୂର୍ବତନ ପ୍ରଫେସର ତଥା ଆଇଆଇଏମ୍ କାଶୀପୁରର ପୂର୍ବତନ ନିର୍ଦ୍ଦେଶକ) ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିରେ ଶିକ୍ଷା କେବଳ ଭବିଷ୍ୟତ ପାଇଁ ପ୍ରସ୍ତୁତି ନୁହେଁ, ବରଂ ଏହା ଭବିଷ୍ୟତ ଗଠନର ପ୍ରକ୍ରିୟା ବୋଲି କହିଛନ୍ତି। ଶିକ୍ଷା ଏକ ଅନୁଭବ, ଯାହା ଉତ୍ସୁକତାକୁ ଜାଗ୍ରତ କରେ, ଆକାଂକ୍ଷାକୁ ପୋଷଣ କରେ ଏବଂ କୁଶଳତାକୁ ଉତ୍କର୍ଷତାରେ ପରିଣତ କରିପାରେ ବୋଲି ସେ କହିଥିଲେ।

# ସଙ୍କଟରେ ଭାରତୀୟ ଇସ୍ପାତ ଶିଳ୍ପ

**ଭୁବନେଶ୍ୱର,୨୨।୧୦**

୨୦୨୩-୨୪ ଓ ୨୦୨୪-୨୫ରେ ଭାରତୀୟ ଇସ୍ପାତ ଶିଳ୍ପ ବିଦେଶରୁ ଅଧିକ ଆମଦାନୀ ଓ କମ ଦାମରେ ଇସ୍ପାତ ବିକ୍ରି (ଡମ୍ପିଙ୍ଗ) କାରଣରୁ ବଡ଼ ସମସ୍ୟାର ସାମ୍ନା କରୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଅକ୍ଟୋବର ୨୦୨୪ ବୁଲେଟିନରେ 'ଷ୍ଟିଲ ଅଣ୍ଡର୍ ସିଜ' ଲେଖାରେ ଏହା କୁହାଯାଇଛି। ବିଦେଶୀ ଇସ୍ପାତ ଦାମ କମ ଥିବାରୁ ୨୦୨୩-୨୪ରେ ଇସ୍ପାତ ଆମଦାନୀ ୨୨% ବଢ଼ିଛି । ୨୦୨୪-୨୫ର ପ୍ରଥମ ୬ ମାସରେ ଆଯାତ ୧୦.୭% ବଢ଼ିଛି ମାତ୍ର ସରକାରୀ ଟିକସ (ସେକ୍ୟୁରିଟି ଡ୍ୟୁଟି) କାରଣରୁ ଦ୍ୱିତୀୟ ୬ ମାସରେ ଆମଦାନୀ କମିଛି। ଦକ୍ଷିଣ କୋରିଆ (୧୪.୬%), ଚୀନ (୯.୮%), ଆମେରିକା, ଜାପାନ ଓ ବ୍ରିଟେନ ମୁଖ୍ୟ ଆମାଦାନୀକାରୀ ଦେଶ। ୨୦୨୪-୨୫ରେ ଚୀନ, ଜାପାନ, କୋରିଆ, ଇଣ୍ଡୋନେସିଆ ଓ ଭିଏତ୍‌ନାମରୁ ଆମଦାନୀ ବଢ଼ିଛି।


# Classified Everyday
0674-2580101, 9692975378



REAL ESTATE SALE

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05




The massage felt totally professional! & comfortable at all times- 7978109255. D-76500

Full body massage by odia therapist in homely atmosphere. 9078618337. D-1336

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

AFFIDAVIT

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated- 09.10.2025, I, Jayanti Soren, wife of Karam Chand Soren, Address Vill.- Parulia, P.O.- Gobara, P.S.- Rasgovindpur, Dist.- Mayurbhanj, Odisha, 757016 declare that I have changed the name of my daughter from PRAGYAN SOREN to PRAGYAN SHREE J.JHARANA SOREN. Henceforth, she shall be known as PRAGYAN SHREE J.JHARANA SOREN for all purposes. D-2340

By virtue of an affidavit sworn before Executive Magistrate, Jagatsinghpur, dated- 17.10.2025, No.2282, I, Sukadeb Swain, At/P.O.- Debidola, P.S.- Naugaon, Dist.- Jagatsinghpur, PIN- 754109 declare that I have changed the name of my son from Satya Prakash Swain to Prabhu Prakash Swain. Henceforth, he shall be known as Prabhu Prakash Swain for all purposes. D- 2341

ଆମ୍ଭେ ଆକାଶ କୁମାର ଦ୍ୱିବେଦୀ, ବୟସ- ୩୭ବର୍ଷ, ପିତା- ଜୁଲୁ ଦ୍ୱିବେଦୀ, ଗ୍ରାମ- ବଡ଼ହାଟ, ପୋଷ୍ଟ/ ଥାନା/ ଜିଲା- କେନ୍ଦ୍ରାପଡ଼ା, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଅଛିକି ଆମ୍ଭେ ବିଧି ମୁତାବକ ଆମ୍ଭର ଧର୍ମ ପରିବର୍ତ୍ତନ କରି ନୋଟାରି ପବ୍ଲିକ, କେନ୍ଦ୍ରାପଡାଙ୍କ ନିକଟରେ ଗତ ୦୭/୦୨/୨୦୨୫ରେ ସତ୍ୟପାଠ କରି ଆମ୍ଭର ପୁରାତନ ନାମ ମହମ୍ମଦ ତାଜୁଦ୍ଦିନରୁ ଆକାଶ କୁମାର ଦ୍ୱିବେଦୀକୁ ପରିବର୍ତ୍ତନ କରିଅଛୁ । ଆଜଦିନ ଠାରୁ ସମସ୍ତ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଆମ୍ଭେ ଆକାଶ କୁମାର ଦ୍ୱିବେଦୀ ନାମରେ ପରିଗଣିତ ହେବୁ। ଧ-୨୩୩୯

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସ୍ଥାୟୀ ଶକ୍ତି କେନ୍ଦ୍ର ସ୍ଥାପନ କରିବେ କୋଲ ଇଣ୍ଡିଆ ଓ ଆଇଆଇଟି ମାଡ୍ରାସ

**ଭୁବନେଶ୍ୱର,୨୨।୧୦**

ଦେଶର ବିକଶିତ କୋଲ କମ୍ପାନୀ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ) ବୁଧବାର ଭାରତୀୟ ପ୍ରଯୁକ୍ତି ସଂସ୍ଥାନ ମାଡ୍ରାସ (ଆଇଆଇଟି ମଦ୍ରାସ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହା ଦ୍ୱାରା ଆଇଆଇଟି ମାଡ୍ରାସାରେ 'ସ୍ଥାୟୀ ଶକ୍ତି କେନ୍ଦ୍ର' ସ୍ଥାପନ ହେବ। ଏହି ଏମଓୟୁରେ ସିଆଇଏଲର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ ଏବଂ ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି. କାମାକୋଟି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସିଆଇଏଲ ଅଧ୍ୟକ୍ଷ ପି.ଏମ. ପ୍ରସାଦଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ସ୍ଥାୟୀ ଶକ୍ତି ପ୍ରଯୁକ୍ତିରେ ନୂତନ ଗବେଷଣା ଓ ବିକାଶ (ଆର୍ ଏଣ୍ଡ ଡି) ଏବଂ କ୍ଷମତା ଗଠନ କାର୍ଯ୍ୟକ୍ରମର ଏକ କେନ୍ଦ୍ରସ୍ଥଳ ଭାବରେ କାର୍ଯ୍ୟ କରିବ। ସିଆଇଏଲର ଅର୍ଥନୈତିକ ସହାୟତା ଦ୍ୱାରା ଚାଳିତ ଏହି





କେନ୍ଦ୍ର କମ୍ପାନୀର ରଣନୀତିକ ବିବିଧୀକରଣ ଲକ୍ଷ୍ୟ ସହ ଯୋଡ଼ାଯାଇଛି। ଏହା କୋଲ ଖାଦାନର ପୁନର୍ବ୍ୟବହାର, ନିମ୍ନ-କାର୍ବନ ପ୍ରଯୁକ୍ତି ବିକାଶ ଏବଂ କୋଲ୍‌କୁ ଭାରତର ସ୍ୱଚ୍ଛ ଶକ୍ତି ଭବିଷ୍ୟତରେ ଏକ ମୂଲ୍ୟବାନ ଆଧାର ଭାବେ ପୁନର୍ନିର୍ମାଣ ଉପରେ ଗୁରୁତ୍ୱ ଦେବ। ଏହି ସହଯୋଗିତା ଭାରତରେ ୨୦୭୦ ସୁଦ୍ଧା ନେଟ-ଜିରୋ ଲକ୍ଷ୍ୟ ଅନୁସାରେ ଦେଶର ଶକ୍ତି ପରିବର୍ତ୍ତନରେ ନେତୃତ୍ୱ ପାଇଁ ସ୍ୱଦେଶୀ ଗବେଷଣା, ନବୀନୋତ୍ତର ଏବଂ ପ୍ରଯୁକ୍ତି ବିକାଶ ମାଧ୍ୟମରେ ଏକ ସାଧାରଣ ପ୍ରତିବଦ୍ଧତାକୁ ଦର୍ଶାଉଛି। ସିଆଇଏଲର ଅଧ୍ୟକ୍ଷ ପି.ଏମ. ପ୍ରସାଦ କହିଛନ୍ତି, କୋଲ ଇଣ୍ଡିଆ ଦେଶର ଶକ୍ତି ଯୋଗାନୁକୁଳକୁ ଛାଡ଼ି ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସୁବିଧାକାରୀ ଭାବେ ପରିଣତ ହେଉଛି। ଏହି ଏମଓୟୁ କୋଲ ଇଣ୍ଡିଆର ସ୍ଥାୟୀ ବୃଦ୍ଧିର ଯାତ୍ରାରେ ଏକ ଐତିହାସିକ ପାଦକ୍ଷେପ। ଆଇଆଇଟି ମାଡ୍ରାସା ସହ ଏହି ସହଯୋଗିତା ମାଧ୍ୟମରେ ଆମେ ଶକ୍ତି ସୁରକ୍ଷା, ଡିକାର୍ବୋନାଇଜେସନ ଏବଂ ସାମାଜିକ-ଆର୍ଥିକ ଅଗ୍ରଗତି ନିଶ୍ଚିତ କରିବା ପାଇଁ ସ୍ୱଦେଶୀ ସମାଧାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି. କାମାକୋଟି କହିଛନ୍ତି, ଉଦ୍ୟୋଗ-ବିଦ୍ୟାଳୟ ସହଯୋଗିତା ଭାରତର ନିମ୍ନ-କାର୍ବନ ଅର୍ଥନୀତି ଆଡ଼କୁ ପରିବର୍ତ୍ତନରେ ଆଇଆଇଟି ମାଡ୍ରାସର ଯାତ୍ରାର ମୂଳ ସ୍ତମ୍ଭ। କୋଲ ଇଆଇଣ୍ଡିଆ ସହ ଏହି ସହଯୋଗିତା ସଂସ୍ଥାନର ଏହି ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ସ୍ଥାୟୀ ଶକ୍ତି ଭବିଷ୍ୟତକୁ ସମର୍ଥନ କରିବା ପାଇଁ ସ୍କେଲେବଲ ଏବଂ ପ୍ରଭାବଶାଳୀ ସମାଧାନ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ଏହି କେନ୍ଦ୍ର ମାନବ ସମ୍ପଦ ବିକାଶରେ ମଧ୍ୟ ସହାୟକ ହେବ। ଏହା ପିଏଚଡି ପୋଷ୍ଟ ଡକ୍ଟରାଲ ଏବଂ ଇଣ୍ଟର୍ନସିପ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ସବୁଜ ଶକ୍ତି ପରିବର୍ତ୍ତନରେ ନେତୃତ୍ୱ ଦେବା ପାଇଁ ନୂତନ ଗବେଷକ ଓ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି।

# ଏସ୍‌ବିଆଇ ଅଫିସରଙ୍କ ସମବାୟ ସମିତିର ବାର୍ଷିକ ସଭା

**ଭୁବନେଶ୍ୱର,୨୨।୧୦**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ

D-05





ସମିତିର ୪୨ତମ ରାଜ୍ୟସ୍ତରୀୟ ବାର୍ଷିକ ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଫିସର ସଂଘର ସଭାପତି ଅମିତାଭ ଦାସ କହିଥିଲେ,ଐକ୍ୟବଦ୍ଧତା ଯୋଗେ ସମିତି ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି। ଅରୁଣ କୁମାର ବିଶୋଇ ସଭାପରିଚାଳନା କରିଥିବାବେଳେ ସଂଘର ଭୁବନେଶ୍ୱର ସର୍କଲ ସଭାପତି ଡ. ତପନ କୁମାର ପାଲ ଓ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ବୈଠକରେ ଉଦବୋଧନ ଦେଇଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୧୯ ଜିଲାକୁ ମିଳିବ ଅତିରିକ୍ତ ପୋଷଣଯୁକ୍ତ ଚାଉଳ

## ୩ ମାସ ପାଇଁ ବଣ୍ଟାଯିବ ୧୦.୫୭ ଲକ୍ଷ କୁଇଣ୍ଟାଲ

## ଉପକୃତ ହେବେ ୨.୩୯ କୋଟି ଲୋକ

ଭୁବନେଶ୍ୱର,୨୨।୧୦ (ରବିନାରାୟଣ ଜେନା)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ୩ ମାସର ପୋଷଣଯୁକ୍ତ ଚାଉଳ(ଫର୍ଟିଫାଏଡ୍ ରାଇସ୍) ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବରରୁ ନଭେମ୍ବର ତିନିମାସ ପାଇଁ ଅତିରିକ୍ତ ଭାବେ ଏହି ଉଭୟ ଯୋଜନାର ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯିବ। ୧୯ ଜିଲାର ୭୦ ଲକ୍ଷ ୪୭ ହଜାର ୪୧୮ ପରିବାରର ୨ କୋଟି ୩୯ ଲକ୍ଷ ୪୬ ହଜାର ୫୩ ହିତାଧିକାରୀଙ୍କୁ ୧୦ ଲକ୍ଷ ୫୭ ହଜାର ୧୧୨.୭୦ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯିବାକୁ ରହିଛି। ଏ ନେଇ ଚଳିତ ଅକ୍ଟୋବର ୧୮ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ସଂପୃକ୍ତ ୧୯ ଜିଲାର ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ତାଙ୍କ ପତ୍ରରେ ଜିଲାପାଳମାନଙ୍କୁ ଦର୍ଶାଇଛନ୍ତି ଯେ, ଏନ୍‌ଏଫ୍‌ଏସ୍‌ଏ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନରେ ରାଜ୍ୟ ନିଜ ତରଫ(ଷ୍ଟେଟ୍‌ପୁଲ୍)ରୁ ୧୦ ଲକ୍ଷ ୫୭ ହଜାର ୧୧୨.୭୦ କୁଇଣ୍ଟାଲ ପୋଷଣଯୁକ୍ତ ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବଣ୍ଟନ ହେବାକୁଥିବା ଜିଲାଗୁଡ଼ିକ ମଧ୍ୟରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ପ୍ରଭୃତି ରହିଛି। ଏହି ଚାଉଳ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସ ପାଇଁ ବଣ୍ଟନ କରାଯିବ।

ସରକାରଙ୍କ ସଂଶୋଧିତ ନିର୍ଦ୍ଦେଶନାମାକୁ ନେଇ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି, ପୋଷଣଯୁକ୍ତ ଚାଉଳ ବଣ୍ଟନର ମାପ ଅନୁସାରେ ପ୍ରତି ପରିବାର ପାଇଁ ମାସକୁ ୫ କିଲୋଗ୍ରାମ୍ ହାରରେ ତିନିମାସ ଲାଗି ପ୍ରଦାନ କରାଯିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଏହା ମାଗଣାରେ ଯୋଗାଇ ଦିଆଯିବ। ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନ ଯୋଗ୍ୟ ହିତାଧିକାରୀଙ୍କ ପରିବାରକୁ ହିଁ ଏହି ଚାଉଳ ମିଳିବ। ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ରାଶନ କାର୍ଡ ଅନୁସାରେ ଚାଉଳ ବଣ୍ଟନ ହେବ। ଆବଣ୍ଟିତ ପିଡିଏସ୍ ଷ୍ଟକ୍ କେବଳ ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ହିଁ ବଣ୍ଟନ କରିପାରିବେ।

ତେବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ପ୍ରାୟୋରିଟି ହାଉସ୍‌ହୋଲ୍ଡ(ପିପିଏଚ୍) ପାଇଁ ୯ ଲକ୍ଷ ୧୭ ହଜାର ୩୧୫.୨୫ କୁଇଣ୍ଟାଲ ଚାଉଳ ବଣ୍ଟନ ହେବାକୁ ରହିଥିବାବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନା(ଏଏଜେ)ରେ ୧ ଲକ୍ଷ ୨୪ ହଜାର ୩୦୩.୯୫ କୁଇଣ୍ଟାଲ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅବଶିଷ୍ଟ ୧୫ ହଜାର ୪୯୩.୫୦ କୁଇଣ୍ଟାଲ ପୋଷଣଯୁକ୍ତ ଚାଉଳ ସଂପୃକ୍ତ ଜିଲାର ହିତାଧିକାରୀଙ୍କୁ ବଣ୍ଟନ କରାଯିବ। ଏଥିମଧ୍ୟରେ ୬୧ ଲକ୍ଷ ୧୫ ହଜାର ୪୩୫ ପରିବାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରହିଥିବାବେଳେ ୨ କୋଟି ୧୨ ଲକ୍ଷ ୯୨ ହଜାର ୪୭୭ ଜଣ ଉପକୃତ ହେବେ। ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୮ ଲକ୍ଷ ୨୮ ହଜାର ୬୯୩ ପରିବାରର ୨୪ ଲକ୍ଷ ୪୩ ହଜାର ୧୬୩ ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୩ ହଜାର ୨୯୦ ପରିବାରର ୨ ଲକ୍ଷ ୧୦ ହଜାର ୪୧୩ ଜଣ ଉପକୃତ ହେବେ ବୋଲି ଜଣାଯାଇଛି।

ସ୍ୱତନ୍ତ୍ର ସଚିବ ସମସ୍ତ ଏସିଏସ୍‌ଓ, ଆଇଏସ୍‌ଏସ୍ ଏବଂ ଏମ୍‌ଆଇଏସ୍‌ମାନଙ୍କୁ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ବଣ୍ଟନ ସମ୍ବନ୍ଧିତ ତଥ୍ୟ ସମୟ ଭିତରେ ଇ-ପିଓଏସ୍‌କୁ ସର୍ଭର ସହ ଲିଙ୍କ୍ କରିବା ଆବଶ୍ୟକ। ଯାହାଦ୍ୱାରା ଏଫ୍‌ପିଏସ୍‌ରେ ଥିବା ଚାଉଳର ପ୍ରକୃତ ଷ୍ଟକ୍ ସମ୍ପର୍କରେ ଜଣାଯାଇପାରିବ। ଏହାସହିତ ଚାଉଳର ସୁବଣ୍ଟନ ଦିଗରେ ନିର୍ଦ୍ଦେଶନାମାକୁ ଠିକ୍‌ଭାବେ ପାଳନ କରିବାକୁ ସେ ଦର୍ଶାଇଛନ୍ତି।

# ପାଇକା ନଦୀରେ ବୁଡ଼ି ୨ ନାବାଳକ ମୃତ, ଜଣେ ନିଖୋଜ



ସୌରଭ ଅମନଜିତ ଶିଶିର

ରଘୁନାଥପୁର/ତିର୍ତ୍ତୋଲ,୨୨।୧୦ (ରାଜେନ୍ଦ୍ର ନାରାୟଣ ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ପାଇକାକୁଳ ଗ୍ରାମର ୩ ନାବାଳକ ଗାଧୋଇବାକୁ ଯାଇ ପାଇକା ନଦୀରେ ବୁଧବାର ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ମିଳିଥିବାବେଳେ ଜଣେ ନିଖୋଜ ଥିବା ଆଇଆଇସି ସୁବ୍ରତ କୁମାର ଦାସ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୩/୨୫) ରୁଜୁ ହୋଇଛି। ମୃତ ନାବାଳକ ୨ ଜଣ ହେଲେ ସ୍ଥାନୀୟ ଗ୍ରାମର ନରହରି ବେହେରାଙ୍କ ପୁଅ ଶିଶିର ଓ ଧୀରେନ୍ ମଲ୍ଲିକଙ୍କ ପୁଅ ସୌରଭ। ନିଖୋଜ ଥିବା ନାବାଳକ ଜଣଙ୍କ ହେଲେ ଅକ୍ଷୟ କୁମାର ମଲ୍ଲିକଙ୍କ ପୁଅ ଅମନଜିତ। ଶିଶିର ଓ ଅମନଜିତ ସ୍ଥାନୀୟ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପାଠ ପଢୁଥିବାବେଳେ ସୌରଭ ଯୁକ୍ତ ୨ ର ଛାତ୍ର ଅଟନ୍ତି। ପୂର୍ବାହ୍ନରେ ସାଙ୍ଗସାଥୀ ମେଳରେ ୫ ଜଣ ପିଲା ପାଇକା ନଦୀକୁ ଗାଧେଇବାକୁ ଯାଇଥିଲେ। ସେମାନେ ଜାଣିପାରି ନ ଥିଲେ ନଦୀରୁ ବାଲି ଖୋଳିବା ଦ୍ୱାରା ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇ ପାଣି ଭର୍ତ୍ତି ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଖାଲରେ ପଡ଼ି ବୁଡ଼ିଯାଉଥିଲେ। ଅନ୍ୟ ୨ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସେମାନଙ୍କ ସହ ଆସିଥିବା ପିଲାମାନେ ଏ ସମ୍ପର୍କରେ ଖବର ଦେବାରୁ ଗ୍ରାମବାସୀ ଆସି ଖୋଜାଖୋଜି କରିଥିଲେ। ଲିଜ୍ ଏରିଆ ବାହାରୁ ବାଲି ଖୋଳିବା ଦ୍ୱାରା ଏପରି ମର୍ମନ୍ତୁଦ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗକରି ପ୍ରତିବାଦ କରିଥିଲେ। ଖବରପାଇ ରଘୁନାଥପୁର ଓ ତିର୍ତ୍ତୋଲ ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରି ୨ ନାବାଳକଙ୍କ ମୃତଦେହ ବାହାର କରିଥିଲେ। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ଜଣେ ଏବେ ବି ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ନମିତା ଖଣ୍ଡୁଆ ଓ ତାଙ୍କ ପ୍ରତିନିଧି ଅଜୟ ଖଣ୍ଡୁଆ ପହଞ୍ଚି ସହଯୋଗ କରିଥିଲେ। ଉକ୍ତ ଦୁଃଖଦାୟକ ଘଟଣାକୁ ନେଇ ଗ୍ରାମରେ ଶୋକାତୁର ପରିବେଶ ସୃଷ୍ଟି ହୋଇଛି।

# ୨୯ରେ ଏନ୍‌ସିବିସି ଅଧ୍ୟକ୍ଷଙ୍କ ଜନଶୁଣାଣି

## ଯୋଡ଼ିହେବେ କେଉଁ ପଛୁଆବର୍ଗ

ଭୁବନେଶ୍ୱର,୨୨।୧୦ (ରବିନାରାୟଣ ଜେନା)

ଆସନ୍ତା ୨୯ ତାରିଖରେ ଜାତୀୟ ପଛୁଆବର୍ଗ ଆୟୋଗ(ଏନ୍‌ସିବିସି) ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ଅଧ୍ୟକ୍ଷଙ୍କର ଦୁଇଟି ପର୍ଯ୍ୟାୟରେ ସଚିବମାନଙ୍କ ସହ ରାଜ୍ୟ ଅତିଥିଭବନରେ ବୈଠକ ଅନୁଷ୍ଠିତ ହେବାକୁ ରହିଛି।

୨୯ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପଛୁଆବର୍ଗ କମିଶନଙ୍କ ସହିତ ପଛୁଆବର୍ଗ ତାଲିକାରେ କେଉଁମାନେ ଯୋଡ଼ିହେବେ ସେନେଇ ଜନଶୁଣାଣି ହେବ। ଏହାପରେ ଅପରାହ୍ନ ୨ଟାରେ ଗୃହ ବିଭାଗ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଶିଳ୍ପ ଓ ଅନ୍ୟାନ୍ୟ ବିଭାଗ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ କ'ଣସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ପ୍ରସ୍ତୁତ ରଖିବା ଲାଗି ଅଧ୍ୟକ୍ଷଙ୍କ ପକ୍ଷରୁ ବ୍ୟକ୍ତିଗତ ସହାୟକ ରାଜୀବ ଗାନ୍ଧୀ ସଂପୃକ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଅଧ୍ୟକ୍ଷ ହଂସରାଜଙ୍କ ସହିତ ଆୟୋଗର ସଦସ୍ୟ ଭୁବନ ଭୂଷଣ କମଲ ଏବଂ ସଚିବ ମିତା ରାଜୀବ ଲୋଚନ ମଧ୍ୟ ଏହି ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

# ୨ ଦଳ ପ୍ରଚାରରେ 'ଢୋଲକିଆ'

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉତ୍ତାପ ସେତିକି ବଢ଼ିବାରେ ଲାଗିଛି। ପ୍ରଚାର ଅଭିଯାନକୁ ବିଭିନ୍ନ ଦଳୀୟ କର୍ମକର୍ତ୍ତା ଜୋରଦାର କରିବାରେ ଲାଗିଛନ୍ତି। କିଏ ସଭା ସମିତି କରି ଭୋଟ ମାଗୁଛନ୍ତି ତ ଅନ୍ୟ କିଏ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି। ଏପରି ସମୟରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ନାମରେ ଦୁଇ ଦଳର ପ୍ରଚାର ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଜାତୀୟ କଂଗ୍ରେସ ପ୍ରଥମେ ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରି ପ୍ରଚାର କାର୍ଯ୍ୟ ଜୋରଦାର କରିଛି। ଅନ୍ୟପଟେ ସ୍ୱର୍ଗତ ଢୋଲକିଆ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ବିଧାୟକ ଭାବରେ ବିଜୟୀ ହୋଇଥିବାରୁ ବିଜେଡି ଅନୁସାରେ ତାଙ୍କ ପୁଅ ଜୟ ଢୋଲକିଆ ମଧ୍ୟ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବେ ବୋଲି ସୂଚନା ମିଳିଥିଲା। ହେଲେ ସେ ଭାଜପାରେ ମିଶି ପ୍ରାର୍ଥୀ ହେବା ପରେ ବିଜେଡିର ସବୁ ଅଙ୍କ ଓଲଟପାଲଟ ହୋଇଯାଇଥିଲା। ଜୟ ପ୍ରାର୍ଥୀ ହେବା ପରେ ଢୋଲକିଆଙ୍କ ଅଧିକାଂଶ ସମର୍ଥକ ଭାଜପାରେ ଯୋଗ ଦେଲେ। କିନ୍ତୁ ଭାଜପାରେ ପୂର୍ବରୁ ଥିବା ପୁରୁଣା କାର୍ଯ୍ୟକର୍ତ୍ତା ଜୟଙ୍କୁ ସହଜରେ ଗ୍ରହଣ କରୁ ନ ଥିବା ଦେଖାଯାଉଛି। ଏହାର କାରଣ ସମର୍ଥକରେ ଶୁଣିବାକୁ ମିଳୁଛି, ଜୟ ଖଡ଼ିଆଳ ରୋଡ୍ ନିଜ ବାସଭବନରେ ଥାଇ ସବୁ କାର୍ଯ୍ୟ କରିବେ ସହ ମିଶ୍ରଣ ପର୍ବ କରୁଛନ୍ତି କିନ୍ତୁ ଭାଜପାର ପୁରୁଣା କର୍ମକର୍ତ୍ତା ଜିଲା କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ କରୁଛନ୍ତି। ସେପଟେ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଘୋଷଣା କଲା ପରେ ଅନ୍ୟ ଦଳର ସମର୍ଥକମାନେ ଏହି ଦୁଇ ଦଳକୁ ଢଳିବାରେ ଲାଗିଲେ। ଏହାକୁ ଦେଖି ରାଜନୈତିକ ସମୀକ୍ଷକ ଭାଜପା ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ମତ ଦେଉଥିଲେ। କିନ୍ତୁ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ଦଳର ହେଭିୱେଟ ନେତା ଆସି ନୂଆପଡ଼ାରେ ଡେରା ପକାଇବା ପରଠାରୁ ରାଜନୀତି ଦୃଶ୍ୟପଟ ବଦଳିଯାଇଛି। ବର୍ତ୍ତମାନ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ବର୍ତ୍ତମାନ ଦୁଇ ପ୍ରମୁଖ ଦଳ ଭାଜପା ଓ ବିଜେଡି ସ୍ୱର୍ଗତ ଢୋଲକିଆଙ୍କ ନାମରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜୟ ତାଙ୍କ ବାପାଙ୍କ ନାମ ଧରି ପ୍ରଚାର କରୁଥିବା ବେଳେ ବିଜେଡି ସ୍ୱର୍ଗତ ଢୋଲକିଆ ବିଜେଡିରେ ଥାଇ ଜିଲାର ବିକାଶ କରିଛନ୍ତି ବୋଲି କହୁଛନ୍ତି। ବର୍ତ୍ତମାନ ଉଭୟ ଦଳ ଢୋଲକିଆଙ୍କ ନାମ ନେଉଥିବାରୁ ଭୋଟର ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।





ଉଭୟ ଦଳ ପ୍ରଚାରରେ ବ୍ୟବହାର କରିଥିବା ସ୍ୱର୍ଗତ ଢୋଲକିଆଙ୍କ ଫଟୋଚିତ୍ର।

# ଆଜିଠାରୁ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ ପାଇଁ ଆବେଦନ

ଭୁବନେଶ୍ୱର,୨୨।୧୦(ସୁଚିସ୍ମିତା ସାହୁ)

ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲକୁ ପୁଣି ଥରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୋଲାଯାଉଛି। ଏହି ପୋର୍ଟାଲ ୨୩ ତାରିଖରୁ ନଭେମ୍ବର ୬ ପର୍ଯ୍ୟନ୍ତ ଖୋଲା ରହିବ। ଏହା ମାଧ୍ୟମରେ ଉପଶାସ୍ତ୍ରୀ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ନୂତନ ଭାବେ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ୍ ପାଇଁ ଆବେଦନ କରିପାରିବେ। ବିଭାଗ ପକ୍ଷରୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବାବଦ ଅର୍ଥ ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ତେବେ ୨୦୨୪ ଓ ୨୦୨୫ ଶିକ୍ଷାବର୍ଷ ପାଇଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଛାତ୍ରଛାତ୍ରୀ www. scholarship.odisha.gov.in ମାଧ୍ୟମରେ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି।

# ଖରିଫ ଲକ୍ଷ୍ୟ ହାସଲ ୯୩% ଛୁଇଁଲା

ଭୁବନେଶ୍ୱର,୨୨।୧୦ (ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ ଲକ୍ଷ୍ୟ ହାସଲ ୯୩% ଛୁଇଁଛି। ୫୪.୩୯ଲକ୍ଷ ହେକ୍ଟରରେ ଧାନ ଓ ଅନ୍ୟାନ୍ୟ ଫସଲ ହୋଇଛି ବୋଲି କୃଷି ବିଭାଗ ସମୀକ୍ଷା ବୈଠକରୁ ଜଣାଯାଇଛି। ବୈଠକର ସୂଚନା ଅନୁଯାୟୀ, ରାଜ୍ୟ ସରକାର ଚଳିତବର୍ଷ ଖରିଫ ୫୮.୫୦ ଲକ୍ଷ ହେକ୍ଟର ଜମିରେ ବିବିଧ ଫସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିମଧ୍ୟରୁ ୫୪.୩୯ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ହୋଇଛି। ଏଥିମଧ୍ୟରୁ ଧାନ ଫସଲ ୩୫ଲକ୍ଷ ୫୮ହଜାର ୧୭୦ହେକ୍ଟର ଜମିରେ ହୋଇଥିବାବେଳେ ୪ଲକ୍ଷ ୯୫ହଜାର ୭୭୦ହେକ୍ଟରରେ ଡାଲି ଜାତୀୟ ଚାଷ ହୋଇଛି। ସେହିପରି ୨ଲକ୍ଷ ୫୧ହଜାର ୫୦୦ହେକ୍ଟରରେ ମକାଚାଷ ହୋଇଥିବା ବେଳେ ୨ଲକ୍ଷ ୫୦ହଜାର ୫୬୦ହେକ୍ଟରରେ ମାଣ୍ଡିଆ, ୨ଲକ୍ଷ ୩୭ହଜାର ୩୮୦ହେକ୍ଟରରେ କପା, ୧ଲକ୍ଷ ୫୯ହଜାର ୧୫୦ହେକ୍ଟରରେ ତୈଳବୀଜ ଫସଲ ହୋଇଛି। ଏହାବ୍ୟତୀତ ୩ଲକ୍ଷ ୭୨ହଜାର ୬୦ହେକ୍ଟରରେ ପନିପରିବା ଚାଷ ହୋଇଛି ବୋଲି ବୈଠକରୁ ଜଣାଯାଇଛି।

ସେହିପରି ଚଳିତବର୍ଷ ୩ଲକ୍ଷ ୩୮ହଜାର ୪୦୫ କୁଇଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ୪ଲକ୍ଷ ୬୫୨ କୁଇଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ଗତବର୍ଷ ଖରିଫରେ ୩ଲକ୍ଷ ୯୨ହଜାର ୧୦୬ କୁଇଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୮୫୪୬ କୁଇଣ୍ଟାଲ ଧାନ ବିହନ ଚାଷୀଙ୍କୁ ଅଧିକ ଦିଆଯାଇଛି। ରବିରୁତୁରେ ଚାଷୀଙ୍କୁ ୧ଲକ୍ଷ ୪୦ହଜାର ୨୫୦ କୁଇଣ୍ଟାଲ ଧାନ ବିହନ ଦେବାକୁ ସରକାର ଲକ୍ଷ୍ୟ ରଖିଥିବା ସମୀକ୍ଷା ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ଲାଗି ସେପ୍ଟେମ୍ବର ସୁଦ୍ଧା ୨୨ଲକ୍ଷ ୭୨ହଜାର ୪୦୮ଜଣ ଚାଷୀଙ୍କୁ ୨୨ହଜାର ୯୯୦କୋଟି ୪୧ଲକ୍ଷ ଟଙ୍କାର ଋଣସହାୟତା ପ୍ରଦାନ କରାଯାଇଛି। ସେହିପରି ୨୨ଲକ୍ଷ ୬୮ହଜାର ୨୮୮ଜଣ ଚାଷୀ ୧୪ଲକ୍ଷ ୭୨ହଜାର ୩୫ ହେକ୍ଟର ଚାଷଜମିକୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପାଇଁ ପଞ୍ଜୀକରଣ କରିଛନ୍ତି।

# ମୁଖ୍ୟ ଅଭିଯୁକ୍ତ, ପୂର୍ବତନ ଅଧ୍ୟକ୍ଷଙ୍କ ଜାମିନ ଖାରଜ

## ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ମାମଲା

## ଅନ୍ୟ ୨ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

କଟକ,୨୨।୧୦(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ଗିରଫ ୪ଜଣଙ୍କ ଜାମିନ ଆବେଦନ ଏକତ୍ର ଶୁଣାଣି କରି ବୁଧବାର ହାଇକୋର୍ଟ ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଛାତ୍ରନେତା ଶୁଭ୍ର ସମ୍ପିତ ନାୟକ ଓ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ଅଦାଲତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ସହକାରୀ ପ୍ରଫେସର ସମୀର କୁମାର ସାହୁ ଓ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଉଭୟଙ୍କ ବିରୋଧରେ ଗୁରୁତର ଅଭିଯୋଗ ରହିଛି। ତଦନ୍ତ ଚାଲିଥିବାରୁ ବର୍ତ୍ତମାନ ଜାମିନ ଦିଆଯାଇପାରିବ ନାହିଁ ବୋଲି ଅଦାଲତ ଶୁଣାଣି ବେଳେ ସ୍ପଷ୍ଟ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଚାର୍ଜସିଟ ଦାଖଲ ହେବା ପରେ ସେମାନେ ପୁଣି ଜାମିନ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି।

ସୂଚନା ଯେ, ଏଫ୍‌ଏମ୍ କଲେଜର ଇଣ୍ଟିଗ୍ରେଟେଡ ବିଏଡ ଛାତ୍ରୀ ସୌମ୍ୟଶ୍ରୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ସୌମ୍ୟଶ୍ରୀ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ସେ କଲେଜ ପରିସରରେ ସର୍ବସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନ ପକ୍ଷରୁ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦେବା ପାଇଁ ସ୍ୱର ଉତ୍ତୋଳନ କରାଯାଇଥିଲା। ଗତ ଜୁଲାଇ ୧୨ରେ ପ୍ରଫେସର ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ଥାନା ପୋଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। କ୍ରାଇମବ୍ରାଞ୍ଚ ସାହୁଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଘୋଷ, ଛାତ୍ରନେତା ଶୁଭ୍ର ସମ୍ପିତ ଓ ଜ୍ୟୋତିପ୍ରକାଶଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଗତ ଅଗଷ୍ଟ ୧୮ ଓ ୧୯ରେ ୪ ଅଭିଯୁକ୍ତଙ୍କ ପୃଥକ ନିୟମିତ ଜାମିନ ଆବେଦନକୁ ବାଲେଶ୍ୱର ଦୌରାଜଜ୍ ଅଦାଲତ ଖାରଜ କରିଦେଇଥିଲେ। ଏହାପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଏସ୍‌ଆଇଆର୍ ନେଇ ୨ ଦିନିଆ ସିଇଓ ସମ୍ମିଳନୀ ଆରମ୍ଭ

ଭୁବନେଶ୍ୱର, ୨୨।୧୦(ସୁମିତ୍ ମିଶ୍ର)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ର ୨ ଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସମ୍ମିଳନୀ ବୁଧବାର ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍) ରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ମଧ୍ୟ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ନିର୍ବାଚନ ଆୟୋଗ ଦେଶବ୍ୟାପୀ ବିଶେଷ ସଘନ ସଂଶୋଧନ(ଏସ୍‌ଆଇଆର) ଅଭ୍ୟାସ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ପ୍ରସ୍ତୁତି ମୂଲ୍ୟାଙ୍କନ କରିଥିଲେ। ଗତ ସେପ୍ଟେମ୍ବର ୧୦ରେ ଅନୁଷ୍ଠିତ ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରସ୍ତୁତି ସମ୍ମିଳନୀ ଅନୁରୂପ ଆୟୋଜନ ହୋଇଛି। ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୂର୍ବବର୍ତ୍ତୀ ଏସ୍‌ଆଇଆର ଅନୁଯାୟୀ ଭୋଟରଙ୍କ ସଂଖ୍ୟା, ଶେଷ ଏସ୍‌ଆଇଆରର ଯୋଗ୍ୟତା ତାରିଖ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ତାଲିକା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଛି। ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଶେଷ ଏସ୍‌ଆଇଆର ଅନୁଯାୟୀ ବର୍ତ୍ତମାନ ଭୋଟରମାନଙ୍କୁ ପୂର୍ବ ଭୋଟରଙ୍କ ଅନୁଯାୟୀ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଛନ୍ତି। ଆୟୋଗ ଜିଲା ନିର୍ବାଚନ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବୁଥ-ସ୍ତରୀୟ ଅଧିକାରୀ ଏବଂ ବୁଥ-ସ୍ତରୀୟ ପ୍ରତିନିଧିମାନଙ୍କର ନିଯୁକ୍ତି ଏବଂ ତାଲିମର ସ୍ଥିତି ମଧ୍ୟ ସମୀକ୍ଷା କରିଛନ୍ତି।



ନୃତ୍ୟାଞ୍ଜଳି ପକ୍ଷରୁ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୨୦ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ଦେବଦାସୀ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ - ବିକାଶ ନାୟକ)

# ଜିଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବୁ: ବିଜେଡି

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ବିନାଶର କଥା ନୁହେଁ, ବିକାଶ ପଥେ ଆଗେଇ ଚାଲିବା ଦଳ ହେଉଛି ବିଜେଡି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ାର ବିକାଶ ପାଇଁ ପଶ୍ଚିମ ଓଡ଼ିଶାର ଲଢ଼ୁଆ ନାରୀନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମନୋନୀତ କରି ପଠାଇଛନ୍ତି। ଛୁରିଆ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ସେ ବିଜୟୀ ହୋଇ ଆସିଲେ ଜିଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବୁ ବୋଲି ସ୍ଥାନୀୟ ଖୁଣ୍ଟିଆ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଏହି ଅବସରରେ ସେ ଆହୁରି କହିଛନ୍ତି, ଆମ ଦଳର ପ୍ରାର୍ଥୀଙ୍କୁ ଭାଜପା ହାଇଜାକ କରି ନେଇଗଲା। ଏହା ପରେ ପ୍ରାର୍ଥୀ ଚୟନରେ ବିଳମ୍ବ ନେଇ ଅନେକ ଦଳ ବିଜେଡି ଆତ୍ମସମର୍ପଣ କରି ଦେଲାଣି, ନିର୍ବାଚନୀ ମଇଦାନକୁ ଓହ୍ଲାଇବ ନାହିଁ ବୋଲି କହୁଥିଲେ। ରବିବାର ପ୍ରାର୍ଥୀ ଛୁରିଆ ନୂଆପଡ଼ାରେ ପହଞ୍ଚି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକତା ଛକଠାରୁ ଶୋଭାଯାତ୍ରାରେ ବାହାରି ଖଡ଼ିଆଳ ରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଶକ୍ତି ପ୍ରଦର୍ଶନ ଦେଖି ଅନ୍ୟ ଦଳ ମଧ୍ୟରେ ଛନକା ପଶିଯାଇଥିଲା ବୋଲି ମିଶ୍ର କହିଥିଲେ। ପ୍ରାର୍ଥୀ ଛୁରିଆ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୂଆପଡ଼ାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦେଇଛନ୍ତି। ୨୪ ବର୍ଷ ଶାସନ କାଳରେ ଜିଲାର ଅନେକ ବିକାଶ ହୋଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଧାୟକ ଥିବା ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, କୃଷି, ଜଳସେଚନ, ଗମନାଗମନ ଉପରେ ବିଶେଷ ଧ୍ୟାନ ଦେଉଥିଲେ। ନୂଆପଡ଼ା ବାସୀ ବିଜୟ ମାଳା ପିନ୍ଧାଇଲେ ତାଙ୍କର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବି। ଗୁରୁବାର ବଣ୍ଟାରୀ ଦେବୀଙ୍କ ଆଶୀର୍ବାଦ ନେଇ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ। ନବୀନ ସରକାରଙ୍କ ୨୪ ବର୍ଷର ବିକାଶମୂଳକ କାର୍ଯ୍ୟକୁ ନେଇ ଭୋଟ ଭିକ୍ଷା କରିବେ ଓ ନୂଆପଡ଼ା ଉପନିର୍ବାଚନରେ ବହୁମତରେ ଦଳ ବିଜୟ ହେବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଉପସଭାପତି ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ଛମାଳିଆ, ବିଜୟ ନାଏକ, ମିଡ଼ିଆ ପ୍ରଭାରୀ ପ୍ରିୟବ୍ରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଶ୍ୱଶୁର, ବୋହୂଙ୍କୁ ମାଡ଼ ଅଭିଯୋଗ**

ବଢ଼ଣା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଖରବଭୁଇଁ ଗ୍ରାମର ପ୍ରମୋଦ ନାୟକ ଓ ତାଙ୍କ ବୋହୂ ରଞ୍ଜିତା ନାୟକଙ୍କୁ ସେହି ଗ୍ରାମର ସରୋଜ ସ୍ୱାଇଁ ଏବଂ ୫ ଜଣ ସହଯୋଗୀ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ପ୍ରମୋଦ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୧୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପ୍ରମୋଦ ଗ୍ରାମରେ ଥିବା ଏକ ପୋଖରୀକୁ ଶୌଚ ହେବାକୁ ଯାଉଥିବାବେଳେ ସରୋଜ ସହଯୋଗୀଙ୍କୁ ନେଇ ମାଡ଼ ମାରିଥିଲେ।

# ସଞ୍ଜ ନଇଁଲେ ମୋବାଇଲ ନେଟୱର୍କ ଗାଏବ

■ଜରୁରୀ ସ୍ଥିତିରେ ଯୋଗାଯୋଗ ସମ୍ଭବ ହେଉନି
■ଦୁର୍ଦ୍ଦଶା ଭୋଗୁଛନ୍ତି ଛୋଟକେଇବାସୀ
■ଭଲ ସଡ଼କ ନିର୍ମାଣରେ ବନବିଭାଗ ଜଗ୍ଦା




ଅନୁଗୋଳ,୨୨।୧୦(ବିଦ୍ୟାଧରକୁ ନାଥ)

ଜଙ୍ଗଲ ମଧ୍ୟରେ ଗାଁ ଥିବାରୁ ଯୋଗାଯୋଗ ବ୍ୟବସ୍ଥା ଅତି ଦୁର୍ବଳ। ମାଟିକାଦୁଅ ସଡ଼କରେ ଥିବାବେଳେ ଠିକ୍ ଭାବେ ଆସୁନି ମୋବାଇଲ ନେଟୱର୍କ। ଏପରି କି ସନ୍ଧ୍ୟା ହେଲା ମାତ୍ରେ ମୋବାଇଲ ନେଟୱର୍କ ସମ୍ପୂର୍ଣ୍ଣ ଗାଏବ ହୋଇଯାଉଛି। ତେଣୁ ଜରୁରୀ ସ୍ଥିତିରେ ରାତିରେ ଆମ୍ବୁଲାନ୍ସ କି ଅଗ୍ନିଶମ ବିଭାଗକୁ ଖବର ଦେଇପାରୁ ନାହାନ୍ତି ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ଛୋଟକେଇ ଗ୍ରାମବାସୀ।

ଅନୁଗୋଳ ବ୍ଲକ ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଓ ପୁରୁଣାକୋଟ ପଞ୍ଚାୟତ ଅଧୀନରେ ରହିଛି ଛୋଟକେଇ ଗାଁ। ସାତକୋଶିଆ ଯିବା ରାସ୍ତାରେ ପୁରୁଣାକୋଟ ଛକରୁ ବାମପାର୍ଶ୍ୱରେ ପ୍ରାୟ ୫ କିଲୋମିଟର ଗଲେ ପଡ଼ିବ ଏହି ଗ୍ରାମ। ୪ଟି ସାହିରେ ପ୍ରାୟ ଏକ ହଜାରରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି। ଚାରିପଟେ ଘଞ୍ଚ ଜଙ୍ଗଲ ଥିବାବେଳେ ରାସ୍ତା ଠାରୁ ମୋବାଇଲ ନେଟୱର୍କ ସବୁଥିରେ ଅବହେଳିତ ଅବସ୍ଥାରେ ରହିଛି ଛୋଟକେଇ। ବିଶେଷକରି ମୋବାଇଲ ନେଟୱର୍କ ଆସୁ ନ ଥିବାରୁ ଯୋଗାଯୋଗ କ୍ଷେତ୍ରରେ ଏହା ବଡ଼ ବାଧକ ସାଜିଛି। ସାତକୋଶିଆ ଅଭୟାରଣ୍ୟର କାଁ ଭାଁ କେତେକ ସ୍ଥାନରେ ବିଏସ୍ଏନ୍ଏଲ୍ ନେଟୱର୍କ ଆସୁଛି। ହେଲେ ଛୋଟକେଇ ଗ୍ରାମକୁ କୌଣସି ପ୍ରକାର ନେଟୱର୍କ ସଂଯୋଗ ନ ଥିଲା। ଯୁବ ସାମାଜିକ କର୍ମୀ ଅନିଲ କର୍ଣ୍ଣ ଏ ନେଇ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିବା ପରେ ଗାଁରେ ବିଏସ୍ଏନ୍ଏଲ୍ର ଏକ ଟାୱାର ନିର୍ମାଣ ହୋଇଥିଲା। କିଛିଦିନ ଧରି ଏହା ଲୋକଙ୍କୁ ସେବା ଯୋଗାଉଥିବା ବେଳେ ବର୍ତ୍ତମାନ ଏହି ଟାୱାର ଠିକ୍ ଭାବେ କାମ କରୁନାହିଁ। ଦିନ ତମାମ ଛୋଟ ମୋବାଇଲ ଫୋନ୍ଗୁଡ଼ିକରେ ନେଟୱର୍କ ରହୁନାହିଁ। କେବଳ ହ୍ୱାଟ୍ସଆପ ମାଧ୍ୟମରେ କଲ୍ ସମ୍ଭବ ହେଉଛି। ଫଳରେ ଗରିବ ଶ୍ରେଣୀର ଲୋକେ କୌଣସି ଜରୁରୀକାଳୀନ ସ୍ଥିତିରେ ଯୋଗାଯୋଗ କରି ପାରୁନାହାନ୍ତି। ସଞ୍ଜ ନଇଁବା କ୍ଷଣି ନେଟୱର୍କ ସମ୍ପୂର୍ଣ୍ଣ ଗାଏବ ହୋଇଯାଉଛି। ରାତିରେ ଆମ୍ବୁଲାନ୍ସକୁ ମଧ୍ୟ ଯୋଗାଯୋଗ କରିହେଉ ନାହିଁ। ଏ ନେଇ ସାମାଜିକ କର୍ମୀ ଗୁଡ଼ରେ ମାଧ୍ୟମରେ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ସେହିପରି ଏହି ଗ୍ରାମକୁ ଥିବା ମାଟି ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ବନବିଭାଗର କଟକଣା ହେତୁ ସବୁଦିନିଆ ଭଲ ରାସ୍ତା ନିର୍ମାଣ ହୋଇପାରୁନାହିଁ। ପୁରୁଣାକୋଟ ଠାରୁ ୫ କିଲୋମିଟର ମାଟିରାସ୍ତା ବର୍ଷକୁ ଥରେ ଲେଖାଏ ବନବିଭାଗ ମରାମତି କରୁଛି। ହେଲେ ସାମାନ୍ୟ ବର୍ଷାରେ ଏହି ରାସ୍ତା ଅତି କର୍ଦ୍ଦମ ହୋଇଯାଉଥିବା ଅନିଲ କର୍ଣ୍ଣ, ବାବୁଲି କର୍ଣ୍ଣ, ଅଭିମନ୍ୟୁ ଅଦାବର, ପୁଷ୍ପିତ ଅଦାବର, ଗଗନ ବେହେରା ଅଭିଯୋଗ ଆଣିଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମବାସୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ସାଇବର ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ବଢ଼ଳା,୨୨।୧୦(ସୁଶିତ ସାହୁ)

ବଢ଼ୁଥିବା ସାଇବର କ୍ରାଇମକୁ ନଜରରେ ରଖି ବୁଧବାର ବଢ଼ଳା ପୋଲିସ ପକ୍ଷରୁ ବଢ଼ଳା ସାପ୍ତାହିକ ହାଟ, ବଢ଼ଳା ଛକ, ପୋକଟୁଙ୍ଗା ଉଚ୍ଚ ବିଦ୍ୟାଳୟ ଓ ବଡ଼କେରାରେ ଥିବା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନଟବର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇବର ଠକାମିର ଶିକାର ହୋଇଥିବା ଲୋକେ କିଭଳି ଉପଭୋକ୍ତା ଅଭିଯୋଗ କରିପାରିବେ ସେ ବିଷୟରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରାଯାଇଥିଲା। ସ୍କୁଲ ଓ କଲେଜ ପିଲାଙ୍କୁ ସଚେତନ କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ କୁହାଯାଇଥିଲା। ଏହାସହ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ସେହିପରି ବଡ଼କେରା କଲେଜ ପରିସରରେ ସାଇବର ସଚେତନତା ନେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ନାଟକ ଓ କୁଇଜ୍ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ବଢ଼ଳା ଆଇଆଇସି ପୁରସ୍କୃତ କରିଥିଲେ।

## ୩୮୯ ପ୍ରକଳ୍ପରୁ ୬୩ ଶେଷ

ପବିତ୍ରନଗର,୨୨।୧୦(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ବୁଧବାର ଏମ୍ଜିଏନ୍ଆର୍ଇଜିଏ ଓ ଖାଦ୍ୟ ସୁରକ୍ଷା ଆଇନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମ୍ଭାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍ଜିଏନ୍ଆର୍ଇଜିଏରେ ୧୧କୋଟି ୨୫ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୫୯୩୭ ପରିବାରକୁ କାମ ଯୋଗାଇ ଦିଆଯାଇଛି। ୨,୮୫,୯୪୫ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୩୩୫ ପରିବାରକୁ ୧୦୦ ଦିନର କାମ ଦିଆଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ୩୮୯ଟି ପ୍ରକଳ୍ପ ଆରମ୍ଭ କରାଯାଇଥିବାବେଳେ ସେଥିରୁ ୬୩ଟି ଶେଷ ହୋଇଛି।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୨୨।୧୦(ବିଦ୍ୟାଧରକୁ ନାଥ)

ଅନୁଗୋଳ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ଶିଶୁମାନଙ୍କ ପ୍ରତିଭାର ବିକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ଏବିଇଓ ପ୍ରଦ୍ୟୁମ୍ନ ମିଶ୍ର, ସଂସାର ଭୋଇ ଏବଂ କଲେଜପଡ଼ା ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପେଣ୍ଟିଂ, ପ୍ରବନ୍ଧ, ବିତର୍କ, ନୃତ୍ୟ, ସଙ୍ଗୀତ, କୁଇଜ ଆଦି ପ୍ରତିଯୋଗିତା କରାଯାଇ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜପଥ ମରାମତି, ଟୋଲଗେଟ୍ ଉଚ୍ଛେଦ ଦାବିରେ ଧାରଣା

ଖମାର,୨୨।୧୦(ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଦେଇ ଯାଇଥିବା ୧୪୯ ଜାତୀୟ ରାଜପଥର ମରାମତି ଓ ଟୋଲଗେଟ ଉଚ୍ଛେଦ ଦାବିରେ ପୂର୍ବତନ ବିଧାୟକ ମୁକେଶ କୁମାର ପାଲଙ୍କ ଅଧ୍ୟକ୍ଷତାରେ ବ୍ଲକ ବିଜେଡି କର୍ମୀଙ୍କ ପକ୍ଷରୁ ଟୋଲଗେଟ୍ ନିକଟରେ ବୁଧବାର ଗଣଧାରଣା ଦିଆଯାଇଛି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି, ଦୀର୍ଘ ଦିନ ହେବ ରାଜପଥ ଅବସ୍ଥା ଖରାପ ଥିବାବେଳେ ମରାମତି ନାମରେ ଆସୁଥିବା ଅର୍ଥକୁ ଆତ୍ମସାତ କରାଯାଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ଙ୍କ କାର୍ଯ୍ୟାଳୟ ଢେଙ୍କାନାଳରେ ଥିବାରୁ ବିଭିନ୍ନ ସମୟରେ କୌଣସି ଅଭିଯୋଗ ପାଇଁ ସେଠାକୁ ଯିବାକୁ ପଡୁଛି। ତେଣୁ ପାଲଲହଡ଼ାରେ ଏନ୍ଏଚ୍ଏଆଇର ଏକ ଅଫିସ ସ୍ଥାପନ କରାଯାଉ। ଖମାରଠାରେ ଥିବା ଟୋଲଗେଟ୍କୁ ଉଚ୍ଛେଦ କରାଯାଉ। ଏହି ଦାବି ନେଇ ବିଜେଡି ପକ୍ଷରୁ ଟୋଲଗେଟ୍ ସମ୍ମୁଖରେ ଧାରଣା ଦିଆଯିବା ସହ ଟୋଲ ପ୍ଲାଜାରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କୁ ସେଠାରୁ ବାହାର କରି ଦିଆଯାଇଥିଲା। ମରାମତି ପାଇଁ ଆସିଥିବା ୧୦ କୋଟି ଟଙ୍କାକୁ ସମ୍ପୂର୍ଣ୍ଣ ଆତ୍ମସାତ କରାଯାଇଥିବା ପୂର୍ବତନ ବିଧାୟକ ପାଲ ଅଭିଯୋଗ କରିଥିବାବେଳେ ଏହାକୁ ଖଣ୍ଡନ କରିଛନ୍ତି ବିଧାୟକ ଅଶୋକ ମହାନ୍ତି।



ବିଜେଡି ପକ୍ଷରୁ ଟୋଲ୍ଗେଟ୍ଠାରେ ଧାରଣା ଦିଆଯାଇଛି।

ବିଧାୟକ କହିଛନ୍ତି, ବିଜେଡି ନେତା କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଟୋଲ୍ ନିର୍ମାଣ ବେଳେ ବିଧାୟକ ଥିବା ପାଲ କାହିଁକି ଚୁପ୍ ବସିଥିଲେ। ୧୦ କୋଟି ଖର୍ଚ୍ଚ ହିସାବ କେଉଁଠୁ ଆଣିଲେ, ତଥ୍ୟ ଦିଅନ୍ତୁ। ମିଥ୍ୟା ଓ ଭ୍ରାନ୍ତି କର କଥାକୁ ପାଲଲହଡ଼ାବାସୀ ବିଶ୍ୱାସ କରିବେ ନାହିଁ। ଘଟଣାସ୍ଥଳରେ ତହସିଲଦାର, ଏସ୍ଡିପିଓ ଥାନା ଅଧିକାରୀ ପହଞ୍ଚି ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଗରମ, ମଶା ଯୋଗୁ ରୋଗୀ ଉଦ୍‌ବେଳିକ

ଖମାର,୨୨।୧୦(ରଜନୀକାନ୍ତ ମହାରଣା)



ଅନ୍ଧାରରେ ଥିବା ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଦୀର୍ଘ ସମୟ ଧରି ବିଦ୍ୟୁତ୍ କଟିଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ରୋଗୀ। ଗରମ ସାଙ୍ଗକୁ ମଶା ଯୋଗୁ ସେମାନଙ୍କୁ ଉଦ୍‌ବେଳିକ ହେବାକୁ ପଡ଼ିଛି। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସନ୍ଧ୍ୟାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନା ମୁତାବକ, କୌଣସି କାରଣରୁ ସନ୍ଧ୍ୟାରେ ବହୁ ସମୟ ଧରି ଖମାର ବଜାରରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲା। ଏହି ସମୟରେ ମେଡିକାଲ ପରିସରରେ ମଧ୍ୟ ଲାଇନ କଟି ଯାଇଥିଲା। ଫଳରେ ମେଡିକାଲରେ ଥିବା ସମସ୍ତ ରୋଗୀ ଓ ସମ୍ପର୍କୀୟ ଗରମ ସହ ମଶା ପାଇଁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସେତେବେଳେ ନବଜାତ ଶିଶୁ ଓ ଗର୍ଭବତୀ ମଧ୍ୟ ଛଟପଟ ହୋଇଥିଲେ। ମେଡିକାଲରେ ଡିଜି, ଇନଭର୍ଟର ବ୍ୟବସ୍ଥା ରହିଥିଲେ ହେଁ ତାହା ରୋଗୀଙ୍କ ପାଇଁ ଉପଲବ୍ଧ ନ ଥିବା କୁହାଯାଉଛି। ପ୍ରଶାସନ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟ ପାଇଁ ବାରମ୍ବାର ରୋଗୀମାନେ ଏପରି ବିଦ୍ୟୁତ୍ ବିଭ୍ରାଟଜନିତ ଅସୁବିଧା ଭୋଗୁଥିବା ସାଧାରଣରେ ଅଭିଯୋଗ ହେଉଛି। ଯୋଗାଯୋଗ ସମ୍ଭବ ନ ହେବାରୁ ଏ ନେଇ ଖମାର ମେଡିକାଲ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

# ଚିକିତ୍ସା ଅବହେଳାରୁ ୨ ନବଜାତ ଶିଶୁଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ,୨୨।୧୦(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସଦର ଥାନା ଅଞ୍ଚଳର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ଅବହେଳାରୁ ୨ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ କିଶୋରନଗର ଥାନା ମୟୂରଝାଲିଆ ଗ୍ରାମର ଜିତେନ ନାୟକ ଏଥିରେ ଉଲ୍ଲେଖ କରିଛନ୍ତି, କରଡ଼ାଗାଡ଼ିଆସ୍ଥିତ ଉକ୍ତ ଘରୋଇ ନର୍ସିଂହୋମରେ ସେ ଡାକ୍ତର ଗର୍ଭବତୀ ସ୍ତ୍ରୀଙ୍କ ନିୟମିତ ଚେକ୍ଅପ୍ କରୁଥିଲେ। ଗତ ୧୯ ତାରିଖରେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ସ୍ତ୍ରୀଙ୍କୁ ନର୍ସିଂହୋମରେ ଭର୍ତ୍ତି କରିଥିଲେ। ଭର୍ତ୍ତି ବେଳେ ଡାକ୍ତର ଦେଖି ସବୁ ଠିକ୍ ଥିବା କହିବା ସହ ୨ଦିନ ରହିବାକୁ ପରାମର୍ଶ ଦେଇଥିଲେ। ହେଲେ ୨ ଦିନ ପରେ ସ୍ତ୍ରୀଙ୍କ ପେଟରେ ଅଧିକ ଯନ୍ତ୍ରଣା ହେବାରୁ ଜିତେନ ନର୍ସଙ୍କୁ ଡାକି ଦେଖାଇବା ସହ ଡାକ୍ତରଙ୍କୁ ଯୋଗାଯୋଗ କରିଥିଲେ ହେଁ ଡାକ୍ତର ଆସି ନ ଥିଲେ। ପରେ ନର୍ସ ଏକ ଇଞ୍ଜେକ୍ସନ ଦେଇଥିଲେ। ରାତି ୧ଟାରେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ନର୍ସ ଡାକ୍ତରଙ୍କୁ ନେଇ ଆଉ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ସ୍ତ୍ରୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ନର୍ସଙ୍କୁ ପଚାରିବାରୁ ସକାଳେ ଡାକ୍ତର ଆସିଲେ ଅପରେସନ ହେବ ବୋଲି କହିଥିଲେ। ଏପରି କି ସକାଳ ୧୦ଟାରେ ଅପରେସନ ଭଲରେ ସରିଲା ବୋଲି ନର୍ସ କହିଥିଲେ। ପୁଣିଥରେ ୧୧ଟା ୨୦ରେ ଜିତେନ ଡାକ୍ତରଙ୍କୁ ପଚାରିବାରୁ ୨ ନବଜାତକଙ୍କ ମୃତ୍ୟୁ ହୋଇଛି ବୋଲି ଡାକ୍ତର କହିଥିଲେ। ଚିକିତ୍ସା ଅବହେଳାରୁ ୨ ନବଜାତଙ୍କ ମୃତ୍ୟୁ ହୋଇଛି ବୋଲି ଜିତେନ ଅଭିଯୋଗ କରିବା ସହ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ୫୦ ଷ୍ଟ୍ରିଟ୍ ଲାଇଟ ଅଚଳ, ନିମ୍ନମାନର ଅଭିଯୋଗ

**ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ଗ୍ରାମବାସୀ**

ବଢ଼ଣା,୨୨।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଢ଼ଣା ଛକଠାରେ ୫୫ନଂ ଜାତୀୟ ରାଜପଥ ଉପରେ ଓଭରବ୍ରିଜରେ ୧୧୦ଟି ଷ୍ଟ୍ରିଟ ଲାଇଟ୍ ରାଜପଥ କାର୍ଯ୍ୟ କରୁଥିବା ଠିକାସଂସ୍ଥା ପକ୍ଷରୁ ଲଗାଯାଇଛି। ଗତ ଅଗଷ୍ଟ ମାସରେ ଲାଇଟ୍ଗୁଡ଼ିକ ଲଗାଯାଇଥିବା ବେଳେ ସେଥିରୁ ୫୦ଟି ଅଚଳ ହୋଇପଡ଼ିଛି। ଅତି ନିମ୍ନମାନର ଲାଇଟ୍ ହୋଇଥିବାରୁ ଅଚଳ ହୋଇପଡୁଥିବା ବଢ଼ଣା ଗ୍ରାମବାସୀ ବୁଧବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଲାଇଟ୍ଗୁଡ଼ିକ ଲଗାଯିବା ଦିନ ଠୁଁ ୩ଟି ଅଚଳ ହୋଇପଡ଼ିଥିଲା। ଏହାପରେ ୫୦ଟି ଲାଇଟ ଅଚଳ ହୋଇପଡ଼ିଲାଣି। ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତି ୧୧ଟା ଯାଏ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ଫଳରେ ଫ୍ଲାଏ ଓଭର ବ୍ରିଜ୍ ବିଲ୍ଡିଂ ରାତିରେ ଅନ୍ଧାରରେ ରହୁଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଲୁଟପାଟ କରୁଛନ୍ତି। ନିମ୍ନମାନର ଲାଇଟ ଲଗାଯାଇଥିବାରୁ କିଛି ଲାଇଟରୁ ନିଆଁ ବାହାରି ଅଚଳ ହୋଇ ପଡୁଥିବା ଅଭିଯୋଗ ହୋଇଛି। ଏ ନେଇ ବଢ଼ଣା ଗ୍ରାମବାସୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ ସମ୍ପୂର୍ଣ୍ଣ ଦାୟିତ୍ୱ ରାଜପଥ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ବୋଲି ବିଦ୍ୟୁତ୍ ବିଭାଗ ସଫେଇ ଦେଉଛି। ତୁରନ୍ତ ଅଚଳ ଲାଇଟଗୁଡ଼ିକୁ ଖୋଲି ନୂତନ ଲାଇଟ ଲଗାଇବା ସହ ରାତିରେ ୧୨ ଘଣ୍ଟା ଆଲୋକିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ଏସ୍ଡିଓ ଅକ୍ଷୟ କୁମାର ସାହୁ କହିଛନ୍ତି, ଫ୍ଲାଏ ଓଭର ବ୍ରିଜରେ ଲାଗିଥିବା ଷ୍ଟ୍ରିଟ ଲାଇଟର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜପଥ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର। ସମସ୍ତ ଅସୁବିଧା ଉକ୍ତ ଠିକା ସଂସ୍ଥା ସମାଧାନ କରିବ। ଏ ନେଇ ଠିକା ସଂସ୍ଥା ପରିଚାଳକ ତ୍ରିଲୋଚନ ବେହେରା କହିଛନ୍ତି, ପଦକ୍ଷେପ ନିଆଯିବ।



# ଜାମୁନାଳିରେ ଶହୀଦ ଦିବସ ପାଳିତ



ବଢ଼ଣା,୨୨।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଜାମୁନାଳି ହାଇସ୍କୁଲ ପରିସରରେ ହଣ୍ଡପା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ନାଗାଞ୍ଚଳ ଗ୍ରାମର ଶହୀଦ୍ ଏସ୍ଆଇ ଯବାନ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ଫଟୋ ବିଦ୍ୟାଳୟ ପରିସରରେ ରଖାଯାଇ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିନୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଏସ୍ଡିପିଓ ସୁଶାନ୍ତ କୁମାର ଡାଉଡିଆ ଯୋଗଦେଇ ଶହୀଦ ଚନ୍ଦ୍ରକାନ୍ତଙ୍କ ପାଇଁ କିଶୋରନଗର ବ୍ଲକ ଗର୍ବିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ହଣ୍ଡପା ଆଇଆଇସି ନମିତା ନାୟକ, ବଢ଼ଣା ଫାଣ୍ଡି ଅଧିକାରୀ ତପନ କୁମାର ରାଓ, ଶିକ୍ଷକ ଶ୍ୟାମସୁନ୍ଦର ମାଝୀ, ଦଳଧର ପ୍ରଧାନ, ପ୍ରମୋଦ ସାମଲ, ଅଶୋକ ସାହୁ, ସନ୍ତୋଷ ପ୍ରଧାନ, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ପୋଲିସ ଅଧିକାରୀମାନେ ଶହୀଦ ଚନ୍ଦ୍ରକାନ୍ତଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପର ପିଣ୍ଡାରେ ଆଶ୍ରୟ ନେଇଛନ୍ତି ୨ ବିଧବା



**ପକ୍କାଘର ଯୋଗାଇ ଦେବାକୁ ଦାବି**

ସନ୍ଥିଛକ,୨୨।୧୦(ସନ୍ତୋଷ ପରିଡ଼ା)

ନିଜର ସମ୍ପତ୍ତି ବୋଲି କିଛି ନାହିଁ। ସ୍ୱାମୀଙ୍କ ପରଲୋକ ପରେ ସରକାରୀ ଜାଗାରେ ଥିବା ମାଟି ଘର ଖଣ୍ଡରେ ମୁଣ୍ଡ ଗୁଞ୍ଜିଥିଲେ ୨ ଯାଆ। ହେଲେ ହାତୀ ଉପଦ୍ରବ ଓ ଲଗାଣ ବର୍ଷାରେ ତାହା ଭାଙ୍ଗିଗଲାଣି। ତେଣୁ ଘର ଆଉ ବାସଯୋଗ୍ୟ ହୋଇ ନ ଥିବାରୁ ପର ପିଣ୍ଡାରେ ଆଶ୍ରୟ ନେଇଛନ୍ତି ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତ ବଡ଼ଖଲି ଗ୍ରାମର ଗତି ଭୁଲ୍ଲାଙ୍କ ସ୍ତ୍ରୀ ଲକ୍ଷ୍ମୀ ଭୁଲ୍ଲା ଏବଂ କିଶନ ଭୁଲ୍ଲାଙ୍କ ସ୍ତ୍ରୀ ମାନସୀ ଭୁଲ୍ଲା। ସରକାର ଗରିବ, ଆଶ୍ରୟହୀନଙ୍କୁ ବିଭିନ୍ନ ଯୋଜନାରେ ପକ୍କା ଘର ପ୍ରଦାନ କରୁଥିବା ବେଳେ ଏହି ଅସହାୟ ୨ ବିଧବା ବୃଦ୍ଧା ଏଥିଏ ସେଥିରୁ ବଞ୍ଚିତ ରହିଛନ୍ତି। ଏ ନେଇ ସାମାଜିକ କର୍ମୀ ସୌମ୍ୟରଞ୍ଜନ ବେହେରା ବଅଁରପାଳ ବିଡିଓ ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପକ୍କା ଘର ଯୋଗାଇ ଦେବାକୁ ଦାବି କରିଛନ୍ତି।

ଲକ୍ଷ୍ମୀ ଓ ମାନସୀ କହିଛନ୍ତି, ସ୍ୱାମୀଙ୍କ ମୃତ୍ୟୁ ପରେ ଦୁହେଁ ଅତ୍ୟନ୍ତ ଅସହାୟ ହୋଇପଡ଼ିଛନ୍ତି। ବାର୍ଦ୍ଧକ୍ୟ ସାଙ୍ଗକୁ ବିଭିନ୍ନ ରୋଗରେ ପୀଡ଼ିତ ଥିବାରୁ ଆଉ ଗଲି ମୂଲମଜୁରି କରିପାରୁ ନାହାନ୍ତି। ୨ଟିଯାକ ମଧ୍ୟ ରୋଗିଣା ଥିବାରୁ ଦିନେ ମୂଲ କଲେ ଆଉ ଦିନେ ଘରେ ବସୁଛନ୍ତି। ରୋଜଗାର ଟଙ୍କା ଔଷଧ କିଣାରେ ଯାଉଛି। ହାତୀ ଘର ଭାଙ୍ଗି ଦେଇଥିବା ବେଳେ ଯାହା କ୍ଷତିପୂରଣ ଟଙ୍କା ମିଳିଥିଲା ସେଥିରେ ମରାମତି ହୋଇପାରିଲା ନାହିଁ। ତେଣୁ ପକ୍କା ବାସଗୃହ ଖଣ୍ଡେ ଯୋଗାଇଦେବା ପାଇଁ ଗାଁର ସାମାଜିକ କର୍ମୀ ସୌମ୍ୟଙ୍କୁ ଜଣାଇଥିଲେ। ଏହାପରେ ସୌମ୍ୟ ବିଡିଓ ଓ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ କହିଛନ୍ତି, ଖୁବଶୀଘ୍ର ୨ ବିଧବା ମହିଳାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ବାସଗୃହ ଯୋଗାଇ ଦିଆଯିବ।

# ଚୋରି ମୋବାଇଲ ଫୋନ ଫେରିପାଇଲେ ୧୦୧ ଜଣ



ଜଣେ ଅଭିଯୋଗକାରୀଙ୍କୁ ମୋବାଇଲ ଫେରସ୍ତ କରୁଛନ୍ତି ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି।

**ଅନୁଗୋଳ ପୋଲିସ ପକ୍ଷରୁ ମୋବାଇଲ ହସ୍ତାନ୍ତର ମେଳା**

ଅନୁଗୋଳ,୨୨।୧୦(ଜ୍ୟୋତିରଞ୍ଜନ ସାହୁ)

କାହାର ମୋବାଇଲ ଫୋନ ଚୋରି ହୋଇଯାଇଥିଲା ତ ଆଉ କିଏ ରାସ୍ତାରେ ହଜାଇ ଦେଇଥିଲା। ଏ ନେଇ ଥାନାରେ ଅଭିଯୋଗ କରିଥିଲେ ହେଁ ଫେରିପାଇବା ଆଶା କ୍ଷୀଣ ବୋଲି ଭାବି ନେଇଥିଲେ ଅଭିଯୋଗକାରୀ। ହେଲେ ଏ ଦିଗରେ ପୋଲିସର ପଦକ୍ଷେପ ଅଭିଯୋଗକାରୀଙ୍କୁ ଖୁସି କରିଦେଇଛି। ବୁଧବାର ଅନୁଗୋଳ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ମୋବାଇଲ ହସ୍ତାନ୍ତର ମେଳା ୨.୦ ଆରମ୍ଭ କରାଯାଇ ହଜିଥିବା ଓ ଚୋରି ହୋଇଥିବା ୧୦୧ ମୋବାଇଲ ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ଏହାକୁ ନେଇ ବେଶ୍ ଖୁସି ପ୍ରକାଶ କରିଛନ୍ତି ଅଭିଯୋଗକାରୀ।

ଅନୁଗୋଳ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏସ୍ପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ପୋଲିସ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଆଇଜି କହିଲେ, ମୋବାଇଲରେ ଲୋକେ ସେମାନଙ୍କ ବହୁ ଜରୁରୀ ତଥ୍ୟ ରଖୁଛନ୍ତି। ତେଣୁ ଆଗକୁ କିପରି ଏହା ଚୋରି କିମ୍ବା ନ ହଜେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ମୋବାଇଲ ହଜିଗଲେ କି ଚୋରି ହୋଇଗଲେ ଥାନାକୁ ଅଭିଯୋଗ କରିବାକୁ ନ ଆସି ହ୍ୱାଟ୍ସଆପ ନମ୍ବର (୯୯୩୭୭୫୦୪୮୮) ରେ ଅଭିଯୋଗ କରିବାକୁ କହିଥିଲେ। ପରେ ଉଦ୍ଧାର ହୋଇଥିବା ୧୦୧ଟି ମୋବାଇଲ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା।

**ପୋଲିସର ଏହା ଅଭିନବ କାର୍ଯ୍ୟକ୍ରମ**



ସନ୍ଧ୍ୟାରେ ଘରେ ପୂଜା କରୁଥିବା ବେଳେ କେହି ମୋବାଇଲ ଚୋରାଇ ନେଇଥିଲେ। ଖୋଜାଖୋଜି ପରେ ନ ମିଳିବାରୁ ପୋଲିସରେ ଅଭିଯୋଗ କରିଥିଲି। ପ୍ରାୟ ୧୮ମାସ ପରେ ଚୋରି ମୋବାଇଲ ଫେରସ୍ତ ମିଳିପାରିଛି। ଏଥିପାଇଁ ଅନୁଗୋଳ ପୋଲିସ ଓ ଏସ୍ପିଙ୍କୁ ବହୁତ ଧନ୍ୟବାଦ। ପୋଲିସର ଏହି ଅଭିନବ କାର୍ଯ୍ୟକ୍ରମ ପାଇଁ ମୋବାଇଲ ଫେରସ୍ତ ପାଇପାରିଛି।

-ଦିଲୀପ ସାହୁ, ବଅଁରପାଳ

**ହ୍ୱାଟ୍ସଆପ୍ ନମ୍ବରରେ ଅଭିଯୋଗ କରିଥିଲି**



ପରିବା ଆଣିବା ପାଇଁ ବଜାରକୁ ଯାଉଥିବା ବେଳେ ରାସ୍ତାରେ ମୋବାଇଲଟି ପଡ଼ିଯାଇଥିଲା। ବହୁ ଖୋଜାଖୋଜି ସତ୍ତ୍ୱେ ନ ମିଳିବାରୁ ପୋଲିସ ପକ୍ଷରୁ ଜାରି କରାଯାଇଥିବା ହ୍ୱାଟ୍ସଆପ୍ ନମ୍ବରରେ ଅଭିଯୋଗ କରିଥିଲି। ଏହି ଅଭିଯୋଗକୁ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଥିବାରୁ ମୋବାଇଲ ଫେରିପାଇଛି। ପୋଲିସର ଏପରି ପ୍ରୟାସ ନିଶ୍ଚିତ ସ୍ୱାଗତଯୋଗ୍ୟ।

-କରୁଣାକର ରାଉତ, ନାଲ୍‌କୋ

**ମାସକ ଭିତରେ ମିଳିଗଲା ମୋବାଇଲ**



ଗତମାସରେ ବ୍ୟାଙ୍କକୁ ଯାଉଥିବା ବେଳେ ଗହଳିର ସୁଯୋଗ ନେଇ କେହି ମୋବାଇଲ ଚୋରାଇ ନେଇଥିଲେ। ଏ ନେଇ ସାଇବର ଥାନାରେ ଅଭିଯୋଗ କରିଥିଲି। ଅଭିଯୋଗର ଗୋଟିଏ ମାସ ଭିତରେ ଚୋରି ମୋବାଇଲ ମିଳିଛି। ପରିଚୟପତ୍ର ଦାଖଲ ଉତ୍ତାରୁ ମୋବାଇଲ ପାଇପାରିଛି।

-ଗଦାଧର ବେହେରା, ରାଣୀଗୋଡ଼ା

**୬ ମାସ ପରେ ମୋବାଇଲ ପାଇ ଖୁସି**



୬ ମାସ ତଳେ ମୋବାଇଲ ଘରୁ ଚୋରି ହୋଇଯାଇଥିଲା। ପୋଲିସ ପକ୍ଷରୁ ଜାରି ହ୍ୱାଟ୍ସଆପ ନମ୍ବରରେ ସବିଶେଷ ତଥ୍ୟ ଦେଇ ମେସେଜ କରିଥିଲି। ମୋବାଇଲ ଉଦ୍ଧାର ହୋଇଥିବା ନେଇ ପୋଲିସ ପକ୍ଷରୁ ମେସେଜ ଆସିବା ପରେ ଖୁସି ହୋଇଯାଇଥିଲି। ପରିଚୟପତ୍ର ଦେଖାଇ ମୋବାଇଲ ପାଇପାରିଛି। ଏଥିପାଇଁ ପୋଲିସକୁ ବହୁତ ଧନ୍ୟବାଦ।

-ରାଜାଲିନ ନାୟକ, ବୁଢ଼ାମ



ନୂଆଦିଲ୍ଲୀର ସାଉଥ୍ ବ୍ଲକଠାରେ ଅନୁଷ୍ଠିତ ଏକ ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଆର୍ମି ଷ୍ଟାଫ୍ ମୁଖ୍ୟ (ସିଓଏଏସ୍) ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରାଙ୍କୁ ସମ୍ମାନଜନକ ଲ୍ୟୁଟନାଣ୍ଟ କଲୋନେଲ ଉପାଧିରେ ସମ୍ମାନିତ କରୁଛନ୍ତି।

# ନୀରଜଙ୍କୁ ଲ୍ୟୁଟନାଣ୍ଟ କଲୋନେଲ ଉପାଧି

**ନୂଆଦିଲ୍ଲୀ, ୨୨।୧୦**

ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ନୀରଜ ଚୋପ୍ରାଙ୍କୁ ବୁଧବାର ସାଉଥ ବ୍ଲକରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟନାଣ୍ଟ କଲୋନେଲ ପଦବୀର ଉଜ୍ଜ୍ୱଳ ଚିହ୍ନ ପ୍ରଦାନ କରିଛନ୍ତି। ଏହି ନିଯୁକ୍ତି ସମ୍ପର୍କରେ ଗତ ୧୬ ତାରିଖରେ ପ୍ରକାଶ ପାଇଥିବା 'ଦି ଗେଜେଟ ଅଫ୍ ଇଣ୍ଡିଆ'ରେ ଦର୍ଶାଯାଇଥିଲା।

'ଲ୍ୟୁଟନାଣ୍ଟ କଲୋନେଲ ନୀରଜ ଚୋପ୍ରା ଶୃଙ୍ଖଳା, ନିଷ୍ଠା ଓ ଜାତୀୟ ଗର୍ବର ପ୍ରତୀକ। ସେ କ୍ରୀଡ଼ା ଜଗତ ଭଳି ସଶସ୍ତ୍ର ବାହିନୀରେ ମଧ୍ୟ ନିଜ ସେବା ବଳରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଉଛନ୍ତି' ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି। ଏହି ଅବସରରେ ଚିଫ ଅଫ୍ ଦି ଆର୍ମି ଷ୍ଟାଫ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ଭାରତୀୟ ସେନା ଓ ଟେରିଟୋରିଆଲ ଆର୍ମିର ଅନ୍ୟ ସିନିୟର ଅଧିକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଭାରତୀୟ ସେନାରେ ସାମିଲ ହୋଇଥିବା ଲ୍ୟୁଟନାଣ୍ଟ କଲୋନେଲ ନୀରଜ ଭାରତୀୟ ସେନାର ଦି ରାଜପୁତାନା ରାଇଫଲ୍ସ ସହିତ କର୍ଯ୍ୟ କରୁଛନ୍ତି। ସେ ନାଏବ ସୁବେଦାର ଭାବେ ସାମରିକ ବୃତ୍ତି ଆରମ୍ଭ କରିଥିଲେ। ଆଥଲେଟିକ୍ସରେ ତାଙ୍କର ଉପଲବ୍ଧି ଯୋଗୁ ତାଙ୍କୁ ୨୦୨୧ରେ ସୁବେଦାରକୁ ପଦୋନ୍ନତି କରାଯାଇଥିଲା। ତାଙ୍କର ଉଜ୍ଜ୍ୱଳମୟ କ୍ୟାରିୟରରେ ଅର୍ଜୁନ ସମ୍ମାନ (୨୦୧୮) ଓ ଖେଳ ରତ୍ନ (୨୦୨୧) ସାମିଲ ରହିଛି। ଟୋକିଓ ୨୦୨୦ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କୁ ୨୦୨୨ରେ ପରମ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରାଯାଇଥିଲା। ଏଭଳି ଉପଲବ୍ଧ ଯୋଗୁ ତାଙ୍କୁ ସେହି ବର୍ଷ ସୁବେଦାର ମେଜର ପଦକୁ ପଦୋନ୍ନତି ମିଳିଥିଲା। ସେହି ବର୍ଷ ସେ ପଦ୍ମ ଶ୍ରୀ ସମ୍ମାନ ମଧ୍ୟ ପାଇଥିଲେ, ଯାହାକି ଭାରତର ଚତୁର୍ଥ ସର୍ବାଧିକ ବେସାମରିକ ସମ୍ମାନ।

# ୨୦୨୬ ୱିଣ୍ଟର ଅଲିମ୍ପିକ୍ସ: ବିନ୍ଦ୍ରା ମଶାଲ ବାହକ

**ନୂଆଦିଲ୍ଲୀ, ୨୨।୧୦(ପି.ଟି.):** ଆସନ୍ତା ବର୍ଷ ହେବାକୁଥିବା ୱିଣ୍ଟର ଅଲିମ୍ପିକ୍ସ ଲାଗି ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଅଭିନବ ବିନ୍ଦ୍ରାଙ୍କୁ ବୁଧବାର ମଶାଲ ବାହକ ଭାବେ ଚୟନ କରାଯାଇଛି। ୱିଣ୍ଟର ଅଲିମ୍ପିକ୍ସ ୨୦୨୬ ଆସନ୍ତା ବର୍ଷ ଫେବୃଆରୀ ୬ରୁ ୨୨ ପର୍ଯ୍ୟନ୍ତ ଇଟାଲୀର ମିଲାନ ଓ କର୍ଟିନା ଡି ଆମ୍ପେଜୋଠାରେ ହେବ।

'ମିଲାନ୍‌କର୍ଟିନା ୨୦୨୬ ଅଲିମ୍ପିକ୍ ଲାଗି ମଶାଲ ବାହକ ଭାବେ ଚୟନ କରାଯିବା ସମ୍ମାନର ବିଷୟ। ମୋ ହୃଦୟରେ ଅଲିମ୍ପିକ୍ ମଶାଲ ଲାଗି ସ୍ୱତନ୍ତ୍ର ସ୍ଥାନ ରହିଛି, ଯାହାକି ସ୍ୱପ୍ନ, ଧୈର୍ଯ୍ୟ ଏବଂ ଏକତାର ପ୍ରତୀକ। ଏହି ଅଭୂତପୂର୍ବ ସମ୍ମାନ ଲାଗି ମିଲାନ କର୍ଟିନା ୨୦୨୬କୁ ଧନ୍ୟବାଦ' ବୋଲି ବିନ୍ଦ୍ରା ଏକ୍ସ'ରେ ପୋଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିନ୍ଦ୍ରା ଭାରତର ପ୍ରଥମ ଆଥଲେଟ୍ ଭାବେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଏହି ସଫଳତା ପାଇଥିଲେ।

# ସିରିଜ୍ ବରାବର ଲକ୍ଷ୍ୟରେ ଭାରତ

**ଆଡିଲେଡ୍, ୨୨।୧୦(ପି.ଟି.)**

ସ୍ଥାନୀୟ ଆଡିଲେଡ୍ ଓଭାଲରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଦିନିକିଆ ମ୍ୟାଚ୍ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା କର–ବା–ମର ମ୍ୟାଚ୍ ହେବ। ଏଣୁ ଏହି ମ୍ୟାଚ୍‌କୁ ଜିତି ଭାରତୀୟ ଦଳ ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ତେବେ ଭାରତର ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ଉପରେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଅନେକଥର ବର୍ଷା ବାଧକ ସାଜିବାରୁ ଭାରତୀୟ ଦଳର ବ୍ୟାଟିଂ ବିଭାଗ କଦାପି ମୁମେଣ୍ଟମ୍ ହାସଲ କରିପାରି ନ ଥିଲା। ଫଳରେ ଅଷ୍ଟ୍ରେଲିଆ ୭ ଉଇକେଟରେ ମ୍ୟାଚ୍ ଜିତିନେଇଥିଲା। ବୋଲିଂ ବିଭାଗ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିଲା। ମାତ୍ର ବୋଲରଙ୍କୁ ବ୍ୟାଟିଂ ବିଭାଗ ମାତ୍ର ୧୩୬ ରନ୍ ହିଁ ଦେଇଥିଲା। ପର୍ଥ ଭଳି ଆଡିଲେଡ୍‌ରେ ମଧ୍ୟ ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଭାରତୀୟ ବ୍ୟାଟିଂ ଲାଇନ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପାଇଁ ଭଲ ପ୍ରଦର୍ଶନ କରିଥିବା ସ୍ପିନର ମ୍ୟାଟ୍ କୁହ୍ନେମାନଙ୍କୁ ଦଳରୁ ରିଲିଜ୍ କରାଯାଇଛି। ପ୍ରଥମଥର ବାପା ହେବା ପରେ ସିନିୟର ଲେଗ୍ ସ୍ପିନର ଆଡାମ ଜାମ୍ପା ଓ ଫିଟ୍‌ନେସ୍ ହାସଲ କରିଥିବା ଆଲେକ୍ସ କ୍ୟାରି ମଧ୍ୟ ଦଳକୁ ଫେରିଛନ୍ତି।

ପ୍ରତିଭାବାନ୍ ଓପନର ଯଶସ୍ୱୀ ଜୟସ୍ୱାଲ ବେଞ୍ଚରେ ବସିଥିବାରୁ ରୋହିତ୍‌ଙ୍କ ଉପରେ ପ୍ରଦର୍ଶନ କରିବା ଲାଗି ଚାପ ରହିବ। ରୋହିତ୍ ବୁଧବାର ଓଭାଲ ପ୍ରାକ୍ଟିସ୍ ଆରେନାକୁ ଦଳର ଅନ୍ୟ ସଦସ୍ୟଙ୍କମାନଠାରୁ ୪୫ ମିନିଟ୍ ପୂର୍ବରୁ ଆସିଥିଲେ। ଏହି ଅସ୍ୱନାଲ ଟ୍ରେନିଂ ସେସନରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଦୁଇ ଥ୍ରୋ–ଡାଉନ୍ ସ୍ପେଶାଲିଷ୍ଟଙ୍କ ସହିତ ରୋହିତ୍ ବ୍ୟାଟିଂ ପ୍ରାକ୍ଟିସ୍ କରିଥିଲେ।



ଭାରତୀୟ ଦଳର ନେଟ୍ସ ଅବସରରେ କୋଚ୍ ଗୌତମ ଗମ୍ଭୀରଙ୍କ ସହ ରୋହିତ ଶର୍ମା।

ହେଲେ ମଙ୍ଗଳବାର ଲମ୍ବା ବ୍ୟାଟିଂ ପ୍ରାକ୍ଟିସ୍ କରିଥିବା କୋହଲି ବୁଧବାର ଗ୍ରାଉଣ୍ଡରୁ ଦୂରେଇ ରହିଥିଲେ।

## ହାର୍ଦ୍ଦିକ୍‌ଙ୍କ ଅନୁପସ୍ଥିତି ଅନୁଭବ ହେଉଛି

ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ସର୍ବଦା ଭାରତୀୟ ହ୍ୱାଇଟ୍ ବଲ ଦଳର ସନ୍ତୁଳନକୁ ପ୍ରଭାବିତ କରେ। 'ହାର୍ଦ୍ଦିକ୍‌ଙ୍କ ଭଳି ଖେଳାଳିଙ୍କୁ ହରାଇବା ଯେକୌଣସି ଦଳ ପାଇଁ ଏକ ବଡ଼ କ୍ଷତି। କିନ୍ତୁ ଏଥିଯୋଗୁ ନୀତୀଶ ରେଡ୍ଡୀଙ୍କୁ ଗେମ୍ ଟାଇମ୍ ମିଳୁଛି। ଆମେ ତାଙ୍କ ପ୍ରଦର୍ଶନରେ ସୁଧାର ଆଣିବାକୁ ଚେଷ୍ଟା କରୁଛୁ। ପ୍ରତ୍ୟେକ ଦଳକୁ ଜଣେ ଅଲ୍‌ରାଉଣ୍ଡର ଦରକାର ଏବଂ ଆମେ ତାଙ୍କୁ ସେହି ଭୂମିକା ଲାଗି ପ୍ରସ୍ତୁତ କରୁଛୁ' ବୋଲି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ୍ କହିଛନ୍ତି।

## ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ହୋଇପାରେ

ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଏଣୁ ଉଇକେଟ୍ ଟେକିଂ ଅପ୍ସନ ଭାବେ କୁଲଦୀପ ଯାଦବଙ୍କୁ ଦଳରେ ସାମିଲ କରାଯାଇପାରେ। ଗତ ମ୍ୟାଚ୍‌ରେ ଦଳ ଲମ୍ବା ବ୍ୟାଟିଂ ଲାଇନ୍ ଖେଳାଇଥିବାରୁ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଥିଲା। ଏହା ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ହର୍ଷିତ ରାଣାଙ୍କ ବଦଳରେ ସାମିଲ କରାଯାଇପାରେ। ଏହାସତ୍ତ୍ୱେ ଭାରତୀୟ ଦଳ ସମାନ ଏକାଦଶ ଖେଳାଇବାର ସମ୍ଭାବନା ରହିଛି।

ସମ୍ଭାବ୍ୟ ଭାରତୀୟ ଦଳ: ରୋହିତ୍ ଶର୍ମା, ଶୁବମନ ଗିଲ୍(ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ(ଉଇକେଟ୍‌କିପର), ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର/କୁଲଦୀପ ଯାଦବ, ହର୍ଷିତ ରାଣା/ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ମହମ୍ମଦ ସିରାଜ୍।


ସମ୍ଭାବ୍ୟ ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ(ଅଧିନାୟକ), ଟ୍ରାଭିସ ହେଡ୍, ମାଥ୍ୟୁ ଶର୍ଟ, ଜୋଶ୍ ଫିଲିପ/ଆଲେକ୍ସ କାରି, ମ୍ୟାଟ ରେନଶ୍, କୁପର କନୋଲି, ମିଚେଲ ଓୱେନ, ମିଚେଲ ଷ୍ଟାର୍କ, ନାଥନ ଏଲିସ, ଆଡାମ ଜାମ୍ପା, ଜୋଶ୍ ହାଜେଲଉଡ୍।

**ସମୟ: ସକାଳ ୯ଟା**
**ପ୍ରସାରଣ: ଜିଓ ହଟ୍‌ଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**

# କୋହଲି, ରୋହିତ୍ ଘରୋଇ କ୍ରିକେଟ ଖେଳିବା ଉଚିତ



ବିରାଟ କୋହଲି



ସଞ୍ଜୟ ଜଗଦଲେ

**ଇନ୍ଦୋର, ୨୨।୧୦(ପି.ଟି.)**

## ସଞ୍ଜୟ ଜଗଦଲେଙ୍କ ପରାମର୍ଶ

ମ୍ୟାଚ୍ ଫିଟ୍‌ନେସ୍ ବଜାୟ ରଖିବାକୁ ହେଲେ ଭାରତର ବ୍ୟାଟିଂ ଗ୍ରେଟ୍ ବିରାଟ କୋହଲି ଓ ରୋହିତ୍ ଶର୍ମା ଘରୋଇ କ୍ରିକେଟ୍ ଖେଳିବା ଉଚିତ ବୋଲି ଅନୁଭବ କରୁଛନ୍ତି ପୂର୍ବତନ ଜାତୀୟ ଚୟନକର୍ତ୍ତା ସଞ୍ଜୟ ଜଗଦଲେ। କୋହଲି ଓ ରୋହିତ୍ ଏବେ କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଛନ୍ତି। ତେଣୁ ଦୁହେଁ ୨୦୨୭ ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହା ତାଙ୍କ ଫର୍ମ ଓ ଫିଟ୍‌ନେସ୍ ଉପରେ ନିର୍ଭର କରିବ ବୋଲି ବିସିସିଆଇର ପୂର୍ବତନ ସମ୍ପାଦକ ଦାୟିତ୍ୱ ତୁଲାଇଥିବା ଜଗଦଲେ କହିଛନ୍ତି। ସୀମିତ ଓଭର କ୍ରିକେଟ୍‌ରେ ଦୁହେଁ ଦକ୍ଷ ଖେଳାଳି, ଏଥିରେ ଦ୍ୱିମତ ନାହିଁ। ମାତ୍ର ନିୟମିତ ନ ଖେଳିଲେ ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିବ, ଯାହାକି ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ କ୍ଷେତ୍ରରେ ହୋଇଛି। ବ୍ରାଏନ୍ ଲାରା ଓ ମାଥ୍ୟୁ ହେଡେନ ମଧ୍ୟ ସମାନ ଦଶା ଭୋଗିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାପରେ ଅନେକ ଖେଳାଳି ପୂର୍ବପରି ପ୍ରଦର୍ଶନ ଦେଇପାରି ନ ଥାନ୍ତି। ଏହା ସ୍ୱାଭାବିକ୍ କଥା ବୋଲି ଜଗଦଲେ କହିଛନ୍ତି।

କୋହଲି ଓ ରୋହିତ୍ ପାଖାପାଖି ୬ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିଲେ। ମାତ୍ର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ବିଫଳ ରହିଥିଲେ। ରୋହିତ ୧୪ ବଲ୍‌ରୁ ୮ ରନ୍ କରିଥିବାବେଳେ କୋହଲି ୮ ବଲ୍‌ରୁ ଡକ୍(୦)ରେ ଆଉଟ୍ ହୋଇଥିଲେ। "ଉଭୟ କୋହଲି ଓ ରୋହିତ୍ ଘରୋଇ କ୍ରିକେଟ୍ ଖେଳିଲେ ମୁଁ ଖୁସି ହେବି। ସେମାନଙ୍କ ମନରେ କ'ଣ ଅଛି ତାହା ଜାଣିନାହିଁ, ମାତ୍ର ଘରୋଇ ଟୁର୍ନାମେଣ୍ଟରେ ଖେଳିବା ସେମାନଙ୍କ ପାଇଁ ନିଶ୍ଚିତ ଫାଇଦା" ବୋଲି ଜଗଦଲେ ପ୍ରକାଶ କରିଛନ୍ତି। ୨୦୨୭ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ବେଳକୁ ରୋହିତ୍ ୪୦ ଓ କୋହଲି ୩୮ ବର୍ଷ ବୟସରେ ପହଞ୍ଚିଥିବେ। ଫର୍ମ ଓ ଫିଟ୍‌ନେସ୍ ଉପରେ ସବୁକିଛି ନିର୍ଭର କରିବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ରୋହିତ୍‌ଙ୍କ ସ୍ଥାନରେ ଶୁବମନଙ୍କୁ ଦିନିକିଆ କ୍ରିକେଟ୍ ଅଧିନାୟକ କରାଯିବାରେ କିଛି ତ୍ରୁଟି ନାହିଁ ବୋଲି ସେ କହିଛନ୍ତି।

# 'ସର୍ଫରାଜ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଚୟନ କରାଯାଇନାହିଁ କି'

**ନୂଆଦିଲ୍ଲୀ, ୨୨।୧୦ (ପି.ଟି.):** ଯୁବ ବ୍ୟାଟର ସର୍ଫରାଜ୍ ଖାନ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଭାରତ–ଏ' କ୍ରିକେଟ୍ ଦଳରେ ଚୟନ କରାଯାଇନାହିଁ କି। କଂଗ୍ରେସ ପ୍ରବକ୍ତା ଶାମା ମହମଦ ବୁଧବାର ଏଭଳି ବିବାଦୀୟ ବୟାନ ଦେଇଛନ୍ତି। ତାଙ୍କର ଏଭଳି ବୟାନକୁ ଭାଜପା ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ଦକ୍ଷିଣ ଆଫ୍ରିକା–ଏ' ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ମଙ୍ଗଳବାର ଭାରତ–ଏ' ଦଳ ଘୋଷଣା କରାଯାଇଥିଲା। ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଏହି ଦଳରେ ସର୍ଫରାଜ୍‌ଙ୍କୁ ସାମିଲ କରାଯାଇନାହିଁ। ଗତ କିଛିବର୍ଷ ଧରି ଘରୋଇ କ୍ରିକେଟ୍‌ରେ ଲଗାତର ଭଲ ପ୍ରଦର୍ଶନ ସତ୍ତ୍ୱେ ୨୮ ବର୍ଷୀୟ ସର୍ଫରାଜ୍‌ଙ୍କୁ ଦଳରେ ସ୍ଥାନ ନ ମିଳିବାକୁ ନେଇ ସୋସିଆଲ ମିଡିଆରେ ଚୟନକର୍ତ୍ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା। କଂଗ୍ରେସ ନେତ୍ରୀ ଏକ୍ସ'ରେ ପୋଷ୍ଟ କରିଥିଲେ ଯେ, ସର୍ଫରାଜ୍ ଖାନ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଚୟନ କରାଯାଉନାହିଁ କି। ତାଙ୍କୁ କଡ଼ା ଜବାବ ଦେଇ ଭାଜପା ପ୍ରବକ୍ତା ଶେହଜାଦ ପୁନାୱାଲ କହିଛନ୍ତି, ଏହି ମହିଳା ଓ ତାଙ୍କ ଦଳ ଅସୁସ୍ଥ ଅଛନ୍ତି। ରୋହିତ ଶର୍ମାଙ୍କୁ ମୋଟା କହିବା ପରେ ସେ ଓ ତାଙ୍କ ପାର୍ଟି ଆମ କ୍ରିକେଟ୍ ଦଳକୁ ସାମ୍ପ୍ରଦାୟିକ ଭିତ୍ତିରେ ଭାଗ ଭାଗ କରିବାକୁ ଚାହୁଁଛି। ଦେଶର ବିଭାଜନ କରି ମନ ଭରିନାହିଁ କି। ଦଳରେ ମହମ୍ମଦ ସିରାଜ୍ ଓ ଖଲିଲ ଅହମଦ ଖେଳିବେ। ସାମ୍ପ୍ରଦାୟିକ ଓ ଜାତି ଭିତ୍ତିରେ ଭାରତକୁ ବାଣ୍ଟିବା ବନ୍ଦ କର।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସୁଶ୍ରୀ, ତନ୍ମୟୀ

**ଭୁବନେଶ୍ୱର, ୨୨।୧୦(ତପନ ସ୍ୱାଇଁ)**

## ସିନିୟର ମହିଳା ଆନ୍ତଃଜୋନ୍ ଟି୨୦

■ ଷ୍ଟାଣ୍ଡବାଇ ତାଲିକାରେ ଜ୍ୟୋତି କୁମାରୀ



ସୁଶ୍ରୀ ଦିବ୍ୟଦର୍ଶିନୀ



ତନ୍ମୟୀ ବେହେରା



ଜ୍ୟୋତି କୁମାରୀ ପ୍ରସାଦ

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ୍ ସିଜନ ୨୦୨୫–୨୬ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନାଲ ଟି୨୦ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳ ଘୋଷଣା ହୋଇଛି। ଏଥିରେ ଓଡ଼ିଶାର ବୋଲିଂ ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ବ୍ୟାଟିଂ ଅଲ୍‌ରାଉଣ୍ଡର ତନ୍ମୟୀ ବେହେରା ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ସିନିୟର ମହିଳା ଟି୨୦ ଟ୍ରଫିର ପ୍ରଦର୍ଶନଭିତ୍ତିରେ ଏହି ୨ ଓଡ଼ିଶା ଖେଳାଳିଙ୍କୁ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ନିଆଯାଇଛି। ଏହା ବ୍ୟତୀତ ଓଡ଼ିଶାର ଅନ୍ୟତମ ପ୍ରତିଭାସମ୍ପନ୍ନ ଖେଳାଳି ଜ୍ୟୋତି କୁମାରୀ ପ୍ରସାଦଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବିସିସିଆଇର ସିନିୟର ମହିଳା ଆନ୍ତଃଜୋନ୍ ଟି୨୦ ଟୁର୍ନାମେଣ୍ଟ ନାଗାଲାଣ୍ଡଠାରେ ନଭେମ୍ବର ୪ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶାର ଏହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ପୂର୍ବାଞ୍ଚଳ ଦଳ:** ମିତା ପଲ୍(ଅଧିନାୟିକା), ଅଶ୍ୱିନୀ (ଉପ–ଅଧିନାୟିକା), ପ୍ରିୟଙ୍କା ଲୁଥ୍ରା, ଧାରା ଗୁଜ୍ଜର, ତନୁଶ୍ରୀ ସରକାର, ରଶ୍ମୀ ଗୁଡ଼ିଆ, ଜିନ୍ତି ମନି କାଲିଟା, ରଶ୍ମୀ ଦେ, ତନ୍ମୟୀ ବେହେରା, ସୁଶ୍ରୀ ଦିବ୍ୟଦର୍ଶିନୀ, ଟିଟାସ ସାଧୁ, ସାଇକା ଇସାକ, ଆରତି କୁମାରୀ, ମମତା ପାସ୍‌ୱାନ, ପ୍ରିୟଙ୍କା ଆଚାର୍ଯ୍ୟ। ଷ୍ଟାଣ୍ଡବାଇ: ପ୍ରଗତି ସିଂ, ସୁପ୍ରିୟା ଦାସ, ଖୁସି ଶର୍ମା, ଶଶୀ ମାଥୁର, ଜ୍ୟୋତି କୁମାରୀ ପ୍ରସାଦ।

# ଆନ୍ତଃସ୍କୁଲ ଚେସ୍: ସୀମା, କ୍ଷେତ୍ରବର ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୦(ତପନ ସ୍ୱାଇଁ)**

ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍–୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଭୁବନେଶ୍ୱର ଆନ୍ତଃସ୍କୁଲ ଚେସ୍ ଚାମ୍ପିୟନଶିପ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାର ବାଳିକା ବର୍ଗରେ ସୀମା ପୃଷ୍ଟି ଏବଂ ବାଳକରେ କ୍ଷେତ୍ରବର ମାଝି ଚାମ୍ପିୟନ ହୋଇଛନ୍ତି। ଉଭୟ ହେଉଛନ୍ତି କିସ୍ ଖେଳାଳି। ବାଳିକାରେ ସୁକାନ୍ତି ମୁର୍ମୁ, ଆର୍.ଆର୍. ସଙ୍ଗୀତା, ଫୁଲ ସୋରେନ, ଶୁଭଶ୍ରୀ ଶୁଭସ୍ମିତା ସେଠୀ ଏବଂ ବାଳକରେ ଟେମ୍ପୁରୁ ହେମ୍ବ୍ରମ୍, ସ୍ମୃତିରଞ୍ଜନ ସାହୁ, ଅଭିଲାଷ ଜେନା ଓ ପି. ଚରଣ ରେଡ୍ଡୀ ଟପ୍–୫ ଫିନିଶ୍ କରିଛନ୍ତି। ଏହି ଖେଳାଳିମାନେ ଚଳିତ ମାସ ୨୭ ଓ ୨୮ ତାରିଖରେ ବିଜେବି ହାଇସ୍କୁଲରେ ହେବାକୁଥିବା ୧୭ ବର୍ଷରୁ କମ୍ ରାଜ୍ୟ ବାଳିକା ଓ ବାଳକ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିବେ। ରିଜର୍ଭ ତାଲିକାରେ ରହିଛନ୍ତି ଦେବସ୍ମିତା ବାରିକ, ଶ୍ରଦ୍ଧାଞ୍ଜଳି ସାହୁ, ଦେବାଶିଷ ବାଲା ଓ ପ୍ରିୟରଞ୍ଜନ ମହାନ୍ତି। କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାଶ, ପିଇଟି କିଶୋର କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ପର୍ଯ୍ୟବେକ୍ଷକ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ଉପସ୍ଥିତ ଥିଲେ।



ବାଳିକା ଓ ବାଳକ ବର୍ଗରେ ପ୍ରଥମ ୫ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଅତିଥିଙ୍କ ସହ।

# ମୁହାଁମୁହିଁ ହେବେ ବିସିସିଆଇ-ପିସିବି

**କରାଚି, ୨୨।୧୦(ପି.ଟି.)**

## ଏସିଆ କପ୍ ଟ୍ରଫି ବିବାଦ

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦର ସମାଧାନ ଖୁବ୍‌ଶୀଘ୍ର ହେବାର ସମ୍ଭାବନା ଦେଖାଯାଉନାହିଁ। ଟ୍ରଫି ଫେରାଇବା ଲାଗି ବିସିସିଆଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସତ୍ତ୍ୱେ ଏସିଆନ କ୍ରିକେଟ୍ କାଉନସିଲ(ଏସିସି) ମୁଖ୍ୟ ଦାୟିତ୍ୱରେ ଥିବା ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ନିଜ ଜିଦିରେ ଅଟଳ ରହିଛନ୍ତି। ସେ ଏବେ ବି ବ୍ୟକ୍ତିଗତ ଭାବେ ଟ୍ରଫି ହସ୍ତାନ୍ତର କରିବାକୁ ଜିଦି ଧରି ବସିଛନ୍ତି। ବିସିସିଆଇ ଓ ଏସିସିର ଅନ୍ୟ ସଦସ୍ୟ ଦେଶଙ୍କୁ ପଠାଇଥିବା ଉତ୍ତରରେ ନକ୍‌ଭି ଆସନ୍ତା ନଭେମ୍ବର ୧୦ରେ ଦୁବାଇଠାରେ ଏକ ଉତ୍ସବ ଆୟୋଜନ କରି ଉପଲବ୍ଧ ଥିବା ଭାରତୀୟ ଖେଳାଳି ଓ ବିସିସିଆଇ ପ୍ରତିନିଧିଙ୍କୁ ଟ୍ରଫି ଦେବାକୁ ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ଏହାର ଅର୍ଥ ଆସନ୍ତା ୪ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଆଇସିସି ମିଟିଂରେ ଦୁଇ ବୋର୍ଡ ମୁହାଁମୁହିଁ ହେବେ।

'ଏସିସି ଟ୍ରଫି ଉପରେ ଭାରତୀୟ କ୍ରିକେଟ୍ ଦଳର ପୂର୍ଣ୍ଣ ଅଧିକାର ରହିଛି। ବିସିସିଆଇ ପଦାଧିକାରୀଙ୍କ ସହ ଅଂଶଗ୍ରହଣକାରୀ ଭାରତୀୟ ଦଳର ଯେକୌଣସି ଖେଳାଳି ଏସିସି ସଭାପତିଙ୍କଠାରୁ ଟ୍ରଫି ସଂଗ୍ରହ କରିପାରିବେ। ଦୀର୍ଘବର୍ଷରୁ ଚାଲିଆସିଥିବା ପରମ୍ପରା ବିଚ୍ୟୁତ୍ ହେବା ଉଚିତ ନୁହେଁ। ଏହି ଟ୍ରଫି ପ୍ରଦାନ ଲାଗି କଭରେଜ୍ ସହିତ ଉତ୍ସବ ହେବ। ଏସିସି ସଭାପତିଙ୍କ କାର୍ଯ୍ୟାଳୟ କୌଣସି ହୀନ ରାଜନୀତିରେ ସାମିଲ ହେବନାହିଁ, ଯାହାକି କିଛି ଉଗ୍ରବାଦୀ ସଂଗଠନକୁ ଶାନ୍ତ କରିବାକୁ ଉଦ୍ଦିଷ୍ଟ। ପ୍ରକୃତ କଥା ହେଲା, ଏସିସି କାର୍ଯ୍ୟାଳୟ କିମ୍ବା ଟୁର୍ନାମେଣ୍ଟ ନିର୍ଦ୍ଦେଶକଙ୍କୁ ପୁରସ୍କାର ବିତରଣ ଉତ୍ସବ ସମ୍ପର୍କରେ ବିସିସିଆଇ ପକ୍ଷରୁ କୌଣସି ଚିନ୍ତାବ୍ୟକ୍ତ କରାଯାଇ ନ ଥିଲା। ପୁରସ୍କାର ଉତ୍ସବ ଆୟୋଜନ କରାଯାଉଥିବା ବେଳେ ମଞ୍ଚରେ ଅନ୍ୟ ଅତିଥି ଉପସ୍ଥିତ ଥିବା ବେଳେ ଭାରତୀୟ ଖେଳାଳି ଟ୍ରଫି ଓ ମେଡାଲ ଗ୍ରହଣ କରିବେ ନାହିଁ ବୋଲି ବିସିସିଆଇ ପ୍ରତିନିଧି ଜଣାଇଥିଲେ। ସମସ୍ୟାର ସମାଧାନ ଲାଗି ଉଦ୍ୟମ କରାଯାଇଥିଲା। ଏସିସି ସଭାପତି ଅନ୍ୟ ଅତିଥିଙ୍କ ସହ ପ୍ରାୟ ୪୦ ମିନିଟ୍ ଧରି ପୁରସ୍କାର ବିତରଣ ଉତ୍ସବର ମର୍ଯ୍ୟାଦାର ସୁରକ୍ଷିତ ରଖିବା ପାଇଁ ଅପେକ୍ଷା କରିଥିଲେ ବୋଲି ନକ୍‌ଭି ତାଙ୍କ ଉତ୍ତରରେ ଲେଖିଛନ୍ତି।

# ଭାରତ-ନ୍ୟୁଜିଲାଣ୍ଡ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆଜି

**ନଭି ମୁମ୍ବାଇ, ୨୨।୧୦**

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍ ଗୁରୁବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ୮ ଦଳବିଶିଷ୍ଟ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଦୌଡ଼ରେ ମୁଖ୍ୟତଃ ଭାରତ ଓ ନ୍ୟୁଜିଲାଣ୍ଡ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚ୍‌ଟି ଅଘୋଷିତ କ୍ୱାର୍ଟର ଫାଇନାଲର ରୂପ ନେଇଛି। କାରଣ ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲରେ ପ୍ରବେଶ କରିବାର ସମ୍ଭାବନା ବଢ଼ିଯିବ। ଭାରତ

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**

ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ହ୍ୱାଇଟ୍ ଫେର୍ନ୍ସ (ନ୍ୟୁଜିଲାଣ୍ଡ) ଦଳ ମଧ୍ୟ ୫ ମ୍ୟାଚ୍‌ରୁ ୧ ବିଜୟ, ୨ ପରାଜୟ ଓ ୨ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରୁ ପାଇଥିବା ପଏଣ୍ଟ ଭିତ୍ତିରେ ୪ ପଏଣ୍ଟ ସହିତ ୫ମ ସ୍ଥାନ ଅଧିକାର କରିଛି। ଭାରତ ଏହାର ଶେଷ ମ୍ୟାଚ୍ ୨୬ ତାରିଖରେ ବାଂଲାଦେଶ ବିପକ୍ଷରେ ଏବଂ ନ୍ୟୁଜିଲାଣ୍ଡ ଏହାର ଶେଷ ମ୍ୟାଚ୍ ୨୭ ତାରିଖରେ ଶକ୍ତିଶାଳୀ ଇଂଲଣ୍ଡ ବିପକ୍ଷରେ ଖେଳିବାର ଅଛି। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ର ବିଜେତା ୬ ପଏଣ୍ଟରେ ପହଞ୍ଚିଯିବ। ଏ କ୍ଷେତ୍ରରେ ଆଗକୁ ବଢ଼ିବାର ପଥ ସୁଗମ ହେବ। ଭାରତ ଏହି ମ୍ୟାଚ୍ ହାରିଗଲେ ଜଟିଳ ଅଙ୍କକଷା ମଧ୍ୟରେ ଭାଗ୍ୟ ଝୁଲିକି ରହିବ। ଯେପରିକି ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ବାଂଲାଦେଶକୁ ହରାଇବା ସହ ଇଂଲଣ୍ଡଠାରୁ ନ୍ୟୁଜିଲାଣ୍ଡ ହାରିବା ଆବଶ୍ୟକ। ଶ୍ରୀଲଙ୍କା ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇଲେ ଏହି ଦଳ ମଧ୍ୟ ୬ ପଏଣ୍ଟରେ ପହଞ୍ଚିବ। ତେଣୁ ସମାନ ପଏଣ୍ଟ କ୍ଷେତ୍ରରେ ରନ୍‌ହାର ଇତ୍ୟାଦି ଅଙ୍କକଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇବା ପରେ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ହାରି ଚାପରେ ରହିଛି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲିଂକୁ ସହଜରେ ମୁକାବିଲା କରି ରନ୍ ଚେଜ୍ କରିନେଇଥିବାବେଳେ ଇନ୍ଦୋରରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ପରାଜୟ ହରମନପ୍ରୀତ କୌରଙ୍କ ଦଳକୁ ଶକ୍ତ ଆଘାତ ଦେଇଥିଲା। ହାତରେ ୭ ଉଇକେଟ ଥାଇ ୫୪ ବଲ୍‌ରୁ ୫୬ ରନ୍ ସଂଗ୍ରହ କରିପାରି ନ ଥିଲା ଭାରତୀୟ ଦଳ। ଏହା ଉଭୟ ଅଧିନାୟିକା ଓ କୋଚ୍ ଅମୋଲ ମଜୁମ୍‌ଦାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପର୍ଯ୍ୟନ୍ତ ଭାରତ ଟପ୍ ଅର୍ଡରର କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜ୍‌ରେ ରହି ମ୍ୟାଚ୍ ଫିନିଶ୍ କରିପାରିନାହାନ୍ତି। ସେହିପରି ବୋଲରମାନଙ୍କ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ନାହିଁ। ମିଡଲ ଅର୍ଡରରେ ବଡ଼ ଶଟ୍ ପାଇଁ ରିଚା ଘୋଷ୍‌ଙ୍କ ଉପରେ ଦଳ ପ୍ରାୟତଃ ନିର୍ଭର କରୁଛି। ଏପରି ସ୍ଥିତିରେ ହରମନପ୍ରୀତ ଏବଂ ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଷଷ୍ଠ ବୋଲର ଖେଳାଇବା ଲକ୍ଷ୍ୟରେ ଭାରତ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ବାଦ୍ ଦେଇ ସୁଇଂ ବୋଲିଂ ପାଇଁ ରେଣୁକା ଠାକୁରଙ୍କୁ ଖେଳାଉଛି। ମାତ୍ର ୩ ନମ୍ବର ଖେଳାଳି ହର୍ଲିନ ଦେଓଲ ଭଲ ଆରମ୍ଭ କରୁଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରୁନାହାନ୍ତି। ବର୍ଷା ଯୋଗୁ ଗତ ଦୁଇଦିନ ଭାରତର ଟ୍ରେନିଂ ସେସନ ଧୋଇଯାଇଛି। କେବଳ ବୁଧବାର ଅଭ୍ୟାସ କରି ଭାରତ ଆଗାମୀ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଛି। ଏଠାକାର ପିଚ୍ ସାଧାରଣତଃ ବ୍ୟାଟିଂ ଫ୍ରେଣ୍ଡ୍‌ଲି ରହିଥାଏ। ତେବେ ଦ୍ୱିତୀୟ ଇନିଂସ୍ ବେଳକୁ କାକର ପଡୁଥିବାରୁ ଟସ୍ ସମୟରେ ଏ ସମ୍ପର୍କରେ ଗୁରୁତ୍ୱର ସହ ଚିନ୍ତା କରିବାକୁ ପଡ଼ିବ।

ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ଓ ସୁଜି ବେଟ୍ସ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ତୃତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ମାତ୍ର କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ୨ଟି ମ୍ୟାଚ୍ ବର୍ଷାରେ ଧୋଇଯାଇଥିବାରୁ ଭାରତ ବିପକ୍ଷରେ ପୂରା ମ୍ୟାଚ୍ ଖେଳିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ନ୍ୟୁଜିଲାଣ୍ଡ ଏଥର ଦିନିକିଆ ଟ୍ରଫି ହାତେଇବା ଲକ୍ଷ୍ୟରେ ରହିଛି। ତେଣୁ ଭାରତକୁ ସହଜରେ କେବେହେଲେ ଏହି ଦଳ ବାଟ ଛାଡ଼ିବ ନାହିଁ। ଅଧିନାୟିକା ଡିଭାଇନ୍ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ସହ ୨୭୦ ରନ୍ ସଂଗ୍ରହ କରିସାରିଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ଭାରତୀୟ ବୋଲରଙ୍କ ନଜର ରହିବ।

ଏହି ମ୍ୟାଚ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଫେଭରାଇଟ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି ଅଧିନାୟିକା ସୋଫି ଡିଭାଇନ୍। ଭାରତ ଘରୋଇ ପରିବେଶରେ ଖେଳୁଛି। ତେଣୁ କ୍ୱାର୍ଟର ଫାଇନାଲର ରୂପ ନେଇଥିବା ଏହି ମ୍ୟାଚ ପାଇଁ ଭାରତ ଉପରେ ଅଧିକ ଚାପ ରହିବ। ଆମେ ପୂର୍ବରୁ ଏଭଳି ପରିସ୍ଥିତିର ସାମ୍ନା କରି ସାରିଛୁ। ଆଗାମୀ ମ୍ୟାଚରେ ଆମେ କଡ଼ା ଚ୍ୟାଲେଞ୍ଜ ଦେବୁ ବୋଲି ସେ ଦୃଢ଼ତାର ସହ କହିଛନ୍ତି।



ବୁଧବାର ଅଭ୍ୟାସ ଅବସରରେ ହର୍ଲିନ ଦେଓଲ ଓ ସ୍ମୃତି ମନ୍ଧାନା।

# ଶୀର୍ଷକୁ ଫେରିଲା ଅଷ୍ଟ୍ରେଲିଆ


ପ୍ଲେୟର ଅଫ୍ ଦି ମ୍ୟାଚ୍ ଆନାବେଲ ସଦରଲାଣ୍ଡ।

**ଇନ୍ଦୋର, ୨୨।୧୦**

ଆନାବେଲ ସଦରଲାଣ୍ଡ ଓ ଆଶଲେ ଗାର୍ଡନରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ବୁଧବାର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲ ଶୀର୍ଷକୁ ଫେରିଛି। ପ୍ରଥମେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପାଇଁ ଟମି ବ୍ୟୁମଣ୍ଟ ୭୮ (୧୦ ଚୌକା ଓ ୧ ଛକା) ରନ୍‌ର ପାଳି ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଦରଲାଣ୍ଡ ୩ ଓ ଗାର୍ଡନର ୨ ଉଇକେଟ ହାତେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୮ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ସଦରଲାଣ୍ଡ ଓ ଗାର୍ଡନର ଅବିଭାଜିତ ପଞ୍ଚମ ଉଇକେଟ ପାଇଁ ୧୮୦ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଅଷ୍ଟ୍ରେଲିଆ ୪୦.୩ ଓଭରରେ ୪ ଉଇକେଟ ହରାଇ ୨୪୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ସଦରଲାଣ୍ଡ ୯ ଚୌକା ଓ ୧ ଛକା ସହିତ ୯୮ ଓ ଗାର୍ଡନର ୭୩ ବଲରେ ୧୬ ଚୌକା ସହ ୧୦୪ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲିନ୍ସି ସ୍ମିଥ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୫୦ ଓଭରରେ ୨୪୪/୯(ଟମି ବ୍ୟୁମଣ୍ଟ-୭୮, ଆଲିସ କାପସି-୩୮, ଆନାବେଲ ସଦରଲାଣ୍ଡ-୩/୬୦, ଆଶଲେ ଗାର୍ଡନର-୨/୩୯, ସୋଫି ମଲିନ୍ୟୁ-୨/୫୨)। ଅଷ୍ଟ୍ରେଲିଆ: ୪୦.୩ ଓଭରରେ ୨୧୮/୪(ଆଶଲେ ଗାର୍ଡନର-୧୦୪*, ଆନାବେଲ ସଦରଲାଣ୍ଡ-୯୮*, ଲିନସି ସ୍ମିଥ-୨/୪୩, ଲୌରେନ ବେଲ-୧/୪୮)।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ